R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୬୨
ତିଥି : ଷଷ୍ଠୀ
୦୭ ଡିସେମ୍ବର ୨୦୨୪, ଶନିବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 62
07 Dec 2024, Saturday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

# ପୋଲାଭରମ ପ୍ରସଙ୍ଗରେ ହଙ୍ଗାମା, ପ୍ରଥମାର୍ଦ୍ଧ ଅଚଳ

ଭୁବନେଶ୍ୱର, ୬।୧୨ (ସବ୍ୟୁ) : ପୋଲାଭରମ ପ୍ରକଳ୍ପକୁ ନେଇ ଗୃହ ଏକପ୍ରକାର ଅଚଳ ହୋଇଛି । ହଙ୍ଗାମା, ନାରାବାଜିରେ କମ୍ପିଲା ଗୃହ । ସ୍ଲୋଗାନ ଥିଲା 'ଓଡ଼ିଶା ବୁଡ଼ିଲା, ଆନ୍ଧ୍ର ହସୁଛି... ଡବଲ ଇଞ୍ଜିନ ସରକାର ହାଏ ହାଏ... ସରକାର ତୁମ ମନମୁଖୀ ଶାସନ ଚଳିବ ନାହିଁ... ନୀରବ କାହିଁକି ସରକାର...' । କଂଗ୍ରେସ ସଭ୍ୟମାନେ ଗୃହ ମଧ୍ୟକୁ ଚାଲିଆସି ପ୍ରବଳ ହଙ୍ଗାମା କରିଥିଲେ । କଂଗ୍ରେସକୁ ସାଥ୍ ଦେଇଥିଲା ବିଜେଡି । ଫଳରେ ଗୃହକୁ ବାରମ୍ବାର ମୁଲତବୀ ରଖିଥିଲେ ବାଚସ୍ପତି ।



ଶୁକ୍ରବାର ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ ଗୃହ ମଧ୍ୟଭାଗକୁ ଚାଲିଆସିଲେ କଂଗ୍ରେସ ସଭ୍ୟମାନେ । ଏହି ସମୟରେ ଉତ୍ତର ରଖୁଥିଲେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ । ପୋଲାଭରମ ପ୍ରସଙ୍ଗରେ ବିଜେଡି ବିଧାୟକମାନେ ପ୍ରବଳ ହଙ୍ଗାମା କରିଥିଲେ । ଗୃହକୁ ସ୍ୱାଭାବିକ କରିବା ପାଇଁ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ନିଜ ଆସନରେ ଛିଡ଼ା ହୋଇ କହିଥିଲେ । ପବିତ୍ର ଗୃହରେ ଲୋକଙ୍କ ସମସ୍ୟା ସମାଧାନ କରନ୍ତୁ ବୋଲି ଶ୍ରୀମତୀ ମଲ୍ଲିକ କହିଥିଲେ। ବାଚସ୍ପତିଙ୍କ ଅନୁରୋଧ ସତ୍ତ୍ୱେ କଂଗ୍ରେସ ସଦସ୍ୟମାନେ ନାରାବାଜି ଜାରି ରଖିଥିଲେ । ଗୃହ ସ୍ୱାଭାବିକ ନହେବାରୁ ପୂର୍ବାହ୍ନ ୧୦.୩୮ରୁ ସାଢ଼େ ୧୧ଟା ପର୍ଯ୍ୟନ୍ତ ମୁଲତବୀ ରହିଥିଲା ।

ସାଢ଼େ ୧୧ଟାରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ପୁନର୍ବାର କଂଗ୍ରେସ ସଦସ୍ୟ ଗୃହ ମଧ୍ୟଭାଗରେ ହଙ୍ଗାମା କରିଥିଲେ । କଂଗ୍ରେସ ସଭ୍ୟଙ୍କୁ ସାଥ୍ ଦେଇଥିଲେ ବିଜେଡି ସଭ୍ୟ । ଉଭୟ ବିଜେଡ୍ ଓ କଂଗ୍ରେସ ସଭ୍ୟମାନେ ସରକାର ବିରୋଧୀ ନାରା ଜାରି ରଖିଥିଲେ । ପୋଲାଭରମ ନୀତି ଚଳିବ ନାହିଁ, ସରକାରଙ୍କ ମନମାନି ନୀତି ଚଳିବ ନାହିଁ ଆଦି ନାରାବାଜି କରିଥିଲେ । ଏହି ସମୟରେ ବାଚସ୍ପତି ସୁରମା ପାଢ଼ୀ (୯ ପୃଷ୍ଠାରେ)

### ରାଜ୍ୟ ସରକାର ନୀରବ କାହିଁକି : କଂଗ୍ରେସ

### ଡବଲ ଇଞ୍ଜିନ ସରକାରଙ୍କ ଏକପାଖିଆ ନିଷ୍ପତ୍ତି : ନବୀନ

### ଯଦି କଥା ଖୋଲା ହୁଏ, ମୁହଁ ଦେଖାଇ ପାରିବେନି : ପୃଥ୍ୱୀରାଜ

## ସିଂହଭିଙ୍କ ଆସନ ତଳୁ ମିଳିଲା ଟଙ୍କା ବିଡ଼ା

ନୂଆଦିଲ୍ଲୀ, ୬।୧୨ : ବରିଷ୍ଠ ଆଇନ୍‌ଜୀବୀ ତଥା କଂଗ୍ରେସର ରାଜ୍ୟସଭା ସାଂସଦ ଅଭିଷେକ୍ ମନୁ ସିଂହଭିଙ୍କ ଆସନ ନିକଟରୁ ବିଡା ବିଡା ଟଙ୍କା ବାହାରିଥିବା ନେଇ ରାଜ୍ୟସଭା ଅଧ୍ୟକ୍ଷ ସୂଚନା ଦେଇଛନ୍ତି । ଏହାକୁ ଶ୍ରୀ ସିଂହଭି ହାସ୍ୟାସ୍ପଦ ବୋଲି ବର୍ଣ୍ଣନା କରିବା ସହ ଏଭଳି କଥା ଆଗରୁ ଶୁଣାଯାଇନଥିଲା ବୋଲି କହିଛନ୍ତି । ଏହି ଘଟଣାର ମଧ୍ୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି । ସିଂହଭି କହିଛନ୍ତି ଯେ ଏହା ହେଉଛି ସୁରକ୍ଷାର ତ୍ରୁଟି । କିଭଳି ତାଙ୍କ ଆସନ ପାଖକୁ ଟଙ୍କା ଆସିଲା ତାହାର ତଦନ୍ତ କରାଯାଉ ।

ଶ୍ରୀ ସିଂହଭି କହିଛନ୍ତି ଯେ ଘଣ୍ଟାଏ ତଳେ ସେ ଏଭଳି ପରିହାସମୂଳକ ସମ୍ବାଦ ଶୁଣିଲି । ମୁଁ ଭାବୁଛି ଏକ ନିୟମ ଆସିବା ଦରକାର ସାଂସଦଙ୍କ ଆସନର ଚତୁଃପାର୍ଶ୍ୱରେ କାଚବାକ୍ସ ତିଆରି କରାଯାଉ ଓ ସେଠାରେ ତାଲା ଲଗାଯିବା ସହ ଚାବି ବ୍ୟବସ୍ଥା କରାଯାଇ ଏହା ସାଂସଦଙ୍କୁ ଦିଆଯାଉ । (୯ ପୃଷ୍ଠାରେ)

## ଏସିଏଫ୍‌ଙ୍କ ଘରୁ ୧୪ ଲକ୍ଷ ଜବତ

ସମ୍ବଲପୁର, ୬।୧୨(ସବ୍ୟୁ) : ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ଏସିଏଫ୍ ରେବତୀରମଣ ଯୋଶୀ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇଛନ୍ତି । ଆୟ ବର୍ହିଭୁତ ସମ୍ପତ୍ତି ଠୁଳ ମାମଲାରେ ଶୁକ୍ରବାର ଭିଜିଲାନ୍ସ ପକ୍ଷରୁ ଏକକାଳୀନ ୯ଟି ସ୍ଥାନରେ ଚଢଉ କରାଯାଇଛି । ଭିଜିଲାନ୍ସ ବିଭାଗର ୩ଜଣ ଡିଏସ୍‌ପି, ୧୦ଜଣ ଇନ୍ସପେକ୍ଟର ସହ କର୍ମଚାରୀ ମାନେ ବରଗଡ ଓ ସମ୍ବଲପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢଉ କରିଥିଲେ । ସମ୍ବଲପୁର ଡିୟର ପାର୍କସ୍ଥିତ ସରକାରୀ କ୍ୱାଟର୍ସ, ସମ୍ବଲପୁର ସରକାରୀ ଅଫିସ, ଅଇଁଠାପାଲି ସ୍ଥିତ ବାସଭବନ, ଚର୍ଚ୍ଚ ଛକ ଘ. ଫାର୍ମରୋଡ ଆପାଟମେଣ୍ଟ, ସମ୍ବଲପୁର ମାଲିପାଲି ଘର ଉପରେ ଚଢଉ କରାଯାଇଥିଲା । ଚଢଉ ବେଳେ ୧୪ଲକ୍ଷ୭୧ହଜାର୨୦୦ଟଙ୍କା ନଗଦ, (୯ ପୃଷ୍ଠାରେ)

## ରେପୋରେଟ୍ ଅପରିବର୍ତ୍ତିତ : ଅଭିବୃଦ୍ଧି ହାର କମାଇଲା ଆର୍‌ବିଆଇ

ନୂଆଦିଲ୍ଲୀ, ୬।୧୨ : ମୁଦ୍ରାସ୍ଫୀତି କାରଣରୁ କ୍ରମାଗତ ୧୧ ଥର ଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ ରେପୋରେଟ୍ ଅପରିବର୍ତ୍ତିତ ରଖିଛନ୍ତି । ଏଥର ରେପୋରେଟ୍ ୬.୫%ରେ ସ୍ଥିର ରଖିବାକୁ କୁହାଯାଇଥିବାବେଳେ ଅଭିବୃଦ୍ଧି ହାରକୁ ୫.୪%କୁ ହ୍ରାସ କରାଯାଇଛି । ଆର୍‌ବିଆଇର ମୁଦ୍ରାନୀତି କମିଟିର ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ସେହିଭଳି କ୍ୟାସ୍ ରିଜର୍ଭ ରେସିଓକୁ ୪%ରୁ ୪.୫% ବୃଦ୍ଧି କରାଯାଇଛି । କମିଟି ବୈଠକରେ ୪:୨ ମତରେ ରେପୋରେଟ୍ ପରିବର୍ତ୍ତନ ନ କରିବା ପାଇଁ ନିଷ୍ପତ୍ତି ହୋଇଛି । ଦୀର୍ଘ ୨୨ ମାସ ଧରି ଏହା ଅପରିବର୍ତ୍ତିତ ରହିଛି । ସେହିଭଳି ଜିଡିପି ଅଭିବୃଦ୍ଧି ୨୦୨୫ ଆର୍ଥିକ ବର୍ଷରେ ୬.୬%ରୁ ୭.୨% ହେବ ବୋଲି ଆକଳନ କରାଯାଇଥିଲା । ମାତ୍ର ଖୁଚୁରା ମୁଦ୍ରାସ୍ଫୀତି ୪.୮%ରୁ ୪.୫% ହେବ ବୋଲି ଆକଳନ ହୋଇଥିଲା । ମାତ୍ର ଏହା କ୍ରମାଗତ ହ୍ରାସ ପାଉଥିବାରୁ ଦେଶର ଜିଡ଼ିପି ଅଭିବୃଦ୍ଧି ହାରକୁ ୫.୪% ରହିବା ପାଇଁ ହିସାବ ଦିଆଯାଇଛି । ଏହା ୭% ଅଭିବୃଦ୍ଧି ଆକଳନ ଠାରୁ କମ୍ । ମେ' ୨୦୨୨ରୁ ଏପ୍ରିଲ ୨୦୨୩ ଯାଏ ରିଜର୍ଭ ବ୍ୟାଙ୍କ କ୍ରମାଗତ ଭାବେ ୬ ଥର ରେପୋରେଟ୍ ବୃଦ୍ଧି କରିଥିଲେ । ଏହି ସମୟରେ ରେପୋରେଟ୍ ୨୫୦ ବେସିସ୍ ପଏଣ୍ଟ ବୃଦ୍ଧି ହୋଇଥିଲା । ଚଳିତ ଆର୍ଥିକ ବର୍ଷରେ ଜିଡିପି ଅଭିବୃଦ୍ଧି ୭.୨% ହେବ ବୋଲି ଆକଳନ କରାଯାଇଥିଲା । ମାତ୍ର ଏବେ ତାହା ୬.୬% ହେବ ବୋଲି ଆର୍‌ବିଆଇ ହିସାବ କହୁଛି । ବ୍ୟାଙ୍କ ହିସାବ ଅନୁଯାୟୀ (୯ ପୃଷ୍ଠାରେ)

## ଚାଷୀଙ୍କୁ ଲୁହବୁହା ଗ୍ୟାସ୍ ମାଡ



### ଶମ୍ଭୁ ସୀମାରେ ଅଟକାଇଲା ହରିୟାଣା ପୋଲିସ

ନୂଆଦିଲ୍ଲୀ, ୬।୧୨ : ଚାଷୀମାନଙ୍କ ଆନ୍ଦୋଳନ ବଢ଼ିବାରେ ଲାଗିଛି । ଆଜି ହରିୟାଣାର ଶମ୍ଭୁ ସୀମାରେ ଲାଗିଥିବା ବ୍ୟାରିକେଡ୍ ଡେଇଁ ଚାଷୀମାନେ ସେମାନଙ୍କ ପକ୍ଷରୁ ଦିଆଯାଇଥିବା ଦିଲ୍ଲୀଚଲୋ ଡାକରାକୁ ନେଇ ଆଗକୁ ବଢୁଥିବାବେଳେ ହରିୟାଣା ପୋଲିସ ପକ୍ଷରୁ ଟିୟର ଗ୍ୟାସ୍ ମାଡ କରାଯାଇଛି । ଏହି ଟିୟର ଗ୍ୟାସ ବା ଲୁହବୁହା ବାଷ୍ପ ମାଡ ହେବା ଫଳରେ (୯ ପୃଷ୍ଠାରେ)



# ୟୁପିରେ ସବୁଠୁ ଅଧିକ କଟାଯାଇଛି ଇ-ଚାଲାଣ

**ନୂଆଦିଲ୍ଲୀ:** ଲୋକସଭାରେ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ମନ୍ତ୍ରୀ ନୀତିନ ଗଡକରୀ କହିଛନ୍ତି ଯେ, ଜାନୁଆରୀ ୧, ତାରିଖ ୨୦୧୯ ରୁ ଡିସେମ୍ବର ୩୧ ତାରିଖ ୨୦୨୩ ପର୍ଯ୍ୟନ୍ତ ସାରା ଦେଶରେ ୧୮.୨୪ କୋଟିରୁ ଅଧିକ ଇ-ଚାଲାଣ କଟାଯାଇଛି । ଏହି ଚାଲାଣଗୁଡିକରୁ ୧୨,୬୩୨ କୋଟି ଟଙ୍କା ରାଜସ୍ୱ ଆଦାୟ କରାଯାଇଛି। ଲୋକସଭାରେ ଦିଆଯାଇଥିବା ଏହି ପରିସଂଖ୍ୟାନରେ ତାମିଲନାଡୁରେ ସର୍ବାଧିକ ଚାଲାଣ କଟା ଯାଇଥିଲା । ସେହିପରି ରାଜସ୍ୱ କ୍ଷେତ୍ରରେ ଉତ୍ତରପ୍ରଦେଶ ଶୀର୍ଷରେ ରହିଛି ।



ତାମିଲନାଡୁରେ ୫.୫୭ କୋଟି ଟଙ୍କାର ସର୍ବୋଚ୍ଚ ଚାଲାଣ କଟାଯାଇ ରାଜ୍ୟକୁ ୭୫୫.୫୮ କୋଟି ଟଙ୍କା ରାଜସ୍ୱ ମିଳିଛି । ଯେଉଁଠାରେ କି ଉତ୍ତରପ୍ରଦେଶରେ ୪.୪ କୋଟି ଇ-ଚାଲାଣ କାଟି ୨,୪୯୫ କୋଟି ଟଙ୍କା ଆଦାୟ ହୋଇଛି । ତାମିଲନାଡୁରେ ହୁଏତ ସର୍ବାଧିକ ସଂଖ୍ୟକ ଚାଲାଣ କଟାଯାଇଛି କିନ୍ତୁ ରାଜସ୍ୱ ଦୃଷ୍ଟିରୁ ଏହା ଷଷ୍ଠ ସ୍ଥାନରେ ରହିଛି ।

## ପ୍ରତିଦିନ ପ୍ରାୟ ୧ ଲକ୍ଷ ଚାଲାଣ କଟାଯାଉଛି

ନିତିନ ଗାଡକରୀ ଲୋକସଭାରେ କହିଛନ୍ତି ଯେ, ସାରା ଦେଶରେ ୯୯,୮୯୩ ଇ-ଚାଲାଣ ଜାରି କରାଯାଇଥିବାବେଳେ ୨୦୧୯ ଏବଂ ୨୦୨୩ ମସିହାରେ ସେମାନଙ୍କଠାରୁ ୬.୯୧ କୋଟି ଟଙ୍କା ରାଜସ୍ୱ ମିଳିଛି । ମନ୍ତ୍ରଣାଳୟ କହିଛି ଯେ, ଏହି ସଂଖ୍ୟାରେ ତେଲେଙ୍ଗାନା, ଅରୁଣାଚଳ ପ୍ରଦେଶ, ନାଗାଲାଣ୍ଡ, ଲାକ୍ଷାଦ୍ୱୀପ, ଆଣ୍ଡାମାନ ଏବଂ ନିକୋବର ରାଜ୍ୟକୁ ଅନ୍ତର୍ଭୂକ୍ତ କରାଯାଇ ନାହିଁ, ଯେଉଁଠାରେ ଏପର୍ଯ୍ୟନ୍ତ ଇ-ଚାଲାଣ ଲାଗୁ କରାଯାଇ ନାହିଁ ।

## ଦେଶରେ ୩୮.୫୦ କୋଟି ପଞ୍ଜୀକୃତ ଯାନ

କେନ୍ଦ୍ର ମନ୍ତ୍ରୀ ଗଡକରୀ ଗୃହରେ କହିଛନ୍ତି ଯେ, ନଭେମ୍ବର ୩୦ ପର୍ଯ୍ୟନ୍ତ ଭାରତରେ ପଞ୍ଜୀକୃତ ମୋଟ ମୋଟର ଯାନ ପ୍ରାୟ ୩୮.୫୧ କୋଟି ଅଟେ । ସେ ଏହା ମଧ୍ୟ କହିଛନ୍ତି ଯେ ନଭେମ୍ବର ୩୦ ସୁଦ୍ଧା ଭାରତର ୨.୧୮ କୋଟି ପରିବହନ ଯାନ ମଧ୍ୟରୁ ୧୦.୭୦ ଲକ୍ଷରୁ ଅଧିକ ସ୍ପିଡ୍ ଲିମିଟିଙ୍ଗ ଡିଭାଇସ ସ୍ଥାପିତ ହୋଇଛି ।

ଗଡକରୀ କହିଛନ୍ତି ଯେ, ସାରଥୀ ୪.୦ ଅନୁଯାୟୀ ବର୍ତ୍ତମାନ ଦେଶରେ ୧୮.୨୦ କୋଟି ଲୋକଙ୍କର ବୈଧ ଡ୍ରାଇଭିଂ ଲାଇସେନ୍ସ ଥିବାବେଳେ ୯୫.୭୯ ଲକ୍ଷ ଲୋକଙ୍କର ଲର୍ଣ୍ଣିଂ ଲାଇସେନ୍ସ ରହିଛି ।

# ୨୮ଟି ନୂତନ ନବୋଦୟ ବିଦ୍ୟାଳୟ ପ୍ରତିଷ୍ଠାକୁ କ୍ୟାବିନେଟ୍ ମଞ୍ଜୁରୀ

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି ନବୋଦୟ ବିଦ୍ୟାଳୟ ଯୋଜନା ଅଧିନରେ ଦେଶର ବିଭିନ୍ନ ଜିଲ୍ଲାରେ ୨୮ଟି ନବଦୋୟ ବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ମଞ୍ଜୁରୀ ଦେଇଛି । ୨୦୨୪-୨୫ରୁ ୨୦୨୮-୨୯ ପର୍ଯ୍ୟନ୍ତ ୫ ବର୍ଷ ମଧ୍ୟରେ ୨୮ଟି ଏନ୍‌ଭି ପ୍ରତିଷ୍ଠା ପାଇଁ ମୋଟ୍ ୨୩୫୯.୮୨ କୋଟି ଟଙ୍କା ପାଣ୍ଠିର ଆବଶ୍ୟକତା ରହିଛି । ଏଥିରେ ୧୯୪୪.୧୯ କୋଟି ଟଙ୍କାର ପୁଞ୍ଜି ବ୍ୟୟ ଏବଂ ୪୧୫.୬୩ କୋଟି ଟଙ୍କାର ପରିଚାଳନା ଖର୍ଚ୍ଚ ଅନ୍ତର୍ଭୁକ୍ତ । ବର୍ତ୍ତମାନ ସୁଧା ଦେଶରେ ୬୬୧ଟି ମଞ୍ଜୁରୀ ପ୍ରାପ୍ତ ଏନ୍‌ଭି ରହିଛି । ସେଥି ମଧ୍ୟରୁ ୬୫୩ଟି ଏନ୍‌ଭି କାର୍ଯ୍ୟକ୍ଷମ ରହିଛି । ଜାତୀୟ ଶିକ୍ଷାନୀତି ୨୦୨୦ ଅନୁଯାୟୀ ପ୍ରାୟ ସମସ୍ତ ନବୋଦୟ ବିଦ୍ୟାଳୟକୁ ପିଏମ୍ ଶ୍ରୀ ବିଦ୍ୟାଳୟ ଭାବେ ପରିବର୍ତ୍ତିତ କରାଯାଇଛି । ଯେଉଁଥିରେ ଏନ୍‌ଇପି ୨୦୨୦ର କାର୍ଯ୍ୟକାରିତା ପ୍ରଦର୍ଶନ କରାଯାଇଛି । ଅନ୍ୟମାନଙ୍କ ପାଇଁ ଉଦାହରଣ ବିଦ୍ୟାଳୟ ଭାବରେ କାର୍ଯ୍ୟ କରୁଛି । ଏହି ଯୋଜନାକୁ ପ୍ରଶଂସା କରାଯାଉଛି । ପ୍ରତିବର୍ଷ ଏନ୍‌ଭିରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇବା ପାଇଁ ଆବେଦନ କରୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ବିଗତ ବର୍ଷ ଗୁଡିକରେ ନବଦୋୟ ବିଦ୍ୟାଳୟରେ ବାଳିକା ୪୨% ଏସ୍‌ସି ୨୪%, ଏସଟି ୨୦% ଏବଂ ଓବିସି ୩୯% ନାମ ଲେଖା ବୃଦ୍ଧି ପାଇଛି । ଯାହା ଦ୍ୱାରା ଗୁଣାତ୍ମକ ଶିକ୍ଷା ସମସ୍ତଙ୍କ ପାଇଁ ଉପଲବ୍ଧ ହେବ । ସିବିଏସ୍‌ଇ ଦ୍ୱାରା ପରିଚାଳିତ ବୋର୍ଡ ପରୀକ୍ଷାରେ ନବୋଦୟ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ପ୍ରଦର୍ଶନ କ୍ରମାଗତ ଭାବେ ସମସ୍ତ ଶିକ୍ଷା ବ୍ୟବସ୍ଥା ମଧ୍ୟରେ ଶ୍ରେଷ୍ଠ ରହିଛି ।

# ୟୁପିଆଇ ଜରିଆରେ ମିଳିବ ଋଣ

**ମୁମ୍ବାଇ:** ଦେଶର କ୍ଷୁଦ୍ର ଫାଇନାନ୍ସ ବ୍ୟାଙ୍କ ପାଇଁ ଖୁସି ଖବର ଆସିଛି । ରିଜର୍ଭ ବ୍ୟାଙ୍କ ଶୁକ୍ରବାର କ୍ଷୁଦ୍ର ଫାଇନାନ୍ସ ବ୍ୟାଙ୍କଗୁଡ଼ିକୁ ୟୁପିଆଇ ଜରିଆରେ ପ୍ରାକ୍ ଅନୁମୋଦିତ ଋଣ ପ୍ରଦାନ କରିବାକୁ ଅନୁମତି ଦେବାକୁ ପ୍ରସ୍ତାବ ଦେଇଛି । ଶୁକ୍ରବାର ରିଜର୍ଭ ବ୍ୟାଙ୍କର ଦ୍ୱିମାସିକ ଋଣନୀତି ସମୀକ୍ଷା ଘୋଷଣା ସମୟରେ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଏହି ଘୋଷଣା କରିଛନ୍ତି । ଗଭର୍ଣ୍ଣର ଶ୍ରୀଦାସ କହିଛନ୍ତି ଯେ ୟୁପିଆଇରେ ପ୍ରାକ-ଅନୁମୋଦିତ ଋଣ ଅଧୀନରେ ଗ୍ରାହକମାନଙ୍କୁ କମ୍ ମୂଲ୍ୟରେ ଏବଂ କମ୍ ସମୟ ମଧ୍ୟରେ ଋଣ ପ୍ରଦାନ କରିବାର ସୁଯୋଗ ରହିଛି । ସେ କହିଛନ୍ତି ଯେ କ୍ଷୁଦ୍ର ଫାଇନାନ୍ସ ବ୍ୟାଙ୍କଗୁଡିକ ଶେଷତମ ଉପଭୋକ୍ତାଙ୍କ ପାଖରେ ପହଞ୍ଚିବା ପାଇଁ ଉଚ୍ଚ ଜ୍ଞାନକୌଶଳ, ସ୍ୱଳ୍ପ ମୂଲ୍ୟର ମଡେଲ ଉପରେ ନିର୍ଭର କରନ୍ତି ଏବଂ ୟୁପିଆଇରେ ଋଣର ପହଞ୍ଚକୁ ବିସ୍ତାର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବେ ।

# ଟ୍ରକକୁ ପିଟିଲା ବସ୍: ଚାଲିଗଲା ୮ ଜଣଙ୍କ ଜୀବନ

**ନୂଆଦିଲ୍ଲୀ:** ଆଗ୍ରା-ଲକ୍ଷ୍ନୌ ଏକ୍ସପ୍ରେସ ୱେରେ ଘଟିଛି ଭୟଙ୍କର ଦୁର୍ଘଟଣା । ୪୦ ଜଣଙ୍କୁ ନେଇ ଯାଉଥିବା ଗୋଟିଏ ସ୍ଲିପର କୋଚ ବସ୍ ଓ ଟ୍ରକ ମଧ୍ୟରେ ଧକ୍କା ହୋଇଛି । କନୌଜ ଜିଲ୍ଲା ଅଉରାଇୟା ସୀମାରେ ଘଟିଥିବା ଏହି ଦୁର୍ଘଟଣାରେ ୮ ଜଣ ପ୍ରାଣ ହରାଇଥିବା ବେଳେ ୧୯ ଜଣ ଆହତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୧୦ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ତେଣୁ ଆଗକୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ପ୍ରକାଶ ପାଇଛି ।



ଶୁକ୍ରବାର ଭୋର ସମୟରେ ବସଟି ୪୦ ଜଣଙ୍କୁ ନେଇ ଲକ୍ଷ୍ନୌରୁ ଦିଲ୍ଲୀ ଯାଉଥିଲା । ହେଲେ ଏକ୍ସପ୍ରେସ ୱେରେ ଘଟିଥିଲା ଅଘଟଣା । ବସଟି ଗୋଟିଏ ଟ୍ରକ ସହ ଫୁଲ ସ୍ପିଡରେ ଧକ୍କା ହୋଇଥିଲା । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ବସର ସାମ୍ନା ପଟ ସଂପୂର୍ଣ୍ଣ ଭାବେ ଛିନଛତ୍ର ହୋଇଯାଇଛି । ଦୁର୍ଘଟଣା ସ୍ଥଳରେ ୮ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟମାନଙ୍କୁ ସୈଫାଇ ମେଡିକାଲ କଲେଜରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ଜିଲ୍ଲା ମାଜିଷ୍ଟ୍ରେଟ ଓ ଏସ୍ପିଙ୍କ ସମେତ ଉଦ୍ଧାରକାରୀ ଦଳ ଘଟଣା ସ୍ଥଳରେ ପହଞ୍ଚିଥିଲେ । ସେମାନେ ଦୁର୍ଘଟଣାଗ୍ରସ୍ତ ବସ୍ ଭିତରୁ ମୃତାହତଙ୍କୁ ବାହାରି କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ । ତେବେ ଏଯାଏ କେଉଁ ଭଳି ପରିସ୍ଥିତିରେ ଦୁର୍ଘଟଣା ଘଟିଲା, ସେକଥା ଜଣାପଡ଼ିନି ।

## ଭାରତୀୟ ବାୟୁଯାନ ବିଧେୟକ ବିଲ୍ ୨୦୨୪ ପାରିତ

**ନୂଆଦିଲ୍ଲୀ :** ଭାରତୀୟ ବାୟୁଯାନ ବିଧେୟକ ବିଲ୍ ୨୦୨୪ ପାରିତ ହୋଇଛି । ଗତକାଲି ଅର୍ଥାତ ୫ ଡିସେମ୍ବରେ ବିମାନ ଅଧିନିୟମ ୧୯୩୪ ବଦଳରେ ଏହି ବିଲ ରାଜ୍ୟସଭାରେ ପାରିତ ହୋଇଛି । ୯ ଅଗଷ୍ଟ ୨୦୨୪ ରେ ଏହି ବିଲ୍ ଲୋକସଭାରେ ପାରିତ ହୋଇଥିଲା । ଭାରତୀୟ ବାୟୁଯାନ ବିଧେୟକ (ବିଭିଭି)ରେ ବିମାନ ଅଧିନିୟମର ଅଧିକାଂଶ ବ୍ୟବସ୍ଥା ଅପରିବର୍ତ୍ତିତ ରଖିଛି । ବିମାନର ଡିଜାଇନ୍, ନିର୍ମାଣ, ରକ୍ଷଣାବେକ୍ଷଣ, ଅଧିକାର, ବ୍ୟବହାର, ସଂଚାଳନ, ବିକ୍ରୟ, ରପ୍ତାନି ଏବଂ ଆମଦାନୀ ତଥା ଘଟଣା ସମ୍ବନ୍ଧୀୟ ବିଷୟକୁ ନିୟନ୍ତ୍ରଣ କରିବା ବିଭିଭିର ମୁଖ୍ୟ ଉଦ୍ଦେଶ୍ୟ । ବିଭିଭିରେ ନୂତନ ଅପରାଧ ଏବଂ ଦଣ୍ଡବିଧାନ ଯୋଗ କରାଯାଇଛି । ବର୍ତ୍ତମାନ, କୌଣସି ନିର୍ଦ୍ଦିଷ୍ଟ ବସ୍ତୁରେ ବିମାନରେ ପରିବହନ ନିୟମ ଉଲ୍ଲଂଘନ କରିବା, ବିମାନକୁ ବିପଜ୍ଜନକ ଢଙ୍ଗରେ ଉଡ଼ାଇବା ଏବଂ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟର ନିୟମ ପାଳନ ନ କଲେ ୩ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ କିମ୍ବା ୧ କୋଟି ଟଙ୍କାର ଜରିମାନା ହେବ । ଏୟାରକ୍ରାଫ୍ଟ ଆକ୍ଟ ଅନୁଯାୟୀ, ଦଣ୍ଡବିଧାନରେ ନିଷ୍ପତ୍ତି ନେବାକୁ ଭାରତ ସରକାରଙ୍କ ଡେପୁଟି ସେକ୍ରେଟାରୀ ପଦବୀରୁ ତଳେ ଥିବା ଜଣେ ଅଧିକାରୀଙ୍କୁ ନିଯୁକ୍ତ କରିବାର କ୍ଷମତା ଥିଲା । ଏହିପରି ଅଧିକାରୀଙ୍କ ନିଷ୍ପତ୍ତି ଅପିଲ୍ ଅଥରିଟିରେ ଆବେଦନ କରାଯାଉଥିଲା ।

# ମନ୍ଦିରର ଦାନ ବାକ୍ସରୁ ମିଳିଲା ୧ କେଜି ଓଜନର ସୁନା ବିସ୍କୁଟ

**ଜୟପୁର:** ଦାନ ପାଇବାରେ ରେକର୍ଡ କରିଛି ଗୋଟିଏ ମନ୍ଦିର । ରାଜସ୍ଥାନର ଚିତ୍ତୋରଗଡ଼ରେ ଥିବା ସାନୱାଲିୟା ସେଠ୍ ମନ୍ଦିରକୁ ଦାନରେ ମିଳିଥିବା ଜିନିଷ ସମସ୍ତଙ୍କୁ ଚକିତ କରିଛି ।

ମନ୍ଦିରର ଦାନ ବାକ୍ସରୁ ଗୋଟିଏ ସୁନା ବିସ୍କୁଟ ମିଳିଛି । ଏହାର ଓଜନ ପ୍ରାୟ ୧ କେଜି ହେବ । ସେହିପରି ନଗଦ ୨୩ କୋଟିରୁ ଅଧିକ ଟଙ୍କା, ଗୋଟିଏ ରୁପାର ପିସ୍ତଲ ଓ ରୁପାର ହ୍ୟାଣ୍ଡକଫ ମଧ୍ୟ ମିଳିଛି।

ଭଗବାନ କୃଷ୍ଣଙ୍କୁ ଏଠାରେ ପୂଜାର୍ଚ୍ଚନା କରାଯାଏ । ନିକଟରେ ଏହାର ଟ୍ରେଜେରୀ ଖୋଲା ଯାଇଥିଲା । ଏହି ସମୟରେ ସମସ୍ତଙ୍କୁ ଚକିତ କରିବା ଭଳି ଜିନିଷ ସେଥିରୁ ମିଳିଛି । ବର୍ତ୍ତମାନ ସୁଦ୍ଧା ହୋଇଥିବା ଗଣତିରୁ ୨୩ କୋଟିରୁ ଅଧିକ ଟଙ୍କା ସଂଗ୍ରହ ହୋଇସାରିଲାଣି । ସେହିପରି ୧ କେଜି ଓଜନର ସୁନା ବିସ୍କୁଟ ମଧ୍ୟ ମିଳିଛି ।

ଶ୍ରଦ୍ଧାଳୁମାନେ ମନ୍ଦିରକୁ ଆହୁରି ଅନେକ ଛୋଟ ଛୋଟ ସୁନା ବିସ୍କୁଟ, ରୁପାର ବିଭିନ୍ନ ସାମଗ୍ରୀ ଯଥା ରୁପାର ବନ୍ଧୁକ, ଗୋଟିଏ ରୁପାର ତାଲା ଚାବି ଓ ବଂଶୀ ମଧ୍ୟ ଦେଇଛନ୍ତି । ପୂର୍ବରୁ ଏହି ମନ୍ଦିରରୁ କେବେ ହେଲେ ଏତେ ପରିମାଣର ଟଙ୍କା, ସୁନା ଓ ରୁପାର ଜିନିଷ ମିଳି ନଥିଲା ।

ମନ୍ଦିର କର୍ତ୍ତୃପକ୍ଷ ୨ ମାସର ବ୍ୟବଧାନ ପରେ ଦାନ ବାକ୍ସକୁ ଖୋଲିଛନ୍ତି । ଏହାକୁ ବିଭିନ୍ନ ପର୍ଯ୍ୟାୟରେ ଗଣତି କରାଯାଉଛି । ପ୍ରଥମ ପର୍ଯ୍ୟାୟରେ ୧୧.୩୪ କୋଟି ଟଙ୍କାର ଗଣତି ହୋଇପାରିଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ୩.୬୦ କୋଟି, ତୃତୀୟ ପର୍ଯ୍ୟାୟରେ ୪.୨୭ କୋଟି ଟଙ୍କା ମିଳିଥିଲା । ବର୍ତ୍ତମାନ ସୁଦ୍ଧା ହୋଇଥିବା ଗଣତିରୁ ୨୩ କୋଟିରୁ ଅଧିକ ଟଙ୍କା ମିଳି ସାରିଲାଣି ।

ଗଣତି ବାକି ରହିଥିବାରୁ ଟଙ୍କାର ପରିମାଣର ଆହୁରି ବଢ଼ିବ ବୋଲି ଆଶା କରାଯାଉଛି । ଟଙ୍କା ଗଣତି ହୋଇ ଥିବା ବେଳେ ଦାନ ବାକ୍ସରୁ ମିଳିଥିବା ସୁନା ଓ ରୁପା ସାମଗ୍ରୀର ମୂଲ୍ୟ ଆକଳନ କରାଯାଇ ନାହିଁ । ଗଣତି ପ୍ରକ୍ରିୟା ପ୍ରତି ମାସର ଅମାବାସ୍ୟାରେ କରାଯାଉଛି । ଏଥର ୬ରୁ ୭ଟି ପର୍ଯ୍ୟାୟରେ ଦାନ ସୂତ୍ରରୁ ମିଳିଥିବା ଜିନିଷଗୁଡ଼ିକର ଗଣତି କରାଯିବ ।



# ବିଓବି କଟକ କ୍ଷେତ୍ର ମଣିସାହୁ ଛକ ଶାଖା ଦ୍ୱାରା ଗ୍ରାହକ ଆଲୋଚନାଚକ୍ର

ଭୁବନେଶ୍ୱର (ସବ୍ୟୁ) : ବ୍ୟାଙ୍କ ଅଫ୍ ବରୋଦା, କଟକ କ୍ଷେତ୍ରୀୟ କାର୍ଯ୍ୟାଳୟର ମଣିସାହୁ ଛକ ଶାଖା ଦ୍ୱାରା କଟକ କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ରଞ୍ଜିତ କୁମାରଙ୍କ ମାର୍ଗଦର୍ଶନରେ ଏକ ଗ୍ରାହକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ପ୍ରବନ୍ଧକ ଜେ. ସି ପାଣିଗ୍ରାହୀ ଏବଂ ଅନ୍ୟାନ୍ୟ ଅଧକାରୀଗଣ ବ୍ୟାଙ୍କିଙ୍ଗ୍ ଉତ୍ପାଦ ଓ ସେବା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ମଣିସାହୁ ଛକ ଶାଖାର ଶାଖା ମୁଖ୍ୟ ତିଳୋତ୍ତମା ପଣ୍ଡା ବ୍ୟାଙ୍କିଙ୍ଗ୍ ସେବାରେ ଉନ୍ନତି ଆଣିବା ପାଇଁ ଗ୍ରାହକମାନଙ୍କୁ ପରାମର୍ଶ ଦେବାକୁ ଅନୁରୋଧ କରିଥିଲେ। ଏଥି ସହିତ ବ୍ୟାଙ୍କ ଅଫ୍ ବରୋଦା ଦ୍ୱାରା ଗ୍ରାହକଙ୍କୁ ହ୍ୱାର୍ଟସ ଆପ୍ ବ୍ୟାଙ୍କିଙ୍ଗ୍‌ରେ ହିନ୍ଦୀ ଭାଷା ଏବଂ ବବ୍ ୱାଲ୍ଡରେ ଟ୍ରାଞ୍ଜାକ୍ସନ, ଏସ୍‌ଏମ୍‌ଏସ୍‌ରେ ହିନ୍ଦୀ ତଥା ଓଡିଆ ଏବଂ ଅନ୍ୟ ଭାରତୀୟ ଭାଷାର ଉପଲବ୍ଧତା ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କ୍ଷେତ୍ରୀୟ କାର୍ଯ୍ୟାଳୟ ଓ ଶାଖା କାର୍ଯ୍ୟାଳୟର କର୍ମଚାରୀ ତଥା ଗ୍ରାହକ ଆଦି ୩୦ ଜଣ ବ୍ୟକ୍ତି ଉପସ୍ଥିତ ଥିଲେ । ବ୍ୟାଙ୍କ ଅଫ୍ ବରୋଦା, କଟକ କ୍ଷେତ୍ର ଦ୍ୱାରା କଟକ କ୍ଷେତ୍ରର ସମସ୍ତ ଶାଖାରେ ଏହି ପ୍ରକାରର ଗ୍ରାହକ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଦ୍ୱାରା ଗ୍ରାହକ ସେବାରେ ଉନ୍ନତି ଅଣାଯାଇପାରିବ। ସହ ବ୍ୟବସାୟିକ ଅଭିବୃଦ୍ଧି ହୋଇପାରିବ। ଏହି କାର୍ଯ୍ୟକ୍ରମ ସଫଳତାର ସହ ସମାପ୍ତ ହୋଇଥିଲା ।

# ଜିଲ୍ଲା ପୋଲିସ ପକ୍ଷରୁ ୬୨ ତମ ଗୃହରକ୍ଷୀ ବାହିନୀ ପ୍ରତିଷ୍ଠା ଦିବସ ପାଳିତ

ପୁରୀ (ସବ୍ୟୁ): ଶୁକ୍ରବାର ସକାଳେ ସ୍ଥାନୀୟ ରିଜର୍ଭ ପୋଲିସ ପଡିଆରେ ଜିଲ୍ଲା ପୋଲିସ ପକ୍ଷରୁ ୬୨ ତମ ଗୃହ ରକ୍ଷି ବାହିନୀ ପ୍ରତିଷ୍ଠା ଦିବସ ପାଳିତ ହୋଇ ଯାଇଛି । ଜିଲ୍ଲା ଏସପି ବିନୀତ କୁମାର ଅଗ୍ରୱାଲ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ପ୍ୟାରେଡ ଅଭିବାଦନ ଗ୍ରହଣ କରିଥିଲେଛ ଉଲ୍ଲେଖନୀୟ ସେବା ପାଇଁ ମୁଖ୍ୟ ଅତିଥି ୧୧ ଜଣ ହୋମ ଗାର୍ଡଙ୍କୁ ପୁରସ୍କୃତ କରି ଥିଲେଛ ଗୃହରକ୍ଷୀ ବାହିନୀ ପ୍ଲାଟୁନ କମାଣ୍ଡଣ୍ଡ ପ୍ରଦୀପ କୁମାର ପଟ୍ଟନାୟକ ପ୍ୟାରେଡ ପରିଚାଳନା କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଏସପି ବିଷ୍ଣୁ ପ୍ରସାଦ ପତି, ସିଟି ଡିଏସପି ପ୍ରଶାନ୍ତ କୁମାର ସାହୁ, ଏସଡିପିଓ ଆର.ଏନ୍. ଭଞ୍ଜ, ରିଜର୍ଭ ଇନସ୍ପେକ୍ଟର ଚିତ ରଞ୍ଜନ ମହାନ୍ତି, ହୋମଗାର୍ଡ ଇନ୍ସପେକ୍ଟର ଗିରିଜା ଶଙ୍କର ବେହେରାଙ୍କ ସମେତ ବିଭିନ୍ନ ଥାନା ଇନ୍ସପେକ୍ଟର ଓ ନିମନ୍ତ୍ରିତ ଅତିଥି ମାନେ ଉପସ୍ଥିତ ଥିଲେ ।

### ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଦାବି

# ଅନୁଦାନ ଯୋଗ୍ୟ ସ୍କୁଲ କଲେଜକୁ ତୁରନ୍ତ ଅନୁଦାନ ଦିଆଯାଉ

କଟକ, (ସବ୍ୟୁ): ଶିକ୍ଷକ ଓ ଶିକ୍ଷାକର୍ମଚାରୀମାନେ ଦୀର୍ଘ ୨୪ ବର୍ଷ ଧରି ବିଗତ ସରକାରଙ୍କ ନିକଟରେ ତାଙ୍କର ଯୁକ୍ତିଯୁକ୍ତ ଦାବୀକୁ ବାରମ୍ବାର ଉପସ୍ଥାପନ କରିଆସୁଥିଲେ ସୁଦ୍ଧା ତାର ସୁଫଳ ମିଳି ନ ଥିଲା । ଦୀର୍ଘ ବର୍ଷର ଅବଧି ପରେ ନୂତନ ସରକାରଙ୍କ ଉପରେ ଶିକ୍ଷକ ଓ ର୍କମାଚରୀମାନେ ସେମାନଙ୍କର ସମସ୍ୟା ସମାଧାନ ପାଇଁ ବିଶ୍ୱାସ ଓ ଭରାସା ପ୍ରକଟ କରିଛନ୍ତି ବୋଲି ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶ ଜଣାଇଛନ୍ତି ।

ସମନ୍ୱୟ ସମିତିର କର୍ମକର୍ତ୍ତାମାନେ କେନ୍ଦ୍ରମନ୍ତ୍ରୀ, ଅଗଷ୍ଟ ୧୬ତାରିଖ ଶିକ୍ଷକ ଦାବିଦିବସରେ ସମବେତ ହୋଇ ତାଙ୍କର ନ୍ୟାଯ୍ୟ ଦାବି ଉପସ୍ଥାପନ କରିଥିଲେ । ଶିକ୍ଷକମାନଙ୍କର ସମସ୍ୟା ପ୍ରତି ସରକାର ସଚେତନ ଅଛନ୍ତି ବୋଲି ସରକାରଙ୍କ ତରଫରୁ ଜଣା ଯାଇଥିଲା । ଶିକ୍ଷକ ନେତୃତ୍ୱମାନେ ବାରମ୍ବାର ସରକାରଙ୍କ ସହିତ ଆଲୋଚନା କରିଛନ୍ତି ଓ ପ୍ରତିଶ୍ରୁତି ପାଇଛନ୍ତି, କିନ୍ତୁ ସମସ୍ୟା ସମାଧାନର ସୂତ୍ର ଅଦ୍ୟାବଧି ବାହାରି ପାରି ନାହିଁ କିମ୍ବା ଅନୁଦାନ ଓ ପେନ୍‌ସନ୍ ସମ୍ପର୍କରେ ସରକାରଙ୍କ ତରଫରୁ କୌଣସି ନିଷ୍ପତ୍ତି ବିଧିବଦ୍ଧ ଭାବରେ ନିଆଯାଇ ନାହିଁ । ଦୀର୍ଘ ୨୫ରୁ ୩୦ ବର୍ଷ ବିନା ପାରିଶ୍ରମିକରେ କାର୍ଯ୍ୟରତ ଅନୁଦାନ ଯୋଗ୍ୟ ସ୍କୁଲ କଲେଜର ଶିକ୍ଷକ କର୍ମଚାରୀମାନେ ଶୂନ୍ୟ ହସ୍ତରେ ଅବସର ନେବା ଓ ମୃତ୍ୟୁବରଣ କରିବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ । ୫୦୦୦ ରୁ ଊର୍ଦ୍ଧ୍ୱ ଶିକ୍ଷକ କର୍ମଚାରୀ ଇତିମଧ୍ୟରେ ଅବସର ନେଇଗଲେଣି । ଅବସର ନେବା ପରେ ସେମାନଙ୍କ ମଧ୍ୟରୁ ଅନେକ ମୂଲଲାଗି ଜୀବିକା ନିର୍ବାହ କରୁଛନ୍ତି । ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଥିଲେ ମଧ୍ୟ ପେନସନ୍ ଓ ସମାନ କାମକୁ ସମାନ ଦରମା ମିଳୁ ନାହିଁ । ତେଣୁ ଶିକ୍ଷକ କର୍ମଚାରୀମାନଙ୍କର ପ୍ରମୁଖ ଦାବୀଗୁଡ଼ିକ ମଧ୍ୟରେ ଅନୁଦାନ ଯୋଗ୍ୟ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ କରିବା, ରାଜ୍ୟର ସମସ୍ତ ନୂତନ ଅନୁଦାନ ପ୍ରାପ୍ତ ସ୍କୁଲ କଲେଜକୁ ଉଚ୍ଚନ୍ୟାୟାଳୟଙ୍କ ନିର୍ଦ୍ଦେଶାନୁସାରେ ଚାକିରି ସର୍ତ୍ତାବଳୀ ସହିତ ପେନ୍ସନ୍ ପ୍ରଦାନ କରିବା, ସମସ୍ତ ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ଓ ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟଗୁଡ଼ିକୁ ସରକାରୀକରଣ ଏବଂ ଅବସର ବୟସସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି କରିବା, ନୂତନ ପେନ୍ସନ୍ ବ୍ୟବସ୍ଥାକୁ ବାତିଲ କରି ପୂର୍ବ ପ୍ରଚଳିତ ପୁରୁଣା ପେନ୍ସନ୍ ବ୍ୟବସ୍ଥା ଲାଗୁ କରିବା ସହ ଗ୍ରେଡ୍ ପେରେ ଥିବା ଅସଙ୍ଗତି ଦୂର କରିବା, ୨୦୦୪ ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ୬ଟି ନୋସ୍ନାଲ ଇନ୍କ୍ରିମେଣ୍ଟ ଦେବା ସହିତ ବରିଷ୍ଠତା ପ୍ରଦାନ କରିବା, ପୂର୍ଣ୍ଣ ଅନୁଦାନରୁ ବଞ୍ଚିତ ହୋଇଥିବା ବିଦ୍ୟାଳୟକୁ ପୂର୍ଣ୍ଣ ଅନୁଦାନ ପ୍ରଦାନ କରିବା, ୨୦୦୪ ମସିହାଠାରୁ ଅଦ୍ୟାବଧି ଅବସର ନେଇଥିବା ଏବଂ ଆଗାମୀ ଦିନରେ ଅବସର ନେବାକୁ ଥିବା ଶିକ୍ଷକ କର୍ମଚାରୀ ମାନଙ୍କୁ ପେନ୍‌ସନ୍ ଓ ଅବସରକାଳୀନ ସୁବିଧା ପ୍ରଦାନ କରିବା ଏବଂ ରାଜ୍ୟର ସମସ୍ତ ବେସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାଇଁ ସମାନ ସରକାରୀ ସୁବିଧା । ସରକାର ତୁରନ୍ତ ସୁଯୋଗ ଯୋଗାଇ ଦେବା ଇତ୍ୟାଦି ଦାବିକୁ ପୂରଣ କରିବା ପାଇଁ ସଂଗଠନ ପକ୍ଷରୁ ଦାବି କରାଯାଇଛି ।












# ସାର୍ବଜନୀନ ପରୀକ୍ଷା ବିଲ୍ ୨୦୨୪ ପାରିତ

ଭୁବନେଶ୍ୱର (ସବ୍ୟୁ): ବିଧାନସଭାରେ ସାର୍ବଜନୀନ ପରୀକ୍ଷା ବିଲ୍ ୨୦୨୪ ପାରିତ ହୋଇଛି । ଏହି ବିଲ୍‌କୁ ବିଧାନସଭାରେ ଆଗତ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବ ସରକାରଙ୍କ ଦୋଷତ୍ରୁଟି ଉଲ୍ଲେଖ କରିଥିଲେ । ସେ କହିଥିଲେ, ପୂର୍ବ ସରକାରରେ ବିକ୍ରି ହୋଇଥିଲା ଏଏସ୍‌ଓ ଚାକିରି । ୨୫ରୁ ୩୦ ଲକ୍ଷରେ ବିକ୍ରି ହେଉଥିଲା ଏଏସ୍‌ଓ ଚାକିରି । ଆଗକୁ ଦେଢ଼ ଲକ୍ଷ ନିଯୁକ୍ତି ଦେବୁ, ଖାଲିଥିବା ପଦବୀ ପୂରଣ ହେବ ।

ଯଦି କୌଣସି ବ୍ୟକ୍ତି ବା ବ୍ୟକ୍ତିମାନଙ୍କ ସମୂହ ତଥା ପରୀକ୍ଷା ପରିଚାଳନା ସଂସ୍ଥା କିମ୍ବା ସେବା ଯୋଗାଣକାରୀ ଏବଂ ଅନ୍ୟ କୌଣସି ଅନୁଷ୍ଠାନର କୌଣସି ବ୍ୟକ୍ତି ଅପରାଧ କରନ୍ତି, ତାହାଲେ ଅତିକମରେ ୫ରୁ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡାଦେଶ କରାଯିବ । ଏହା ସହିତ ୧କୋଟି ଟଙ୍କା ଜରିମାନାରେ ଦଣ୍ଡିତ ହେବେ । ସେହିପରି ଯଦି କୌଣସି ବ୍ୟକ୍ତି ପରୀକ୍ଷାରେ ବ୍ୟତିକ୍ରମ କରିଥିବେ, ତେବେ ସେମାନଙ୍କ ବିରୋଧରେ ଅତିକମରେ ୩ରୁ ୫ ବର୍ଷ କାରାବାସ ସହିତ ୧୦ ଲକ୍ଷ ପର୍ଯ୍ୟନ୍ତ ଜରିମାନା କରାଯିବ ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଦୀର୍ଘଦିନର ତ୍ୟାଗ, ତପସ୍ୟା ଓ ଅକଥନୀୟ ପରିଶ୍ରମର ଫଳ ମିଳିଛି, ଲୋକଙ୍କ ସରକାର ଆମ ସରକାର । ପ୍ରଧାନମନ୍ତ୍ରୀ ମାନ୍ୟବର ନରେନ୍ଦ୍ର ମୋଦୀଙ୍କ ଅକୁଣ୍ଠିତ ପ୍ରେରଣା ଏବଂ ପରିଶ୍ରମ, ସାଢ଼େ ଚାରି କୋଟି ଓଡିଶାବାସୀଙ୍କ ଆଶୀର୍ବାଦ ପାଇ ଆମ ସରକାର ସଫଳତାର ସହିତ ୬ ମାସ ପୂରଣ କରିବ । ଆମେ ଦେଇଥିବା ସମସ୍ତ ପ୍ରତିଶୃତି ପାଳନ କରିବାରେ ଆମେ ଆଗଭର ହେଉଛୁ । ସାଢ଼େ ଚାରି କୋଟି ଓଡ଼ିଆଙ୍କ ଆଶା ଆକାଂକ୍ଷାକୁ ପୂର୍ଣ୍ଣ କରି ଏକ ସମୃଦ୍ଧ, ବିକଶିତ, ପ୍ରଗତିଶୀଳ ଏବଂ ସମ୍ପୂର୍ଣ୍ଣ ଓଡ଼ିଶା ଗଠନ କରିବା ପାଇଁ ଆମ ସରକାର ବଦ୍ଧ ପରିକର ।

ଆପଣମାନେ ଜାଣିଛନ୍ତି ପୂର୍ବ ସରକାର ଅକୁଣ୍ଠିତ ଜନ ସମର୍ଥନ ଏବଂ ନିରଙ୍କୁଶ ଶାସନର ସୁଯୋଗ ପାଇଥିଲେ ମଧ୍ୟ ଓଡ଼ିଶାକୁ ସେମାନେ ଛଳନା ଓ ପ୍ରତାରଣାର ଲାବୋରେଟରୀରେ ପରିଣତ କରିଦେଇ ଥିଲେ । କିଛି ମୁଷ୍ଟିମେୟ ଲୋକ ସାମ୍ବିଧାନିକ ବ୍ୟବସ୍ଥାକୁ ଅତି ସନ୍ତର୍ପଣରେ ହାତୁଡି ପ୍ରହାର କରିଚାଲିଥିଲେ । ଯାହାର ଜବାବ ଆମ ରାଜ୍ୟବାସୀ, ଏ ନିର୍ବାଚନରେ ଦେଇଛନ୍ତି । ଦିନ ଦ୍ୱିପ୍ରହରରେ ରାହାଜାନୀ କରିବାକୁ ବାହାରିଥିବା ଚକ୍ରାନ୍ତକାରୀମାନେ ବେନକାବ ହୋଇଛନ୍ତି । ପ୍ରଭୁ ଜଗନ୍ନାଥଙ୍କ ଅପାର କୃପାରୁ ଲୋକଙ୍କ ସରକାର ଆସିଛି । ମୋ ସରକାର ଏକ ଉତ୍ତରଦାୟୀ ସରକାର । ଏ ସରକାର ସ୍ୱଚ୍ଛତା, ସାଧୁତା, ନିରପେକ୍ଷତା ଏବଂ ସମାନତାରେ ବିଶ୍ୱାସ କରେ ।

ଗୋଟିଏ ଜାତି ଆଗକୁ ବଢିବା ପାଇଁ ଅନେକ ଉପାଦାନ ଆବଶ୍ୟକ କରେ । ଓଡିଆ ଜାତିକୁ ମଧ ଇନ୍ଧନ ଦରକାର ଛ ବିଗତ ପଚିଶ ବର୍ଷର ସରକାରୀ ଉଦାସୀନତା ଅନେକ

**ପୂର୍ବ ସରକାରରେ ବିକ୍ରି ହୋଇଥିଲା ଏଏସ୍‌ଓ ଚାକିରି : ମୁଖ୍ୟମନ୍ତ୍ରୀ**

**ଆଗକୁ ଦେଢ଼ ଲକ୍ଷ ନିଯୁକ୍ତି ଦେବୁ, ଖାଲିଥିବା ପଦବୀ ପୂରଣ ହେବ**

**ପରୀକ୍ଷା ପରିଚାଳନା ସଂସ୍ଥାକୁ ୫-୧୦ବର୍ଷ ଜେଲ ସହ ୧କୋଟି ଜରିମାନା**

**ପରୀକ୍ଷାରେ ବ୍ୟତିକ୍ରମ ବ୍ୟକ୍ତିଙ୍କୁ ୩-୫ ବର୍ଷ ଜେଲ ସହ ୧୦ ଲକ୍ଷ ଜରିମାନା**

ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ନିଯୁକ୍ତି ସୁଯୋଗ ଦେବାରୁ ବଞ୍ଚିତ କରିଛି । ସରକାରୀ କ୍ଷେତ୍ରରେ ନିଯୁକ୍ତି ବ୍ୟବସ୍ଥାକୁ ସ୍ଥାଣୁ କରିଦେଇଥିବା ପୂର୍ବ ସରକାରଙ୍କ ଉତ୍ତରାଧିକାରୀ ଭାଙ୍ଗିବାକୁ ପଡିବ । କେବଳ ନିଯୁକ୍ତି କିମ୍ବା ବୈଷୟିକ ଶିକ୍ଷା ନୁହେଁ, ଏ ପ୍ରକ୍ରିୟା । କିଭଳି ପାରଦର୍ଶୀ ହେବ, ତାର ପରିଣାମ ଆଜିର ଏହି ବିଧେୟକ । ଏହି ବିଧେୟକ ଆଇନରେ ପରିଣତ ହେବା ମାତ୍ରେ ଲକ୍ଷ ଲକ୍ଷ ମେଧାବୀ ଛାତ୍ରଛାତ୍ରୀଙ୍କ ଆଶା ଆକାଂକ୍ଷା ପୁରଣ କରିବାରେ ସହାୟକ ହେବ ।

ପୂର୍ବ ସରକାର ଅମଳରେ ହୋଇଥିବା ନିଯୁକ୍ତି ପ୍ରକ୍ରିୟା ସ୍ୱଚ୍ଛ ଏବଂ ପାରଦର୍ଶୀ ଥିଲା ବୋଲି କେହି ବି ଦମ୍ଭରେ କହିପାରିବେ ନାହିଁ । ପ୍ରତି ନିଯୁକ୍ତି ତାଲିକା ସହିତ, ଚାପା ଗୁଞ୍ଜରଣ, ମେଧାବୀ ଛାତ୍ରଛାତ୍ରୀଙ୍କ ଆତ୍ମ ଫଳକ, ଛଦ୍ମ ପରିକ୍ଷାର୍ଥୀ, ନକଲ, ଉତ୍ତରପତ୍ର ଚଞ୍ଚକତା, ପ୍ରଶ୍ନପତ୍ର ପ୍ରଘଟ ଇତ୍ୟାଦି ଆଲୋଚନାର ବିଷୟ ବସ୍ତୁ ପାଲଟିବାର ନଜିର ରହିଅଛି । ଓଡିଶାର ପ୍ରଗତିର ବାହକ ଲକ୍ଷ ଲକ୍ଷ ମେଧାବୀ ଛାତ୍ରଛାତ୍ରୀଙ୍କୁ ସୁରକ୍ଷା ଦେବା ପାଇଁ ମୁଁ ପ୍ରତିଶ୍ରୁତିବଦ୍ଧ ।

ବିଗତ ଦିନ ମାନଙ୍କରେ ନିଯୁକ୍ତି ଚୟନ ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ ହେବା, ମୌଖିକ ପରୀକ୍ଷାରେ ପାତର ଅନ୍ତର ହେବା, ନିୟମ ଅନୁଯାୟୀ ପରୀକ୍ଷା ପରିଚାଳନା ହେବା, ପରୀକ୍ଷାରେ ଲାଞ୍ଚ କାରବାର ହେବା ଇତ୍ୟାଦି ଅନେକ ଅନିୟମତତା ସମ୍ବନ୍ଧରେ ଅଭିଯୋଗ ଆସିଅଛି । ପରୀକ୍ଷା ପରିଚାଳନାରେ ବିଭିନ୍ନ ଅସାଧୁ ଉପାୟ ଅବଲମ୍ବନ ହେବା ଓ ପରୀକ୍ଷା ପ୍ରକ୍ରିୟାରେ ପକ୍ଷପାତିତା ସମ୍ପର୍କରେ ଗଣମାଧ୍ୟମରେ ଶିରୋନାମାରେ ଆସିବା ପୂର୍ବ ସରକାରରେ ଏକ ସାଧାରଣ ଘଟଣା ଥିଲା ।

ଏହି ପବିତ୍ର ଗୃହକୁ ଜଣାଇବାକୁ ଚାହେଁ ଯେ ଆମ ସରକାରର ପ୍ରାଥମିକତା ହେଉଛି ସ୍ୱଚ୍ଛତା, ନିରପେକ୍ଷତା, ସାଧୁତା ଓ ପାରଦର୍ଶିତା । ଏହା ଏକ ଉତ୍ତରଦାୟୀ ସରକାର । ଆମ ରାଜ୍ୟର ଲକ୍ଷ ଲକ୍ଷ ମେଧାବୀ ଛାତ୍ରଛାତ୍ରୀମାନଙ୍କର ଭବିଷ୍ୟତକୁ ସୁରକ୍ଷିତ ରଖିବା ଆମ ସରକାରର ପରମ କର୍ତ୍ତବ୍ୟ । ସେମାନେ ତଥା ସେମାନଙ୍କର ପିତାମାତାଙ୍କର ସ୍ୱପ୍ନକୁ ସାକାର କରିବା ହେଉଛି ଆମର ପ୍ରାଥମିକତା । ତେଣୁ, ପରୀକ୍ଷା ପରିଚାଳନାରେ ବିଭ୍ରାଟ ସୃଷ୍ଟି କରୁଥିବା ଅସାଧୁ ଗୋଷ୍ଠୀଙ୍କୁ ସମୁଚିତ ଦଣ୍ଡ ଦେବା ଏବଂ ପରିଶ୍ରମୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିବା ପାଇଁ ଆମ ରାଜ୍ୟ ସରକାର ପ୍ରତିବଦ୍ଧ । ଆମ ସରକାର ଭବିଷ୍ୟତରେ ଦେଢ ଲକ୍ଷ ସରକାରୀ ନିଯୁକ୍ତି ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି ଏବଂ ଏ ସମସ୍ତ ନିଯୁକ୍ତି ପରୀକ୍ଷାକୁ ସ୍ୱଚ୍ଛ ଓ ନିରପେକ୍ଷ ଭାବେ ପରିଚାଳନା କରିବା ପାଇଁ ଏକ ସୁଦୃଢ ଆଇନର ଆବଶ୍ୟକତା ରହିଛି । ତେଣୁ ମୁଁ ଏ ଗୃହର ସମସ୍ତ ସଦସ୍ୟ ସଦସ୍ୟାଙ୍କୁ ଅନୁରୋଧ କରୁଛି ଯେ ସେମାନେ ଏହି ବିଲକୁ ପାରିତ କରି ଆଇନରେ ପରିଣତ କରାନ୍ତୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ବିଧାନସଭା



# ମାଧ୍ୟମିକ ବିଦ୍ୟାଳୟରେ ଡ୍ରପଆଉଟ ୧୨.୮୫%

ଭୁବନେଶ୍ୱର (ସବ୍ୟୁ): ରାଜ୍ୟରେ ଡ୍ରପ୍ ଆଉଟ୍ ହାର ପ୍ରାଥମିକ ବିଦ୍ୟାଳୟ ସ୍ତରରେ ୦.୫୧ ପ୍ରତିଶତ, ଉଚ୍ଚପ୍ରାଥମିକ ବିଦ୍ୟାଳୟ ସ୍ତରରେ ୨.୦୭ ପ୍ରତିଶତ ଓ ମାଧ୍ୟମିକ ବିଦ୍ୟାଳୟସ୍ତରରେ ୧୨.୮୫ ପ୍ରତିଶତ । ରାଜ୍ୟରେ ମାଧ୍ୟମିକ ସ୍ତରରେ ଦେଖାଯାଉଥିବା ସମସ୍ତ ଡ୍ରପ୍ ଆଉଟ୍ ସଂଖ୍ୟା ପ୍ରକୃତରେ ଡ୍ରାପ୍ ଆଉଟ୍ ନୁହେଁ । ସେମାନଙ୍କ ମଧ୍ୟରୁ ଅଧିକାଂଶ ଅନ୍ୟତ୍ର ତଥା ବିଭିନ୍ନ ବୈଷୟିକ, ଧନ୍ଦାମୂଳକ, ପଲିଟେକ୍‌ନିକ୍ ଓ ମୁକ୍ତା ଆକାଶ ଆଦି ବିଦ୍ୟାଳୟ ଗୁଡ଼ିକରେ ଅଧ୍ୟୟନରତ ଥାନ୍ତି । ତେଣୁ ରାଜ୍ୟରେ ମାଧ୍ୟମିକ ସ୍ତରରେ ଡ୍ରପ୍ ଆଉଟ୍ ହାର ସାମୟିକ ଭାବେ ଅଧିକ ପରିଲକ୍ଷିତ ହୋଇଥାଏ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହି ତଥ୍ୟ ଦେଇଛନ୍ତି ।

ଡ୍ରପ୍ ଆଉଟ୍ ହାର ରୋକିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । ଶିକ୍ଷାବର୍ଷ ଆରମ୍ଭରେ ପ୍ରତ୍ୟେକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ପାଳନ କରାଯାଇ ଛାତ୍ରଛାତ୍ରୀଙ୍କ ବୟସ ଓ ଶ୍ରେଣୀ ଉପଯୋଗୀ ଅନୁଯାୟୀ ନାମ ଲେଖାକୁ ସୁନିଶ୍ଚିତ କରାଯାଉଛି । ପ୍ରାଥମିକ ଶ୍ରେଣୀରେ ଛାତ୍ରଛାତ୍ରୀମାନଙ୍କ ଧାରଣକୁ ନିଶ୍ଚିତ କରିବାକୁ ମୌଳିକ ସାକ୍ଷରତା ଏବଂ ସଂଖ୍ୟା ଜ୍ଞାନ କାର୍ଯ୍ୟକ୍ରମ ନିପୁଣ ଓଡ଼ିଶା ଏକ ମିଶନ ମୋଡ୍‌ରେ ରାଜ୍ୟରେ କାର୍ଯ୍ୟକାରୀ କରାଯାଉଛି । ଏହା ସହ ୧୫୦୦୦ ବିଦ୍ୟାଳୟକୁ ଶିଶୁ ଅନୁକୂଳ ଶିକ୍ଷଣ ପରିବେଶ କରିବା ପାଇଁ ଉସ ଓ ଭିତ୍ତିଭୂମି ସୁଦୃଢ଼ କରାଯାଉଛି ।

# ତାଲିମ ନେଲେ ୧୮ଲକ୍ଷ ନିଯୁକ୍ତି ପାଇଲେ ଲକ୍ଷେ

ଭୁବନେଶ୍ୱର(ସବ୍ୟୁ): ରାଜ୍ୟରେ ବିଗତ ୧୦ ବର୍ଷରେ ୧୮ ଲକ୍ଷ ୪୨ ହଜାର ୬୭ ଜଣ ତାଲିମ ଦେଇଥିଲେ ରାଜ୍ୟ ସରକାର । କିନ୍ତୁ ଚାକିରି ଦେଇଛନ୍ତି ମାତ୍ର ୧ ଲକ୍ଷ ୫ ହଜାର ୪୪୪ ପିଲାଙ୍କୁ ।

ବିଧାନସଭାରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ସ୍ୱାଇଁ ଉତ୍ତରରେ ଦର୍ଶାଇଛନ୍ତି, ଗତ ୧୦ ବର୍ଷରେ ମୁଖ୍ୟମନ୍ତ୍ରୀ ନିଯୁକ୍ତି ସୁଯୋଗ ସୃଷ୍ଟି କାର୍ଯ୍ୟକ୍ରମ ଜରିଆରେ ୧୮ ଲକ୍ଷ ୪୨ ହାଜର ୬୭ ଜଣଙ୍କୁ ନିଯୁକ୍ତି ତାଲିମ ପ୍ରଦାନ କରାଯାଇ ଥିବା ବେଳେ ବିଗତ ପାଞ୍ଚ ବର୍ଷରେ ନିଯୁକ୍ତି ମେଳା ଆୟୋଜନ କରି ମାତ୍ର ୧ ଲକ୍ଷ ୫୪୪୪ ଜଣଙ୍କୁ ନିଯୁକ୍ତି ପତ୍ର ଦେଇଛନ୍ତି । ବଡ଼ କଥା ହେଲା ୨୨୬ ଟି ନିଯୁକ୍ତି ମେଳା ଆୟୋଜନ ପାଇଁ ସରକାର ୩ କୋଟି ୮୦ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି । ସେହିପରି ନିଯୁକ୍ତି ଭିତ୍ତିକ ତାଲିମ କାର୍ଯ୍ୟକ୍ରମ ଜରିଆରେ ବିଗତ ପାଞ୍ଚ ବର୍ଷରେ ୩୬ ହାଜର ୩୨୯ ଜଣ ଯୁବକ ଯୁବତୀଙ୍କୁ ତାଲିମ ଦିଆଯାଇଥିବା ବେଳେ ମାତ୍ର ୧୫ ହଜାର ୩୮ ଜଣଙ୍କୁ ନିଯୁକ୍ତି ଦେଇଛନ୍ତି । ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଦର୍ଶାଇଛନ୍ତି, ରାଜ୍ୟରେ ବିଗତ ପାଞ୍ଚ ବର୍ଷରେ ୧୨ ଲକ୍ଷ ୧୩ ହଜାର ୯୨୪ ଜଣ ଯୁବକ ଯୁବତୀ ପଞ୍ଜିକରଣ କରି ଚାକରି ଅପେକ୍ଷାରେ ଅଛନ୍ତି । ସେମାନଙ୍କ ମଧ୍ୟରୁ ମାତ୍ର ୨୨୭୪ ଜଣଙ୍କୁ ନିଯୁକ୍ତି ଦେଇ ପାରିଛନ୍ତି ରାଜ୍ୟ ସରକାର ।

# ପୂର୍ବ ସରକାରରେ ୧୩ ଶିଳ୍ପ କମ୍ପାନୀ ଏମଓୟୁ କରି ଓହରିଛନ୍ତି

ଭୁବନେଶ୍ୱର(ସବ୍ୟୁ): ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନକାଳରେ ଓଡ଼ିଶାରେ ପ୍ରକଳ୍ପ ନକରି ୧୩ଟି ବୃହତ ଶିଳ୍ପ କମ୍ପାନି ଓହରି ଯାଇଛନ୍ତି । ଏହି କମ୍ପାନିଗୁଡ଼ିକ ପ୍ରକଳ୍ପ ସ୍ଥାପନ ପାଇଁ ଚିକ୍ତନାମା ସ୍ୱାକ୍ଷର(ଏମଓୟୁ) କରିଥିଲେ ମଧ୍ୟ ବିଭିନ୍ନ କାରଣରୁ ଓହରି ଯାଇଥିଲେ । ଶୁକ୍ରବାର ବିଧାନସଭାରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏଭଳି ସୂଚନା ପ୍ରଦାନ କରିଛନ୍ତି । ବିଜେଡି ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ପ୍ରଶ୍ନର ଉତ୍ତରରେ ଶିଳ୍ପ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଦର୍ଶାଇଛନ୍ତି, ୧୩ଟି କମ୍ପାନି ଶିଳ୍ପ ସ୍ଥାପନ ପାଇଁ ରାଜ୍ୟ ସରକାରଙ୍କ ସହ ଏମଓୟୁ କରିଥିଲେ ମଧ୍ୟ ବିଭିନ୍ନ କାରଣରୁ ଓହରି ଯାଇଥିଲେ । ସେସବୁ କମ୍ପାନି ମଧ୍ୟରେ ଆର୍ସେଲର ମିତ୍ତଲ ଇଣ୍ଡିଆ, ପୋସ୍କୋ, ମହାରାଷ୍ଟ୍ର ସିମଲେସ୍, ଷ୍ଟେରଲାଇଟ୍ ଇଣ୍ଡଷ୍ଟ୍ରିଜ, ଅନୁଗୁଳ ଏନର୍ଜି(ଭୂଷଣ ଏନର୍ଜି), ଜେଆର ପାୱାରଗ୍ରେନ୍, ଟାଟା ପାୱାର କମ୍ପାନି, ଆରତୀ ଷ୍ଟିଲ, ସିଇଏସସି ଲିଃ, ଚମ୍ବଲ ଇନଫ୍ରାଷ୍ଟ୍ରକଚର ଆଣ୍ଡ ଭେଞ୍ଚର, କଳିଙ୍ଗ ଏନର୍ଜି ଆଣ୍ଡ ପାୱାର, ବିଜିଆର ଏନର୍ଜି ସିଷ୍ଟମ ଓ ଆରଏସବି ମେଟାଲିକ୍ସ ରହିଛନ୍ତି । ଏହି କମ୍ପାନିଗୁଡ଼ିକ ମଧ୍ୟରେ ଆର୍ସେଲର ୪୦ହଜାର କୋଟି ଏବଂ ପୋସ୍କୋ ୫୧ ହଜାର କୋଟି ଟଙ୍କା ନିବେଶର ପ୍ରତିଶ୍ରୁତି ଦେଇଥିଲେ ବୋଲି ମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତ । ସେହିପରି ଗୃହ ବାହାରେ ଶିଳ୍ପ ମନ୍ତ୍ରୀ କହିଛନ୍ତି, ନୂଆ ସରକାର ଆସିବା ଏବେ କୌଣସି ଶିଳ୍ପ ସଂସ୍ଥା ଓଡ଼ିଶାରୁ ଫେରୁନାହାନ୍ତି । ଶିଳ୍ପ କମ୍ପାନୀଗୁଡ଼ିକ ପକ୍ଷରୁ ମଧ୍ୟ ଏହା ସ୍ପଷ୍ଟ କରାଯାଇଛି । ଆର୍ସେଲର ମିତ୍ତଲ ନିପନ ଷ୍ଟିଲର ସ୍ଥିତି ହେଉଛି ସ୍ଥାନୀୟ ତହସିଲଦାରଙ୍କ ପକ୍ଷରୁ ଶୁକ୍ରବାର ସମ୍ପୃକ୍ତ ଅଞ୍ଚଳରେ ଜମି କିଣାବିକା ବନ୍ଦ ପାଇଁ ବିଜ୍ଞପ୍ତି ଜାରି ହୋଇଛି । ସେଠାରେ ପ୍ରକଳ୍ପ ପାଇଁ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି । ରେଳ ପ୍ରକଳ୍ପ ପାଇଁ ଡିପିଆର ପ୍ରସ୍ତୁତି କରାଯାଉଛି । ୧୮ମାସ ମଧ୍ୟରେ ବିଦ୍ୟୁତ ସଂଯୋଗ କାର୍ଯ୍ୟ ସରିବ । ସମସ୍ତ ପ୍ରକାରର ଆନୁସଙ୍ଗିକ କାମ ପାଇଁ ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି । ପୂର୍ବ ସରକାର ସମୟରେ ବି ଯେଉଁ ଶିଳ୍ପ ଫେରିଥିଲା ତାକୁ ଆମେ ଓଡ଼ିଶାକୁ ଫେରାଇ ଆଣିବାକୁ ଚେଷ୍ଟା କରୁଛୁ ବୋଲି ସେ କହିଛନ୍ତି ।

# ବୈଜୟନ୍ତଙ୍କ ଅଧ୍ୟକ୍ଷତାରେ ପବ୍ଲିକ ଅଣ୍ଡରଟେକିଂ କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ




ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ପବ୍ଲିକ ଅଣ୍ଡରଟେକିଂ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଗୁରୁବାର ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଦେଶର ଗୁରୁତ୍ୱପୂର୍ଣ୍ଣ କମିଟି ଗୁଡିକ ମଧ୍ୟରୁ ପବ୍ଲିକ ଅଣ୍ଡରଟେକିଂ କମିଟି ଅନ୍ୟତମ । ଶ୍ରୀ ପଣ୍ଡା ଏହି କମିଟିର ଅଧ୍ୟକ୍ଷ ହେବାପରେ ଏହା ତାଙ୍କର ପଞ୍ଚମ ବୈଠକ । ଏହି ବୈଠକରେ ସିପିଂ କର୍ପୋରେସନ ଅଫ ଇଣ୍ଡିଆ, ବନ୍ଦର ଏବଂ ଜାହାଜ ଚଳାଚଳ ମନ୍ତ୍ରଣାଳୟର ପ୍ରତିନିଧି ମାନେ କମିଟି ସମ୍ମୁଖରେ ଉପସ୍ଥିତ ହୋଇ ନିଜର ପକ୍ଷ ରଖିଛନ୍ତି । ଏହି ବୈଠକରେ ଓଡ଼ିଶାରୁ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ, ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟଙ୍କ ସମେତ ଅନ୍ୟ ସଦସ୍ୟ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ୩.୫ ଲକ୍ଷ ୮୦ ବର୍ଷରୁ ଉର୍ଦ୍ଧ୍ୱ ଭତ୍ତାଧାରୀ ହେବେ ଉପକୃତ

ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟରେ ମଧୁବାବୁ ଭତ୍ତା ଯୋଜନା ଓ ଜାତୀୟ ସାମାଜିକ ସହାୟତା ଯୋଜନାରେ ୮୦ ବର୍ଷ ବା ତଦୁର୍ଦ୍ଧ୍ୱ ବୟସ୍କ ଏବଂ ୮୦%ରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମମାନଙ୍କ ପାଇଁ ବାର୍ଷିକ ଭତ୍ତା ରାଶିକୁ ୩୫୦୦ ଟଙ୍କାକୁ ବୃଦ୍ଧି କରିବା ନିମନ୍ତେ ବିଚାର କରୁଛନ୍ତି ସରକାର ।

ଏଭଳି ତଥ୍ୟ ଦେଇଛନ୍ତି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ । ବିଧାୟକ ସୁଦର୍ଶନ ହରିପାଲଙ୍କ ଏକ ପ୍ରଶ୍ନର ଉତ୍ତରରେ ରାଜ୍ୟରେ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଅଧୀନରେ ୮୦ ବର୍ଷ କିମ୍ବା ତଦୁର୍ଦ୍ଧ୍ୱ ବୟସ୍କ ୧,୫୫,୭୦୯ ହିତାଧିକାରୀ ଭତ୍ତା ପାଉଛନ୍ତି । ମଧୁବାବୁ ପେନସନ ଯୋଜନା ଅଧୀନରେ ୮୦ ବର୍ଷ କିମ୍ବା ତଦୁର୍ଦ୍ଧ୍ୱ ୨,୧୪,୩୬୮ ସଂଖ୍ୟକ ହିତାଧିକାରୀ ଉପକୃତ ହେବେ ।

### ୮୫ ନୂଆ କେନ୍ଦ୍ରୀୟ ବିଦ୍ୟାଳୟ ଓ ୨୮ ନବୋଦୟ ବିଦ୍ୟାଳୟ ପ୍ରତିଷ୍ଠାକୁ କେନ୍ଦ୍ର କ୍ୟାବିନେଟର ଅନୁମୋଦନ

# ଓଡ଼ିଶାରେ ଖୋଲିବ ୮ଟି ନୂଆ କେନ୍ଦ୍ରୀୟ ବିଦ୍ୟାଳୟ : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି(ସିସିଇଏ) ବୈଠକରେ ଓଡ଼ିଶାରେ ୮ଟି ଏବଂ ସମଗ୍ର ଦେଶରେ ୮୫ଟି ନୂଆ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ଏବଂ ୨୮ଟି ନୂଆ ନବୋଦୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ମଞ୍ଜୁର କରିଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ଜାତୀୟ ଶିକ୍ଷା ନୀତିର ପରାମର୍ଶ ଅନୁସାରେ ଓଡ଼ିଶା ସମେତ ସମଗ୍ର ଦେଶରେ ଉତ୍ତମ ଗୁଣାତ୍ମକ ମାନର ଶିକ୍ଷା ପ୍ରଦାନ କରିବା ଲକ୍ଷ୍ୟରେ ଏହି ନୂଆ ବିଦ୍ୟାଳୟ ମଞ୍ଜୁର ପ୍ରଦାନ କରାଯାଇଛି । ଆଗାମୀ ଦିନରେ ଭାରତ ସରକାର ୮୫ଟି ନୂଆ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ଓ ଗୋଟିଏ କେନ୍ଦ୍ରୀୟ ବିଦ୍ୟାଳୟର ସମ୍ପ୍ରସାରଣ ପାଇଁ ପ୍ରାୟ ୫୮୭୨ କୋଟି ଟଙ୍କା ଏବଂ ୨୮ଟି ନୂଆ ନବୋଦୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପ୍ରାୟ ୨୩୫୯ କୋଟି ଟଙ୍କା ଖର୍ଚ୍ଚ କରିବେ । ଏହା ଦ୍ୱାରା ଏକବିଂଶ ଶତାବ୍ଦୀର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବ । ପ୍ରତିଷ୍ଠା ହେବାକୁ ଥିବା ସ୍ଥାନରେ ଶିକ୍ଷା ଭିତ୍ତିଭୂମିର



ବିକାଶ ହେବ । ଛାତ୍ରଛାତ୍ରୀ ବିଶେଷ ଭାବରେ ଏସସି, ଏସଟି ଓ ଓବିସି ବର୍ଗର ଛାତ୍ରଛାତ୍ରୀମାନେ ଉପକୃତ ହୋଇପାରିବେ । ବିଦ୍ୟାଳୟ ସ୍ତରରେ ଶିକ୍ଷାର ମାନରେ ଉନ୍ନତି ହେବ । ଛାତ୍ରଛାତ୍ରୀଙ୍କ ମାନସିକ, ଶାରିରୀକ, କ୍ରିଟିକାଲ ଥିଙ୍କିଂ ସହ ବୌଦ୍ଧିକ କ୍ଷମତା ବିକଶିତ ହେବ । ସ୍ଥାନୀୟ ଅଞ୍ଚଳରେ ଅନେକ ନିଯୁକ୍ତି ସୃଷ୍ଟି ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଓଡ଼ିଶାର ସମ୍ବଲପୁର ଜିଲ୍ଲାର କୁଚିଣ୍ଡା, ଅନୁଗୋଳ ଜିଲ୍ଲାର ତାଳଚେର ଓ ଆଠମଲ୍ଲିକ, ଢେଙ୍କାନାଳର କାମାକ୍ଷାନଗର, ଖୋର୍ଦ୍ଧା ଜିଲ୍ଲାର ଆଇଟିବିପି ଖୋର୍ଦ୍ଧା, କୋରାପୁଟ ଜିଲ୍ଲାର ଜୟପୁର, ବଲାଙ୍ଗୀର ଜିଲ୍ଲାର ରେଲୱେ ଟିଟିଲାଗଡ଼ ଓ ପାଟଣାଗଡ଼ରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନା ହେବାର ନିଷ୍ପତି ଦ୍ୱାରା ସ୍ଥାନୀୟ ଲୋକମାନଙ୍କର ଥିବା ଦୀର୍ଘ ଦିନର ଆଶା ଓ ଆପେକ୍ଷା ପୂରଣ ହେବାକୁ ଯାଉଛି । ଓଡ଼ିଶାରେ ଶିକ୍ଷାର ବିକାଶ ଓ ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବା ଦିଗରେ ଏହି ନିଷ୍ପତ୍ତି ନେଇଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଶ୍ରୀ ପ୍ରଧାନ କୃତଜ୍ଞତା ଜଣାଇଛନ୍ତି ।

# କଳ୍ପନା, ସର୍ଜନା ଓ ପ୍ରଭାବକୁ ନେଇ କିଟ୍‌ରେ କେ-ଆଇ୩ ଫେଷ୍ଟ ଉଦ୍‌ଘାଟିତ

ଭୁବନେଶ୍ୱର,(ସବ୍ୟୁ): ପରିକଳ୍ପନା, ସର୍ଜନା ଓ ପ୍ରଭାବ (ଆଇଡିଆ, ଇନୋଭେସନ୍, ଇମ୍ପାକ୍ଟ)କୁ ନେଇ କିଟ୍



ବିଶ୍ୱବିଦ୍ୟାଳୟରେ କେ-ଆଇ୩ ଫେଷ୍ଟ ଉଦ୍‌ଘାଟିତ ହୋଇଯାଇଛି । କେ-ଆଇ୩ ଫେଷ୍ଟ ପ୍ରଥମ ସଂସ୍କରଣର ବିଷୟ ବସ୍ତୁ ରହିଛି ଫ୍ରଣ୍ଟିଅର ଟେକ୍ନୋଲୋଜି ଫର ବିକଶିତ ଭାରତ-୨୦୪୭ । କିଟ୍ ଡିନ୍ ଗୋଲ୍ଡ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓପିଏସ୍‌ସିର ପ୍ରାକ୍ତନ ଅଧ୍ୟକ୍ଷ ବ୍ରିଗେଡିୟର ଡ. ଲକ୍ଷ୍ମୀ ଚରଣ ପଟ୍ଟନାୟକ ଯୋଗଦେଇ ପରିକଳ୍ପନା, ସର୍ଜନା ଓ ଏଗୁଡ଼ିକର ପ୍ରଭାବ ଉପରେ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ । ସେ କହିଲେ ବିଶ୍ୱର ପ୍ରାୟ ଅଧିକାଂଶ ସର୍ଜନା ଓ ଆବିଷ୍କାର ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟସ୍ତରରୁ ହିଁ ଆରମ୍ଭ ହୋଇଛି । ୩ଡି ପ୍ରିଣ୍ଟିଂଠାରୁ ଆରମ୍ଭ କରି ବ୍ଲକ୍ଚେନ୍ ଟେକ୍ନୋଲୋଜି ପର୍ଯ୍ୟନ୍ତ ବିଭିନ୍ନ ସର୍ଜନା ବିଶ୍ୱବିଦ୍ୟାଳୟସ୍ତରରୁ ଆରମ୍ଭ ହୋଇଛି । ଏବେ ଆତ୍ମନିର୍ଭର ଭାରତ ପ୍ରୟାସ ଅଧିନରେ ବିଭିନ୍ନ ପ୍ରତିରକ୍ଷା ଉତ୍ପାଦ ତିଆରି କରାଯାଉଛି । ଏଭଳି ଉଦ୍ୟୋଗ କରି ବହୁ ଯୁବକ ଉଦ୍ୟୋଗପତି ହୋଇପାରିଛନ୍ତି ବୋଲି ସେ କହିଥିଲେ । କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଛାତ୍ରଛାତ୍ରୀଙ୍କୁ ସୂଚନା ଦେଇ କହିଲେ, କେବଳ କୌଣସି ପରିକଳ୍ପନାକୁ ନିଜ ମନ ମଧ୍ୟରେ ଆଣିଲେ ହେବ ନାହିଁ । ଏହାକୁ କାର୍ଯ୍ୟକାରୀ କରିବା ସହ ଏହା ପ୍ରଭାବ କଣ ରହିବ ତା ଉପରେ ମଧ ଚିନ୍ତା କରିବା ଉଚିତ । ନିଜ ପରିକଳ୍ପନା ଓ ସର୍ଜନାର ଯଦି କୌଣସି ପ୍ରଭାବ ନ ରହିଲା ତେବେ ତାହା ଫଳପ୍ରଦ ହୋଇ ନ ଥାଏ । ନିଜ ସର୍ଜନାକୁ ଆଗକୁ ନେଇଯିବା ପାଇଁ କିଟ୍ ହେଉଛି ପ୍ରକୃଷ୍ଟ କ୍ଷେତ୍ର ବୋଲି ଶ୍ରୀ ସାମନ୍ତ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଓ ବିଭିନ୍ନ ସ୍କୁଲ୍‌ର ଡିନ୍ମାନେ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ କିଟ୍‌ର ୨୪ଟି ବିଭିନ୍ନ ସ୍କୁଲ୍‌ର ୬ଶହ ଛାତ୍ରଛାତ୍ରୀ ୨୫୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିଲେ । ଶେଷରେ ଡିନ୍ ଗୋଲ୍ଡ କ୍ଲବ୍ ଅଧ୍ୟକ୍ଷ ପ୍ରଫେସର ଶ୍ରୀନିବାସ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଫୁଲ୍ଲ ସାମଲ ବିଜେଡ଼ି ଶ୍ରମିକ ସାମୁଖ୍ୟ ସଭାପତି



ଭୁବନେଶ୍ୱର (ସବ୍ୟୁ): ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କୁ ବିଜେଡି ଶ୍ରମିକ ସାମୁଖ୍ୟର ରାଜ୍ୟ ସଭାପତି ଭାବେ ନିଯୁକ୍ତି ଦିଆଯାଇଛି । ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ତାଙ୍କୁ ନିଯୁକ୍ତି ଦେବା ସହ ତୁରନ୍ତ କାର୍ଯ୍ୟଭାର ଗ୍ରହଣ କରିବାକୁ କହିଛନ୍ତି । ଶ୍ରୀ ସାମଲ ଜଣେ ପୁରୁଖା ନେତା । ଭଣ୍ଡାରିପୋଖରୀରୁ ସେ ଅନେକଥର ବିଧାୟକ ଭାବେ ନିର୍ବାଚିତ ହେବା ସହ ରାଜ୍ୟ ମନ୍ତ୍ରୀମଣ୍ଡଳରେ ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ ।

# ଓୟୁଏଟିରେ ଉନ୍ନତିକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ : କେ.ଭି




ଭୁବନେଶ୍ୱର: (ସବ୍ୟୁ): କୃଷି ଭବନ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ବିଭିନ୍ନ କାର୍ଯ୍ୟାବଳୀର ସମୀକ୍ଷା କରିଛନ୍ତି । ଓୟୁଏଟିର କାର୍ଯ୍ୟାବଳୀ, ସ୍ଥାୟୀ ଭିତ୍ତିଭୂମି, ଛାତ୍ରଛାତ୍ରୀଙ୍କ କ୍ଲାସରୁମ, ହଷ୍ଟେଲ ରୁମ୍, ଅଧାପକ , ଅଧାପିକା ଓ ଖାଲିଥିବା ପଦବୀ ବିଷୟରେ ବିସ୍ତୃତ ସମୀକ୍ଷା କରାଯାଇଥିଲା । ଚାଲୁଥିବା ଉନ୍ନତିମୂଳକ କାର୍ଯ୍ୟଗୁଡିକୁ ତ୍ୱରାନ୍ୱିତ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ପରାମର୍ଶ ଦେଇଥିଲେ । ବର୍ତ୍ତମାନର ସରକାର କୃଷି କ୍ଷେତ୍ର ଓ କୃଷକଙ୍କୁ ସଶକ୍ତ କରିବା ଦିଗରେ ବିଭିନ୍ନ ପଦକ୍ଷେପମାଣ ନେଉଛନ୍ତି । ସେହି ପରିପ୍ରେକ୍ଷିରେ ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟର ଉନ୍ନତିକରଣ କାର୍ଯ୍ୟ କରାଯାଇ ଏହାକୁ ଏକ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ଲକ୍ଷ ରହିଛି । ଏହା କେବଳ ଭୁବନେଶ୍ୱରସ୍ଥିତ ଓୟୁଏଟି କାର୍ଯ୍ୟାଳୟ ନୁହେଁ, ଓଡ଼ିଶାର ଅନ୍ୟ ଜିଲ୍ଲା ଗୁଡିକରେ ଥିବା ଓୟୁଏଟି କ୍ୟାମ୍ପସ ଗୁଡିକର ମଧ ବିକାଶମୂଳକ କାର୍ଯ୍ୟ ଚାଲୁ ରହିଛି ।

ଏହି ସମୀକ୍ଷା ବୈଠକରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢୀ, ସ୍ୱତନ୍ତ୍ର ଶାସନ ସଚିବ ଦିଲ୍ଲୀପ କୁମାର ପରିଡ଼ା, ଓୟୁଏଟି କୁଳପତି ପ୍ରଭାତ କୁମାର ରାଉଳ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀବୃନ୍ଦ ଯୋଗଦେଇ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ ।





# ସମୃଦ୍ଧ ଓଡ଼ିଶା ପାଇଁ ଏକ ନୂତନ ଯୁଗର ଆରମ୍ଭ

## ଟ.୬୪୦୦ କୋଟିରୁ ଅଧିକ ମୂଲ୍ୟ ବିକାଶମୂଳକ ପ୍ରକଳ୍ପର

### ଭିତ୍ତିପ୍ରସ୍ତର ସ୍ଥାପନ

### ୩ଗୋଟି ନୂତନ ରେଳ ଲାଇନର

- ବାଙ୍ଗିରିପୋଷି-ଗୋରୁମହିଷାଣୀ
- ବୁଢ଼ାମରା-ଚାକୁଲିଆ
- ବାଦାମପାହାଡ଼-କେନ୍ଦୁଝରଗଡ଼

ଏବଂ

- ଜନଜାତି ଗବେଷଣା ଏବଂ ବିକାଶ କେନ୍ଦ୍ର ରାଇରଙ୍ଗପୁର
- ଦଣ୍ଡବୋଷ ବିମାନବନ୍ଦର ରାଇରଙ୍ଗପୁର
- ଉପମଣ୍ଡଳୀୟ ଚିକିତ୍ସାଳୟ ରାଇରଙ୍ଗପୁର

(ଭିଡିଓ କନ୍‌ଫରେନ୍ସିଂ ଜରିଆରେ)

କରିବେ

## ଶ୍ରୀମତୀ ଦ୍ରୌପଦୀ ମୁର୍ମୁ

**ଭାରତର ମହାମହିମ ରାଷ୍ଟ୍ରପତି**

୦୭ ଡିସେମ୍ବର, ୨୦୨୪ | ବାଙ୍ଗିରିପୋଷି, ଓଡ଼ିଶା

### ସୁବିଧାସମୂହ

**ନୂତନ ରେଳ ଲାଇନ୍ ସମୂହ**
- ଅଞ୍ଚଳର ବିକାଶ ସହିତ ଅଧିକ ନିଯୁକ୍ତି ସୁବିଧା
- ଓଡ଼ିଶାର ମୟୂରଭଞ୍ଜ ଏବଂ କେନ୍ଦୁଝରଗଡ଼ ଜିଲ୍ଲା ମଧ୍ୟରେ ସଂଯୋଗୀକରଣକୁ ପ୍ରୋତ୍ସାହନ
- ଖଣିଜ ଦ୍ରବ୍ୟ ସମୃଦ୍ଧ ଅଞ୍ଚଳରୁ କଞ୍ଚାମାଲର ସୁଗମ ପରିବହନ

**ଦଣ୍ଡବୋଷ ବିମାନ ବନ୍ଦର**
- ଭାରତ ସରକାରଙ୍କ 'ଉଡ଼େ ଦେଶ କା ନାଗରିକ' (ୟୁଡିଏଏନ୍) ଯୋଜନା ଦ୍ୱାରା ସ୍ଥାନୀୟ ଆକାଶପଥର ସଂଯୋଗୀକରଣ କାର୍ଯ୍ୟକ୍ରମକୁ ପ୍ରୋତ୍ସାହନ
- ଅର୍ଥନୀତି ଏବଂ ପର୍ଯ୍ୟଟନ କ୍ଷେତ୍ରକୁ ଅଗ୍ରାଧିକାର

**ଆଦିବାସୀ ଗବେଷଣା ଓ ବିକାଶ କେନ୍ଦ୍ର**
- ଆଦିବାସୀ ଜୀବନଶୈଳୀ, ବ୍ୟବହାର, ଜୀବନ ଓ ଜୀବିକା, ଐତିହ୍ୟ ଏବଂ ସଂସ୍କୃତି ଆଦି ସମସ୍ତ କ୍ଷେତ୍ରରେ ଗବେଷଣା ଅଧ୍ୟୟନକୁ ଶାଣିତ, ମାନସମନ୍ୱନ ଏବଂ ବିଚାରବିମର୍ଶକୁ ପ୍ରୋତ୍ସାହନ
- ବୈଷୟିକ ଜ୍ଞାନକୌଶଳ ଏବଂ ଆର୍ଥିକ କାର୍ଯ୍ୟକଳାପ କ୍ଷେତ୍ରରେ ଏକ ଦକ୍ଷତା ପ୍ରଶିକ୍ଷଣ ଏବଂ ଉଦ୍ୟୋଗୀ ବିକାଶ ହବ୍ ଭାବେ କାର୍ଯ୍ୟ କରିବ

**ଉପମଣ୍ଡଳୀୟ ଚିକିତ୍ସାଳୟ**
- ସ୍ୱାସ୍ଥ୍ୟସେବାର ପରିସରକୁ ବୃଦ୍ଧି
- ଅତ୍ୟାଧୁନିକ ଏବଂ ବିକଶିତ ସ୍ୱାସ୍ଥ୍ୟସେବା ସୁବିଧାରେ ସୁଧାର

### ସଦୟ ଉପସ୍ଥିତି

**ରଘୁବର ଦାସ**
ରାଜ୍ୟପାଳ, ଓଡ଼ିଶା

**ମୋହନ ଚରଣ ମାଝୀ**
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଅଶ୍ୱିନୀ ବୈଷ୍ଣବ**
ରେଳ, ସୂଚନା ଏବଂ ପ୍ରସାରଣ, ଇଲେକ୍ଟ୍ରୋନିକ୍ ତଥା ସୂଚନା ପ୍ରଯୁକ୍ତି ବିଦ୍ୟା କେନ୍ଦ୍ର ମନ୍ତ୍ରୀ

**ଜୁଏଲ ଓରାମ୍**
କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ

**ଡ.କୃଷ୍ଣ ଚନ୍ଦ୍ର ମହାପାତ୍ର**
ଗୃହ ଏବଂ ସହରୀ ବିକାଶ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ, ଓଡ଼ିଶା ସରକାର

**ଗଣେଶ ରାମ ସିଂଖୁଣ୍ଟିଆ**
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ରାଷ୍ଟ୍ର ମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ), ଓଡ଼ିଶା ସରକାର

**ମମତା ମହାନ୍ତ**
ସାଂସଦ, ରାଜ୍ୟ ସଭା

**ନବ ଚରଣ ମାଝୀ**
ସାଂସଦ, ଲୋକ ସଭା

**ସଞ୍ଜଲି ମୁର୍ମୁ**
ବିଧାୟକ, ବାଙ୍ଗିରିପୋଷି





କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖନ୍ତୁ DD NEWS ରେ

ଆମକୁ ଅନୁସରଣ କରନ୍ତୁ: /RailMinIndia

# ପରିବା ବୋଝେଇ ଗାଡିରେ କଫ ସିରପ ଚାଲାଣ, ୫ ଗିରଫ



ସମ୍ବଲପୁର,(ସବ୍ୟୁ): ସୁଦୂର କୋଲକାତାରୁ ପରିବା ବୋଝେଇ ପିକଅପ୍ ଭ୍ୟାନରେ କଫସିରପ ଚୋରାଚାଲାଣ ହେଉଛି । ସମ୍ବଲପୁର ସିଟି ଷ୍ଟେସନ ଝାଙ୍କରପଡା ନିକଟରୁ ବ୍ୟାପକ ପରିମାଣର କଫସିରପ ଜବତ ହେବା ପରେ ପୋଲିସ ଏସମ୍ପର୍କରେ ସୂଚନା ପାଇଛି । ଏହାର ଲିଙ୍କ ଖୋଜି ବାହାର କରିବା ସହ ନିଶା ବେପାରୀଙ୍କୁ ଗିରଫ କରିବାକୁ ପୋଲିସ ଉଦ୍ୟମ କରୁଥିବା ସଦର ଏସ୍‌ଡିପିଓ ତୋଫାନ ବାଗ କହିଛନ୍ତି । ଜବତ ନିଶା ସାମଗ୍ରୀର ଆନୁମାନିକ ମୂଲ୍ୟ ୫ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି । ସୂଚନାଯୋଗ୍ୟ, ସିଟି ଷ୍ଟେସନ ପଛପାଖ ଝାଙ୍କରପଡା ନିକଟରେ କିଛି ଅସାମାଜିକ ଯୁବକ ଶୁକ୍ରବାର ଭୋର ୫ଟାରେ ଏକତ୍ରିତ ହୋଇ ନିଶା କାରବାର କରୁଥିବା ପୋଲିସକୁ ସୂଚନା ମିଳିଥିଲା । ଖବର ପାଇ ଧନୁପାଲି ପୋଲିସ ଚଢଉ କରିଥିଲା । ଚଢଉ ବେଳେ ୧ହଜାର୪୪୦ବୋତଲ କଫସିରପ, ଏକ କାର, ସ୍କୁଟି, ୪ଟି ମୋବାଇଲ ଫୋନ ଓ ୧୦ହଜାର ଟଙ୍କା ଜବତ ହୋଇଥିଲା । ଏହି ଅଭିଯୋଗରେ ସୁନାପାଲିର ମହମ୍ମଦ ତସଲିମ(୨୪) ଓ ମହମ୍ମଦ ଆତିଫ୍ (୩୫), ମୋତିଝରନର ସେକ୍ ଜୟରୁଦ୍ଦିନ (୨୮), ସାହୁ କଲୋନୀର ଶାନ୍ତନୁ ଦାସ(୨୯) ଏବଂ ଉତ୍ତରପ୍ରଦେଶର ମହମ୍ମଦ ଆକ୍ରମ(୩୦)ଙ୍କୁ ପୋଲିସ ଗିରଫ କରିଛି । ଏମାନେ କୋଲକାତାରୁ ଏହି ନିଶା ସାମଗ୍ରୀ ଆଣି ବ୍ୟବସାୟ କରୁଥିଲେ । ତେବେ ପୋଲିସ ଖବର ପାଇବା ପୂର୍ବରୁ ୮ପେଟି କଫସିରପ ବରଗଡ ଚାଲାଣ ହୋଇଥିବା ତଦନ୍ତ ବେଳେ ଜଣାପଡିଛି । ଏନେଇ ୫୦୪/୨୪ରେ ଏକ ମାମଲା ରୁଜୁ କରାଯାଇ ୫ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ସମ୍ମାନ ପାଇବେ ଅକ୍ଷୟ, ସନତ ରାମ ଓ ଟିକେଶ୍ୱର

ନୂଆପଡ଼ା,(ସବ୍ୟୁ): ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ସମ୍ମାନର ଜିଲ୍ଲାସ୍ତରୀୟ ପୁରସ୍କାର ଚୟନ କମିଟି ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନୂଆପଡାର ଉଚ୍ଚ ଶିକ୍ଷିତ ଯୁବକ ଅକ୍ଷୟ କୁମାର ମିଶ୍ର, ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ସମ୍ମାନ ୨୦୨୩-୨୪ ରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଉଦ୍‌ଭାବନ କ୍ଷେତ୍ରରେ ବୃକ୍ଷଲତା ପାଇଁ ରିଦ୍ ମୋମିଟର ର ନୂତନ ଉଦଭାବନ ପାଇଁ ସେ ୧୫ ହଜାର ଟଙ୍କା ପୁରସ୍କାର ପାଇବେ । ଏହି ଯନ୍ତ୍ରରେ ବୃକ୍ଷ ଲତାର ଶ୍ୱାସ ପ୍ରଶ୍ୱାସ, ଭୂମିରୁ ଖାଦ୍ୟ ଗ୍ରହଣ କ୍ଷମତା, ଫଟୋ ସିନ୍ଥେସିସ କ୍ଷମତା ମାପ ଦ୍ୱାରା ଗଛଟି ରୁଗ୍ଣ କି ସୁସ୍ଥ ଜଣାପଡ଼ିବ । ସେହିପରି ନୂତନ ଧାରଣା ବା ଆଇଡିଆ କ୍ଷେତ୍ରରେ ସ୍ୱୟଂ ଚାଳିତ କୀଟ ଦମନ ପ୍ରକଳ୍ପ ପାଇଁ ତାଙ୍କୁ ପ୍ରଥମ ବିବେଚିତ କରାଗଲା । ସୁଚନାଯୋଗ୍ୟ ଯେ ଶ୍ରୀ ମିଶ୍ର ଙ୍କ ଏହି ଉଭୟ ପ୍ରକଳ୍ପ ଭାରତୀୟ କୃଷି ଗବେଷଣା ସଂସ୍ଥା ଦ୍ୱାରା ପୂର୍ବରୁ ଉଚ୍ଚ ପ୍ରଶଂସିତ ହୋଇଛି ।

ସେହିପରି ଜିଲ୍ଲାର କୃଷକ ସନତରାମ ମାଝୀ ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ସମ୍ମାନ ୨୦୨୩-୨୪ ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ସେ ମଟର ସାଇକଲ ଇଞ୍ଜିନର ଉପଯୋଗ କରି ନୂତନ ଘାସମରା ଯନ୍ତ୍ର, ଉଦଭାବନ କରିଛନ୍ତି । ତାଙ୍କର ଏହି ସଫଳତା ପାଇଁ ୧୫ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ।

ନୂଆପଡାର ଆଉଜଣେ ଶିଳ୍ପୀ ଟିକେଶ୍ୱର ଦେଓ୍ୱାଙ୍ଗନ, ଏଥର ଟ୍ରାକ୍ଟର ଚାଳିତ ପାଣି ପମ୍ପର ନୂତନ ଉଦ୍ଭାବନ ପାଇଁ ତୃତୀୟ ପୁରସ୍କାର ପାଇବେ । ସେ ମଧ୍ୟ ତାଙ୍କର ଏହି ସଫଳତା ପାଇଁ ୧୫ ହଜାର ଟଙ୍କା ପୁରସ୍କାର ରାଶି ପାଇବେ। ଜିଲ୍ଲାର ବିଭିନ୍ନ ବ୍ଲକ୍ ରୁ ଏଥିପାଇଁ ୧୯ ଜଣ ପ୍ରତିଯୋଗୀ ଆବେଦନ କରିଥିଲେ । ଉପରୋକ୍ତ ତିନି ଜଣ କୃତୀ ବିବେଚିତ ଉଦ୍ଭାବକଙ୍କୁ ଆଗାମୀ ଡିସେମ୍ବର ମାସ ୧୭ ରୁ ୨୧ ତାରିଖରେ ହେଉଥିବା ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାରେ ପୁରସ୍କୃତ କରାଯିବ। ଚୟନ କମିଟି ବୈଠକରେ ଜିଲ୍ଲାପାଳଙ୍କ ସହିତ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବାବୁଲି ଚରଣ ସେଠୀ, କୃଷି ଅଧିକାରୀ ସତ୍ୟ ଭୂଷଣ ନାଗ, ଉପନିର୍ଦ୍ଦେଶକ ଉଦ୍ୟାନ କୃଷି ହରେକୃଷ୍ଣ ଚାନ୍ଦ ହାଁସଦା, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ରବିନ୍ଦ୍ର କୁମାର ପଣ୍ଡା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଂଗୀତା ପାତ୍ର, ଡିପିସି ମିଶନ ଶକ୍ତି ସୁନୀଲ କୁମାର ମଲ୍ଲିକ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲାପାଳ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏହା ସହିତ କୃଷି କ୍ଷେତ୍ରରେ ନୂତନ ଉଦ୍ଭାବନ ସୃଷ୍ଟି କରିବା ପାଇଁ ଆଇ ଟି ଆଇ ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିବା ପାଇଁ ଉପସ୍ଥିତ ପ୍ରଶିକ୍ଷକ ମାନଙ୍କୁ ଆହ୍ୱାନ ଦେଇଛନ୍ତି ।

# ଡିଭାଇନ୍ କିଡସ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡା ପ୍ରତିଯୋଗିତା

ମୁରିବାହାଲ ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ସଦର ମହକୁମାରେ ଥିବା ଡିଭାଇନ୍ କିଡସ ପବ୍ଲିକ ସ୍କୁଲର ଦୁଇଦିନିଆ ଅଷ୍ଟମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଶୁକ୍ରବାର ଉଦଘାଟିତ ହୋଇଯାଇଛି। ପ୍ରଥମ ଦିନରେ ଷ୍ଟାଣ୍ଡାର୍ଡ-୧ ରୁ ଷ୍ଟାଣ୍ଡାର୍ଡ-୫ର ଛାତ୍ରଛାତ୍ରୀଙ୍କ ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ସ୍କୁଲ ପରିଚାଳନା କମିଟି ସଭାପତି ରାଜୀବ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବରିଷ୍ଠ ସାମ୍ବାଦିକ ତଥା ମୁରିବାହାଲ ବ୍ଲକ ଜର୍ଣ୍ଣାଲିଷ୍ଟ ଆସୋସିଏସନ୍ ସଭାପତି ଦୁର୍ଗାନନ୍ଦ ମହାକୁର ମୁଖ୍ୟ ଅତିଥି, ହାଇସ୍କୁଲ ଶିକ୍ଷକ କିଶୋର ଚନ୍ଦ୍ର ପାଣ୍ଡେ, ମୁରିବାହାଲ ସଦର ସିଆରସିସି ହୃଷୀକେଶ ଶିକା, ଅଧ୍ୟାପକ ବିଘ୍ନରାଜ ରଣା,ଶିକ୍ଷକ ଫକୀରମୋହନ ଖମାରୀ, ସ୍କୁଲ ସମ୍ପାଦକ ଗିରିଧାରୀ ବନଛୋର, ,ଅଭିଭାବକ ସୁଜିତ ରଞ୍ଜନ ପାଢ଼ୀ,ଲୋଚନ ମହାକୁର ସମ୍ମାନୀତ ଅତିଥି ରୂପେ ଯୋଗଦେଇ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। କ୍ରୀଡା ପ୍ରତିଯୋଗିତାରେ ସ୍କୁଲର ଅଧ୍ୟକ୍ଷ ଅଶୋକ କୁମାର ମହାନନ୍ଦଙ୍କ ସହ ଶିକ୍ଷୟିତ୍ରୀ ସ୍ମିତାରାଣୀ ପରିଡ଼ା,ଲିପିକା ଭୋଇ,ନିକିତା କମ୍ପ, ଯାଜ୍ଞସେନୀ କମ୍ପ,ତୋଷାରାଣୀ କମ୍ପ,ତନୁଶ୍ରୀ ସାହୁ,ଭାଗ୍ୟଶ୍ରୀ ସେଠୀ,ପ୍ରତୀକ୍ଷା ବଘାର,ଜାହ୍ନବୀ ଭୋଇ, ପୁଷ୍ପାଞ୍ଜଳୀ ମେହେରଙ୍କ ସହ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ,କର୍ମଚାରୀ ଓ ସମସ୍ତ ଅଭିଭାବକ ସମ୍ପୂର୍ଣ୍ଣ ସହଯୋଗ କରିଥିଲେଛଶନିବାର ୟୁକେଜି, ଏଲକେଜି ଓ ନର୍ସରୀ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଅଧ୍ୟକ୍ଷ ଶ୍ରୀ ମହାନନ୍ଦ ପ୍ରକାଶ କରିଛନ୍ତି।

# ୨୧ ଓ ୨୨ ପତିତ ପାବନ ଏକାଡ଼େମୀର ହୀରକ ଜୟନ୍ତୀ ପାଳନ

ବଲାଙ୍ଗିର,(ସବ୍ୟୁ): ଆସନ୍ତା ଡିସେମ୍ବର ୨୧ ଓ ୨୨ ତାରିଖ ଦୁଇ ଦିନ ଧରି ସ୍ଥାନୀୟ ପି. ପି. ଏକାଡେମୀର ହୀରକ ଜୟନ୍ତୀ ପାଳନ ହେବ । ଏଥିପାଇଁ ସ୍କୁଲର ଆଲୁମିନି ସଂଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ହୀରକ ଜୟନ୍ତୀ କମିଟି ସଭାପତି ଶଶୀ ଭୂଷଣ ପୁରୋହିତଙ୍କ ସଭାପତିତ୍ୱରେ ଜୟନ୍ତୀ ପାଳନର ଅଗ୍ରଗତି ସଂପର୍କରେ କମିଟି ପକ୍ଷରୁ ସୂଚନା ଦିଆଯାଇଥିଲା । ରାଜ୍ୟପାଳ, ବାଚସ୍ପତି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ, ପୂର୍ବତନ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଓ ରାଜ୍ୟ ଶିକ୍ଷା ମନ୍ତ୍ରୀ, ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର, ସ୍ଥାନୀୟ ବିଧାୟକ , ସାଂସଦ , ସମ୍ବାଦର ମୁଖ୍ୟ ସୌମ୍ୟ ରଞ୍ଜନ ପଟ୍ଟନାୟକ, ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ସଚିବ ନିହାର ରଞ୍ଜନ ଦାଶ, ଲେଖିକା ଡ. ପ୍ରତିଭା ରାୟ ପ୍ରମୁଖଙ୍କୁ ଅତିଥି ପାଇଁ ନିମନ୍ତ୍ରଣ କରାଯାଇଛି । ଏହି ଅବସରରେ ଏକ ସ୍ମରଣିକା ପ୍ରକାଶ ପାଉଛି । ସ୍ମରଣିକାର ସଂଯୋଜକ ମନୋରଞ୍ଜନ ସାହୁ ସ୍ମରଣିକାର ଅଗ୍ରଗତି ଓ ଗୁଣାତ୍ମକ ଲେଖା ଉପରେ ସୂଚନା ଦେଇଥିଲେ । ଜୟନ୍ତୀ ଉପଲକ୍ଷେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି ।ସାମ୍ବାଦିକ ସମ୍ମିଳନୀରେ ଆଲୁମିନି କମିଟି ସଭାପତି ଅଫତାବ ହୁସେନ୍, ପ୍ରଧାନ ଶିକ୍ଷକ ସିନୁ ସୁନ୍ଦର ପାଢୀ, ଜୁବୁଲି କମିଟିର ଉପସଭାପତି ହେମନ୍ତ ପଣ୍ଡା, ଦୟାନନ୍ଦ ପଣ୍ଡା, ଜୟ ପ୍ରକାଶ ପୁରୋହିତ, ଅଖିଳ ଚନ୍ଦ୍ର ହୋତା, ପ୍ରଦୀପ ସାହୁ, ନାସିର ଖାନ୍ ଓ ଲକ୍ଷ୍ମଣ ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ଥିଲେ ।

# ଗଞ୍ଜେଇ ଭର୍ତ୍ତି ଭ୍ୟାନ ଓ ସ୍କୁଟି ଜବତ, ୪ ଗିରଫ



ସୋନପୁର,(ସବ୍ୟୁ) : ସୋନପୁର ସହର ବୁଢ଼ାରଜା ଛକ ପାଖରୁ ଜିଲ୍ଲା ଅବକାରୀ ବିଭାଗ ଚୋରା ଚାଲାଣ କରୁଥିବା ଦୁଇ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିଛି । ଅବକାରୀ ବିଭାଗର ମୋବାଇଲ ୟୁନିଟ କୌଣସି ସୁତ୍ରରୁ ଖବର ପାଇ ରାସ୍ତାରେ ଯାଞ୍ଚ କରୁଥିବା ବେଳେ ବୌଦ୍ଧ ପଟରୁ ଆସୁଥିବା ଏକ ମାହିନ୍ଦ୍ରା ଗାଡ଼ି ନଂ. କ୍ୱଉ-୧୭ କ-୩୪୯୦ କୁ ଅଟକାଇ ଯାଞ୍ଚ କରିବାରୁ ସେଥିରୁ ଜରି ଅଖାରେ ଭର୍ତ୍ତି ଥିବା ୨୨ କେଜି ଗଞ୍ଜେଇ ଜବତ କରିବା ସହ ଗାଡିରେ ଥିବା ୨ ବେପାରୀ ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଥାନା ଅନ୍ତର୍ଗତ ଗୋଲାପଡା ନିବାସୀ ଅନିଲ କୁମାର ପ୍ରସାଦ (୩୨) ଓ ବିଦ୍ୟା ସାଗର ସାହୁ (୨୬) ଙ୍କୁ ଅଟକ ରଖି ପରେ କେସ ନଂ. ୨୭୭/୨୦୨୪ ରେ ଏକ ମାମଲା ରୁଜୁ କରି ଗିରଫ କରିଛି।

ସେହିପରି ବିନିକା ଅବକାରୀ ବିଭାଗ ପକ୍ଷରୁ ସକାଳ ୭ ଟା ବେଳେ ଚୌକିଜୋର ଛକ ଠାରେ ସୋନପୁର ପଟରୁ ଏକ ଏକଟିଭା ସ୍କୁଟିକୁ ଅଟାକାଇ ଯାଞ୍ଚ କରିବାରୁ ସେଥିରୁ ୧୦ କେଜି ଗଞ୍ଜେଇ ଜବତ କରିଥିଲେ। ସ୍କୁଟି ଆରୋହୀ ବରଗଡ଼ ଜିଲ୍ଲା ଭଟଲି ଥାନା ଅନ୍ତର୍ଗତ କୃଷ୍ଣପୁର ଗାଁ ନିବାସୀ ଅଲେଖ ମେହେର (୩୪) ଓ କିରଣ ମାଝୀ (୩୦)କୁ ଅଟକ ରଖି ପରେ କେସ ନଂ.୧୮୭/୨୦୨୪ରେ ଏକ ମାମଲା ରୁଜୁ କରି ଉଭୟଙ୍କୁ ଗିରଫ କରିଛି ଅବକାରୀ ବିଭାଗ। ଅବକାରୀ ଅଧିକ୍ଷକ ପ୍ରବୀର ସାମଲଙ୍କ ନିର୍ଦ୍ଦେଶରେ ଚଢାଉରେ ଅବକାରୀ ଇନ୍ସପେକ୍ଟର ପ୍ରକାଶ ସାଙ୍କ ନେତୃତ୍ୱରେ ବିଭାଗର କର୍ମଚାରୀମାନେ ସାମିଲ ଥିଲେ। ତେବେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଇନ୍ସପେକ୍ଟର ପ୍ରକାଶ ସା ଙ୍କ ଠାରୁ ସୂଚନା ମିଳିଛି।

# ବେହେରାରେ ଧନୁଯାତ୍ରା ପାଇଁ ଶୁଭସ୍ତମ୍ଭ ସ୍ଥାପନ



ଧର୍ମଗଡ଼,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଧର୍ମଗଡ ବ୍ଲକ ବେହେରା ହାଇସ୍କୁଲ ପଡ଼ିଆରେ ଆସନ୍ତା ୨୫ତାରିଖରୁ ଦଣ୍ଡପାଟ ଧନୁଯାତ୍ରା ଅନୁଷ୍ଠିତ ହେବା କର୍ତ୍ତା ଭାବେ ଈଶ୍ୱର ବାଣୁଆ ଓ ନନ୍ଦିନୀ ବାଣୁଆ କାର୍ଯ୍ୟ ତୁଲାଇଥିବା ବେଳେ ପୂଜକ ମୋହନ ତିୱାରୀ ରହିଥିଲେ। ଧନୁଯାତ୍ରା ପାଇଁ ହାଇସ୍କୁଲ ପଡ଼ିଆରେ ମଥୁରା ନଗରୀ ଓ ମଝିରପଦାକୁ ଗୋପପୁର କରାଯାଇଛି । ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ଅଞ୍ଚଳରେ ପ୍ରସିଦ୍ଧ ଥିଲାବେଳେ ଏବେ ଭିନ୍ନ ଭିନ୍ନ ସ୍ଥାନରେ ଧନୁଯାତ୍ରା ପାଳନ କରାଯାଉଛି। ହେଲେ ଧର୍ମଗଡ଼ ବ୍ଲକର ବେହେରା ଠାରେ ହେବାକୁ ଥିବା ଧନୁଯାତ୍ରା ପାଇଁ ଶୁକ୍ରବାର ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି । ଧନୁଯାତ୍ରାର ସଭାପତି ବିନ୍ଦୁସାର ବିଶି, ଭବେଷ ଗଏନ୍ତା, ଉପେନ୍ଦ୍ର ନାଏକ,ବାଳକୃଷ୍ଣ ବିଶି, ଗୁଣନିଧି ନାଗ,ହୁକିମ ବିଶି,ପିକ ବିଶି, ସୋମନାଥ ବିଶି, ସୁକଲୁ ପଟେଲ,ତପୁ ନାଏକ,ବଳରାମ ପୁଝାରୀ ସମେତ କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ । ଚଳିତ ବର୍ଷ କଂସ ଭୂମିକାରେ ଗୋପାଳ ପଣ୍ଡା ଅଭିନୟ କରିବେ ବୋଲି କମିଟି ତରଫରୁ ପ୍ରକାଶ କରିଥିଲେ।

# ବିଦେଶୀ ମଦ ଦୋକାନକୁ ଗ୍ରାମବାସୀଙ୍କ ବିରୋଧ

ସଇଁତଳା,(ସବ୍ୟୁ):ସଇଁତଳା ଥାନା ଅର୍ନ୍ତଗତ ଗଣ୍ଡ ପତ୍ରାପାଲି ପଞ୍ଚାୟତ ଫପସି ଛକରେ ଦୀର୍ଘଦିନ ହେବ ଏକ ବିଦେଶୀ ମଦ ଦୋକାନ ଥିବା ବେଳେ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ବଢୁଥିବା ଅଭିଯୋଗ ହେଉଛି। ଗାଁ କୁ ଲାଗି ମଦ ଦୋକାନ ଥିବାରୁ ଉକ୍ତ ରାସ୍ତାରେ ଛାତ୍ର ଛାତ୍ରୀ ମାନେ ଅସୁରକ୍ଷିତ ଭାବେ ଯିବା ଆସିବା କରୁଛନ୍ତି । ଉକ୍ତ ରାସ୍ତାଦେଇ ମହିଳା ମାନେ ପ୍ରତ୍ୟକ ଦିନ ପାଣି ସଂଗ୍ରହ କରିବା ପାଇଁ ଯାଇଥାନ୍ତି ତେବେ ଗାଁ ମଝିରେ ମଦ ଦୋକାନ ଥିବାରୁ ଗଣ୍ଡ ପତ୍ରାପାଲି ସରପଞ୍ଚ ମନିଶ ସୁନା ସମେତ ଗାଁ ର ଶତାଧିକ ମହିଳା ଓ ପୁରୁଷ ଗତ ନଭେମ୍ବର ୧୮ ତାରିଖ ବଲାଙ୍ଗିର ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଥିଲେଛତେବେ ଆଜି ଅଭିଯୋଗ କୁ ଭିତ୍ତିକରି ଅବକାରୀ ବିଭାଗ ଅଧିକାରୀ ସଚିନ ବେହେରା ମଦ ଦୋକାନ ପରିଶରକୁ ଆସି ତଦନ୍ତ କରିଥିଲେ। ତଦନ୍ତ ବେଳେ ସ୍ଥାନୀୟ ସରପଞ୍ଚ ମନୀଷ ସୁନା, ସମିତି ସଭ୍ୟା ଅମ୍ରିତା ଦୀପ, ଅମିତ ଦୀପ ସମେତ ଗାଁର ୱାର୍ଡ ସଭ୍ୟ ସହ ଅନେକ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ। ଅନ୍ୟପଟେ ଅଭିଯୋଗକୁ ଭିତ୍ତିକରି ତଦନ୍ତ କରିବାକୁ ଯାଇ ବିଭିନ୍ନ ଦିଗକୁ ନେଇ ତଦନ୍ତ କରି ଉପରିସ୍ଥ ଅଧିକାରୀଙ୍କୁ ରିପୋର୍ଟ ଦେବାକୁ କହିଥିଲେ ।

# ହରିଶଙ୍କରରେ ଭାଜପାର ବ୍ଲକ୍‌ସ୍ତରୀୟ ସଂଗଠନ କର୍ମଶାଳା

ଖପ୍ରାଖୋଲ,(ସବ୍ୟୁ): ଖପ୍ରାଖୋଲ ବ୍ଲକ ହରିଶଙ୍କର ଠାରେ ଭାଜପାର ବ୍ଲକସ୍ତରୀୟ ସଂଗଠନ ପର୍ବ କର୍ମଶାଳା ମଣ୍ଡଳ ସଭାପତି ଶଶି ଭୂଷଣ ପୂଜାରୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟ ଅତିଥି ରୂପେ ସାଙ୍ଗଠନିକ ଜିଲ୍ଲା ସହକାରି ନିର୍ବାଚନ ଅଧିକାରି ଡାକ୍ତର ଓମ୍ ପ୍ରକାଶ ଯୋଷୀ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ସାଂସଦଙ୍କ ବ୍ଲକ୍ ପ୍ରତିନିଧି ସନ୍ତୋଷ ଭଇଁସାଲ ,ମଣ୍ଡଳ ସାଙ୍ଗଠାନିକ ନିର୍ବାଚନ ଅଧିକାରୀ ପ୍ରଶାନ୍ତ କୁମାର ମେହେର ,ମଣ୍ଡଳ ନିର୍ବାଚନ ଅଧିକାରୀ ଦଶରଥ ପାଣିଗ୍ରାହୀ ,ସ୍ୱତନ୍ତ୍ର ଅତିଥି ବେଲପଡ଼ା ବ୍ଲକର ବରିଷ୍ଠ ଭାଜପା ନେତା ପ୍ରଶାନ୍ତ କୁମାର ଦାସ ପ୍ରମୁଖ ଯୋଗଦେଇ ସଙ୍ଗଠନ ପର୍ବରେ ସାମିଲ ହୋଇ ଦଳର ସାଙ୍ଗଠନିକ ନିର୍ବାଚନକୁ ସ୍ୱଚ୍ଛତାର ସହ ଶେଷ କରିଥିଲେ । ଖପ୍ରାଖୋଲ ବ୍ଲକର ବରିଷ୍ଠ ଭାଜପା କର୍ମି ,୨୧ ଗୋଟି ପଂଚାୟତର ପ୍ରମୁଖ , ସକ୍ରିୟ ଭାଜପା କର୍ମୀ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଏନଡିୟୁଜେର ସାଧାରଣ ପରିଷଦ ବୈଠକ ଶୁଭ୍ରାଂଶୁ ସଭାପତି, ମକାରୁ ସମ୍ପାଦକ

ସିନାପାଲି,(ସବ୍ୟୁ): ନୂଆପଡା ଜିଲା ଖଡିଆଳ ବ୍ଲକ ଅନ୍ତର୍ଗତ ତିଖାଳି ଡାକ ବଙ୍ଗଳା ଠାରେ ବୁଧବାର ନୂଆପଡା ଡିଷ୍ଟ୍ରିକ ୟୁନିଅନ ଅଫ ଜର୍ଣାଲିଷ୍ଟ ଆସୋସିଏସନର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା । ଏହା ସହିତ ନୂତନ କର୍ମକର୍ତ୍ତା ସର୍ବ ସମ୍ମତି କ୍ରମେ ମନୋନୀତ ହୋଇଥିଲା । ସଂଘ ସଭାପତି ସୁଶାନ୍ତ କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଓୟୁଜେ ରାଜ୍ୟ ସାଧାରଣ ସମ୍ପାଦକ କମ୍ବୁପାଣି ମିଶ୍ର ଯୋଗଦାନ କରିଥିବା ବେଳେ ,ଓୟୁଜେ ବଲାଙ୍ଗିର ଶାଖା ସଭାପତି ପ୍ରଦୀପ୍ତ କୁମାର ମିଶ୍ର ସମ୍ମାନିତ ଅତିଥି ଓ ନୂଆପଡା ଜିଲା ପର୍ଯ୍ୟବେକ୍ଷକ ଭାବରେ ରତୁରାଜ ସିଂଦେଓ ଯୋଗଦେଇଥିଲେ । ଏହି କ୍ରମରେ ସର୍ବସମ୍ମତି କ୍ରମେ ନୂତନ କର୍ମକର୍ତା ମନୋନୀତ କରାଯାଇଥିଲା । ଶୁଭ୍ରାଂଶୁ କୁମାର ନାଏକ ଜିଲା ସଭାପତି ଭାବରେ ମନୋନିତ ହୋଇଥିବା ବେଳେ ସାଧାରଣ ସମ୍ପାଦକ ମକାରୁ ବେମାଲ, ଉପସଭାପତି ମୃତ୍ୟୁଞ୍ଜୟ ପଣ୍ଡା,ସହସମ୍ପାଦକ ଭାଗ୍ୟବାନ ମାଝି ଓ କୋଷାଧ୍ୟକ୍ଷ ଭାବରେ ସତ୍ୟବ୍ରତ ଷଡଙ୍ଗିଙ୍କୁ ମନୋନିତ କରା ଯାଇଛି । ସେହିପରି ବ୍ଲକ ସଭାପତି ଭାବରେ ପ୍ରତି ବ୍ଲକରୁ ମନୋନୀତ କରାଯାଇଛି । ସିନାପାଲି ବ୍ଲକ ସଭାପତି ରମେଶ ଜଗତ, ଖଡିଆଳ ମାଇକେଲ ନନ୍ଦ, କୋମନା ରଞ୍ଜିତ ପଣ୍ଡା,ନୂଆପଡା ଦେବଦାସ ପାଢୀ ଓ ବୋଡେନ ବ୍ଲକ ସଭାପତି ଭାବରେ ଗଣେଷ ଚନ୍ଦ୍ର ବାଗଙ୍କୁ ମନୋନୀତ କରାଯାଇଛି । ରାଜ୍ୟର ଗୁରୁତ୍ୱପୂର୍ଣ ଦାୟୀତ୍ୱ ସୁଶାନ୍ତ କରଙ୍କୁ ଦିଆ ଯାଇଥିବାବେଳେ ଯୁଗଳ କିଶୋର ମହାନନ୍ଦଙ୍କୁ ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଭାବରେ ଦାୟୀତ୍ୱ ପ୍ରଦାନ କରାଯାଇଛି । ବିଶିକେସନ ପଣ୍ଡା,ନୀଳମଣି ପଣ୍ଡା, ଝସକେତନ ରଣା , ଗୟାରାମ ମେହେର, ରମାକାନ୍ତ ବନ୍ଦିଚୋର, ହରେରାମ କରୁଆ, ଉପେନ୍ଦ୍ର ମଟାରୀ,ଦିନେଶ ଯାଦବ ପ୍ରମୁଖ ଉପସ୍ଥିତ ଥିଲେ।

# ସାମାନ୍ୟ ବଚସାରୁ ଯୁବକଙ୍କୁ ପିଟି ପିଟି ମାରିଦେଲେ

ଝାରସୁଗୁଡ଼ା,(ସବ୍ୟୁ): ଝାରସୁଗୁଡା ଜିଲ୍ଲା ଲଇକେରା ଥାନା ଅନ୍ତର୍ଗତ ସାଲେଟିକ୍ରା ଗାଁରେ ସାମାନ୍ୟ ବଚସାରୁ ଯୁବକଙ୍କୁ ପିଟି ପିଟି ମାରିଦେଲେ। ମୃତ ଯୁବକ ହେଲେ ରଜତ ରାଜହଂସ। ଗୁରୁବାର ସକାଳେ ରଜତ ଛକକୁ ଯାଇଥିବା ବେଳେ କୌଣସି କଥାକୁ ନେଇ ଜଣେ ବ୍ୟକ୍ତିଙ୍କ ସହ ଗଣ୍ଡଗୋଳ ହୋଇଥିଲା। ରଜତ ବ୍ୟକ୍ତି ଜଣଙ୍କୁ ଏକ ଚାପୁଡ଼ା ମାରିଥିଲେ। ପରେ ଉକ୍ତ ବ୍ୟକ୍ତିଙ୍କ ପୁଅ ଓ କିଛି ସାଙ୍ଗ ଆସି ରଜତଙ୍କୁ ଏକ ଫାର୍ମ ହାଉସକୁ ଟେକି ନେଇ ହତ୍ୟା କରିଥିଲେ। ପରେ ଗାଁ ବାହାରେ ଥିବା ଏକ କ୍ଷେତରେ ଫିଙ୍ଗି ଦେଇଥିଲେ। ପୁଲିସ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି ଓ ଘଟଣା ତଦନ୍ତ କରୁଛି। ପୁଲିସ ଏହି ଘଟଣାରେ ୨ ଜଣଙ୍କୁ ଅଟକ ରଖିଛି। ହତ୍ୟାକାଣ୍ଡ ପରେ ଉତ୍ତେଜନା ପ୍ରକାଶ ପାଇଥିଲା । କୌଣସି ବିଶୃଙ୍ଖଳା ପରିସ୍ଥିତି ନଘଟିବା ପାଇଁ ପୁଲିସ ଫୋର୍ସ ମୁତୟନ କରାଯାଇଛି।

# ସିନାପାଲିରେ ବର୍ଣ୍ଣାଳୀ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ସିନାପାଲି,(ସବ୍ୟୁ) : ନୂଆପଡ଼ା ଜିଲ୍ଲା ସିନାପାଲି ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନସ୍ଥ ସିନାପାଲି ଉଚ୍ଚ ବିଦ୍ୟାଳୟ ପରିସରରେ ତ୍ରିଦିବସୀୟ ବ୍ଲକସ୍ତରୀୟ ବର୍ଣ୍ଣାଳୀ ପ୍ରଶିକ୍ଷଣ ଶିବିର ଉଦ୍ଘାଟିତ ହୋଇଯାଇଛି । ସିନାପାଲି ବ୍ଲକ ଅଧୀନସ୍ଥ ବିଭିନ୍ନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟର ୮୬ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ଶିବିରରେ ଯୋଗ ଦେଇଛନ୍ତି । ସାମାଜିକ ଲିଙ୍ଗ ଭିତ୍ତିକ ସମତା ଓ ପାଠ୍ୟକ୍ରମରେ ସଂଯୋଗୀକରଣ ଆଧାରିତ ଏହି ବର୍ଣ୍ଣାଳୀ ପ୍ରଶିକ୍ଷଣ ଶିବିରର ଉଦ୍ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପ୍ରଧାନ ଶିକ୍ଷକ ଲଳିତ ସୁନାରୀ ଓ ସମ୍ମାନିତ ଅତିଥି ଭାବରେ ରାଜ୍ୟ ସମ୍ବଳ ଶିକ୍ଷକ ଦ୍ୱୟ ପରେଶନାଥ ପାଣିଗ୍ରାହୀ ଓ ଲୋଚନ ମେହେର ଉପସ୍ଥିତ ଥିଲେ । ପ୍ରାରମ୍ଭରେ ସିଆରସିସି ସୁଧିର କିଶୋର ଠାକୁର ସ୍ୱାଗତ କରିଥିବା ବେଳେ ଶିକ୍ଷକ ପଦ୍ମଲୋଚନ ନାଏକ ସଭା ପରିଚାଳନା କରିଥିଲେ । ଶିବିର ପରିଚାଳନାରେ ମହେଶ କୁମାର ମେହେର, ଅନିମା କୁମାରୀ ପଣ୍ଡା, ଦୁର୍ଯ୍ୟୋଧନ ମାଝୀ, ଟିଙ୍କି ଦୁରିଆ, ସନ୍ତୋଷ ବନ୍ଦିଛୋର, ପ୍ରସନ୍ନ କୁମାର ମାଝୀ, ଈଶ୍ୱର ବଘେଲ, ଗୁପ୍ତେଶ୍ୱର ମାଝୀ, ସୁଦର୍ଶନ ଭୋଇ ପ୍ରମୁଖ ସହଯୋଗ କରୁଛନ୍ତି ।

# କୁରାଲ ପୂଜା ପାଇଁ କଳସ ଯାତ୍ରା

ବଙ୍ଗୋମୁଣ୍ଡା,(ସବ୍ୟୁ): ବଙ୍ଗୋମୁଣ୍ଡା ବ୍ଲକ ଭାଲୁମୁଣ୍ଡା ଗାଁ ରଣା ପଦରରେ କୁରାଲ ପୂଜା ପାଇଁ କଳସ ଯାତ୍ରା ଆରମ୍ଭ ହୋଇଥିଲା। ଏହି କଳସ ଯାତ୍ରାରେ ଶତାଧିକ ପୁରୁଷ ମହିଳା କଳସ ଧରି ବଡ଼ବନ୍ଧରୁ ପାଣି ଆଣି ମଣ୍ଡପରେ ସ୍ଥାପନ କରିଥିଲେ। କର୍ତ୍ତା ଭାବେ ଗୌରଙ୍ଗ ରଣା ପତ୍ନୀ ସହିତ ଥିବା ବେଳେ ପୂଜକ ଭାବେ ଦାମ୍ବଧର ମିଶ୍ର ଉପସ୍ଥିତ ଥିଲେ। ସଂପାଦକ କୁମାର ରଣା ,ରିଶେଷଣ ରଣା, କୈଳାସ ରଣା,ରମେଶ ରଣା, ଅଭୟ ରଣା ,ଜଗଦୁସ ରଣା ତଥା ସମସ୍ତ ରଣା ପରିବାର ଉପସ୍ଥିତ ଥିଲେ। ଏହି ପୂଜା ତିନି ଦିନ ଧରି ଚାଲିବ ବୋଲି ସଭାପତି ଗୌରାଙ୍ଗ ରଣା ସୂଚନା ଦେଇଥିବା କହିଛନ୍ତି।

# ବାଳିକା ହାଇସ୍କୁଲରେ ସଂକଳ୍ପ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ



ବରଗଡ,(ସବ୍ୟୁ): ବରଗଡ଼ ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ସରକାରୀ ବାଳିକା ହାଇସ୍କୁଲରେ ନବ ନିଯୁକ୍ତ ମାଧ୍ୟମିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଶିକ୍ଷଣ ଦକ୍ଷତା, କୌଶଳ ସମ୍ବନ୍ଧୀୟ ଜ୍ଞାନର ଅଭିବୃଦ୍ଧି ନିମନ୍ତେ ପଞ୍ଚଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଂକଳ୍ପ ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ବ୍ଲକ୍ ଶିକ୍ଷା ଅଧିକାରୀ ଡଃ ସୁରେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ, ଭଟଲି ବ୍ଲକ୍ ଶିକ୍ଷା ଅଧିକାରୀ ସରୋଜ କୁମାର ଭୁଏ, ବରଗଡ଼ ବାଳିକା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତି ସୁନା,ସ୍ଥାନୀୟ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିଲ୍ଲୀପ କୁମାର ମେହେର, ସଂଯୋଜକ ପୁଷ୍ପାଞ୍ଜଳି ଦାଶ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଧୀରଜ ପଟ୍ଟନାୟକଙ୍କ ଯୋଗ ଦେଇଥିଲେ। ସାଧନକର୍ମୀ ଭାବରେ ଅଭିଜ୍ଞ ଶିକ୍ଷକ ବୀରେନ୍ଦ୍ର ଦାଶ,ସଞ୍ଜୟ ଖମାରୀ,ଯତୀନ ମେହେର ଏବଂ ଭୀଷ୍ମଦେବ ପଧାନ ତାଲିମ ପ୍ରଦାନ କରିଥିଲେ। ପ୍ରଥମ୍ ପର୍ଯ୍ୟାୟ ସଙ୍କଳ୍ପ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅମ୍ବାଭୋନା, ଭଟଲି ଏବଂ ବରଗଡ଼ ଜିଲ୍ଲାରେ କାର୍ଯ୍ୟରତ ୫୦ ଜଣ ମାଧ୍ୟମିକ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶ ଗ୍ରହଣ କରି ପ୍ରଶିକ୍ଷଣ ନେଇଥିଲେ। ମୁଖ୍ୟ ଅତିଥି ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରି ବିଦ୍ୟାଳୟର ଗଠନମୂଳକ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବା ପାଇଁ ସମସ୍ତ ପ୍ରଶିକ୍ଷାର୍ଥୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଭଟଲି ବ୍ଲକ୍ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ସରୋଜ କୁମାର ଭୁଏ, ସ୍ଥାନୀୟ ବ୍ଲକ୍ ଶିକ୍ଷା ଅଧିକାରୀ ଡଃ ସରୋଜ କୁମାର ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ ସଙ୍କଳ୍ପ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ହାସଲ କରିଥିବା ଜ୍ଞାନ ଓ କୌଶଳକୁ ସମସ୍ତ ପ୍ରଶିକ୍ଷାର୍ଥୀ ବିଦ୍ୟାଳୟରେ କାର୍ଯ୍ୟକାରୀ କରିବା ପାଇଁ ପରାମର୍ଶ ଦେଇଥିଲେ। ସାଧନକର୍ମୀ ଶିକ୍ଷକ ସଞ୍ଜୟ ଖମାରୀ ଏବଂ ବୀରେନ୍ଦ୍ର ଦାଶ ସଂକଳ୍ପ ପ୍ରଶିକ୍ଷଣର ଆବଶ୍ୟକତା ବିଷୟରେ ନିଜସ୍ ମତାମତ ପ୍ରଦାନ କରିଥିଲେ। ପ୍ରଶିକ୍ଷାର୍ଥୀ ଦିପ୍ତିମୟୀ ସାହୁ ଏବଂ ଶତୃଘ୍ନ ମହାନନ୍ଦ ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ। ଶିକ୍ଷୟିତ୍ରୀ ଝରଣା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସଂଯୋଜକ ପୁଷ୍ପାଞ୍ଜଳି ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ରେଙ୍ଗାଲପାଲି ପଞ୍ଚାୟତରେ ନୂତନ ଧାନ ମଣ୍ଡି ଉଦ୍‌ଘାଟିତ



କୋକସରା,(ସବ୍ୟୁ): କୋକସରା ବ୍ଲକ କୋକସରା ପ୍ରାଥମିକ କୃଷି ସମବାୟ ସମିତି ଅଧୀନରେ ଥିବା ରେଙ୍ଗାଲପାଲି ପଞ୍ଚାୟତ ଚାଷୀଙ୍କ ଦୀର୍ଘ ବର୍ଷର ଦାବି ପରେ ଚଳିତ ବର୍ଷ ନୂତନ ଧାନ ମଣ୍ଡି ଶୁକ୍ରବାର ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି। ପୂର୍ବରୁ ରେଙ୍ଗାଲପାଲି ପଞ୍ଚାୟତର ଚାଷୀମାନେ କୋକସରା ଧାନ ମଣ୍ଡିରେ ଧାନ ବିକ୍ରୀ କରି ଆସୁଥିବା ବେଳେ କୋକସରା ଧାନ ମଣ୍ଡିରେ କୋକସରା, ମାଝୀଗୁଡା ପଞ୍ଚାୟତର ଚାଷୀ ମଧ ଧାନ ବିକ୍ରି କରୁଥିବା କାରଣରୁ ଅନେକ ସମୟରେ ଏହି ଅଞ୍ଚଳର ଚାଷୀଙ୍କୁ ଅନେକ ସମସ୍ୟା ସହ ମଣ୍ଡିରେ ଦୀର୍ଘ ଦିନ ଅପେକ୍ଷା କରିବାକୁ ପଡୁଥିଲା। ଏହାକୁ ନେଇ ପଞ୍ଚାୟତର ଚାଷି ସମୂହ ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ବିଧାୟକଙ୍କୁ ଲିଖିତ ଭାବେ ଅଭିଯୋଗ କରି ନିଜ ପଞ୍ଚାୟତରେ ସ୍ୱତନ୍ତ୍ର ମଣ୍ଡି ଖୋଲିବାକୁ ଦାବି କରିଥିଲେ। ଚାଷୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଠାରୁ ରେଙ୍ଗାଲପାଲି ପଞ୍ଚାୟତର ନୂତନ ଧାନ ମଣ୍ଡି ଝରିଆଗୁଡା ଗ୍ରାମରେ ଶୁକ୍ରବାର ଉଦଘାଟିତ ହୋଇଯାଇଛି । ମଣ୍ଡି ପାଇଁ ଜାଗା ସମସ୍ୟା ଥିବାରୁ ଝରିଆଗୁଡା ଗ୍ରାମର ଜଣେ ସଚେତନ ଚାଷି ଜୟଲାଲ ନାଏକ ନିଜର ୧ ଏକର ୮ ଡେସମିଲ ଜମି ଚାଷିଙ୍କ ସୁବିଧା ପାଇଁ ମଣ୍ଡିକୁ ଦାନ କରିଥିଲେ। ଏହି ମଣ୍ଡିରେ ରେଙ୍ଗାଲପାଲି ପଞ୍ଚାୟତର ଝରିଆଗୁଡା, ଡଙ୍ଗରିଗୁଡା, କାଦୋପଦର, ପାଣିଗାଁ, ନାହାଲପଡା, କଛାର ପଦର ଗ୍ରାମର ୬୧୦ ଜଣ ଚାଷୀ ଚଳିତ ଖରିଫ ଧାନ ବିକ୍ରି ପାଇଁ ପେକ୍ସରେ ପଞ୍ଜିକରଣ କରିଛନ୍ତି। ଏହି ମଣ୍ଡି ଉଦଘାଟନ କାର୍ଯ୍ୟକ୍ରମରେ ଉପ ଜିଲ୍ଲାପାଳ ଧର୍ମଗଡ ଧୀମାନ ଚକମା ଉପସ୍ଥିତ ଥିଲେ । ଦୁଇ ଜଣ ଚାଷୀ ଗଜିନ୍ଦ୍ର ଗହୀରଙ୍କ ୨୮ କ୍ୱିଣ୍ଟାଲ ଓ ବିରାଟ ପଟ୍ଟନାୟକ ୩୦ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଛି। ମଣ୍ଡି ଉଦଘାଟନ ଅବସରରେ ରେଙ୍ଗାଲପାଲି ସରପଞ୍ଚ ପଦ୍ମିନୀ ପାତ୍ର, ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନା, ଉପଖଣ୍ଡ ଯୋଗାଣ ଅଧିକାରୀ ଦୁର୍ଗା ପ୍ରସାଦ ମାଝୀ, ଯୋଗାଣ ଅଧିକାରୀ ଜଗାରାମ ମୁର୍ମୁ, ଜୟଲାଲ ନାଏକ, ରାଜ କିଶୋର ସାହୁ, ସମିତି ସଭ୍ୟ ମୁକ୍ତେଶ୍ୱର ନାଏକ, ମୁକୁନ୍ଦ ପଟ୍ଟନାୟକ, ଭାବଗ୍ରାହୀ ପ୍ରଧାନୀ, କୁରୁକ୍ଷେତ୍ର ପାଣିଗ୍ରାହୀ, ହୃଷିକେଶ ଖମାରୀ, ମହେନ୍ଦ୍ର ନିଆଳ, ସୁରେନ୍ଦ୍ର ବଛା, ନାରାୟଣ ରାଉତ, ଶାରଳା ପ୍ରଧାନୀ, ନରେନ୍ଦ୍ର ରାଉତ,ବିକ୍ରମ ସାହୁ, ହୃଷିକେଶ ଦାସ, ନରେନ୍ଦ୍ର ରାଉତ, ଅରବିନ୍ଦ ପଟ୍ଟନାୟକ ଓ ଅନେକ ଚାଷି ଉପସ୍ଥିତ ରହି ପ୍ରଶାସନକୁ ଧନ୍ୟବାଦ ଜଣାଇଥିଲେ। କାର୍ଯ୍ୟକ୍ରମକୁ କୋକସରା ପେକ୍ସ ସମ୍ପାଦକ ନିରଞ୍ଜନ ପ୍ରସାଦ ବାଗ ପରିଚାଳନା କରିଥିଲେ।

# ୩ ବାଇକ୍, ୫ ଭରି ସୁନା ଜବତ ସହ ୪ ଗିରଫ



ରାୟଗଡ଼ା,(ସବ୍ୟୁ): ରାୟଗଡ଼ା ପୋଲିସକୁ ମିଳିଛି ଦୁଇଟି ଚୋରି ମାମଲାରେ ବଡ଼ ସଫଳତା । ରାୟଗଡା ଓ ଚାନ୍ଦିଲି ପୋଲିସ ମିଳିତ ଭାବେ ୪ ଜଣଙ୍କୁ ଗିରଫ କରିବା ସହ ଅଭିଯୁକ୍ତ ଠାରୁ ୩ଟି ବାଇକ୍ ଏବଂ ୫ଭରି ସୁନା, ରୁପା ଏବଂ ୫୩୦୦ ଟଙ୍କା ନଗଦ ଜବତ କରିଛନ୍ତି । ଏନେଇ ରାୟଗଡ଼ା ଟାଉନ ଥାନାରେ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି । ଏସଡିପିଓ ରଶ୍ମିରଞ୍ଜନ ସେନାପତି । ରାୟଗଡ଼ା ଥାନା ପକ୍ଷରୁ କେସ ନଂ ୩୯୭ର ତଦନ୍ତ କରି ୩ଟି ବାଇକ୍ ଜବତ କରିବା ସହିତ ଗାଡ଼ି ଚୋରି ମାମଲାରେ ୩ଜଣଙ୍କୁ ଗିରଫ କରିଛି । ଗିରଫ ୩ଜଣ ହେଲେ ମହାରାଷ୍ଟ୍ର , ନାଗପୁର ବର୍ଦ୍ଧମାନ ନଗରର ନନ୍ଦକିଶୋର ସୁଖଚାନ୍ଦ ଖାକରେ( ୪୫ ), ରାୟଗଡ଼ା ଜିଲ୍ଲା ଗୁଡ଼ାରି ଥାନା ଅନ୍ତର୍ଗତ ହରିଜନ ସାହିର ବଳିଆ ବିଡ଼ିକା(୨୧) ଏବଂ ପଦ୍ମପୁର ଥାନା ଅନ୍ତର୍ଗତ ଗୁଡ଼ିଆବନ୍ଧ ଗ୍ରାମର ଇସ୍ମାଇଲ ଗାଣ୍ଟା (୩୦)।

ସୂଚନା ଅନୁଯାୟୀ ରାୟଗଡ଼ା ସହର ଗାୟତ୍ରୀ ନଗର ୨ୟ ଗଳି ବାସିନ୍ଦା ଗୋଦାବରୀ ରଥଙ୍କ ନଭେମ୍ବର ୨୫ ତାରିଖରେ ରାୟଗଡ଼ା ରେଳ ଷ୍ଟେସନ ଗାଡ଼ି ଚୋରି ହୋଇଥିଲା । ଶ୍ରୀ ରଥ ଏନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତି କରି ଟାଉନ ଥାନା ଅଧିକାରୀ କେକେବିକେ କହଁର ଏକ ଟିମ ଗଠନ କରି ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଥିଲା । ଉକ୍ତ ତଦନ୍ତରୁ ଗିରଫ ୩ଜଣ ଗାଡ଼ି ଚୋରି ଘଟଣାରେ ସଂପୃକ୍ତ ରହିଥିବା ପୋଲିସ ଜାଣିବା ପରେ ସେମାନଙ୍କୁ ଗିରଫ କରି ସେମାନଙ୍କ ଠାରୁ ୩ଟି ବାଇକ୍ ଜବତ କରିଛି । ସେହିଭଳି ଚାନ୍ଦିଲି ଥାନା ଅନ୍ତର୍ଗତ କୋଲନରା ଗ୍ରାମର ରାଜେନ୍ଦ୍ର ପ୍ରସାଦ ମିଶ୍ରଙ୍କ ଘରେ ଗତ ଡିସେମ୍ବର ୨ ତାରିଖ ରାତିରେ ଚୋରି ନେଇ ଚାନ୍ଦିଲି ଥାନାରେ ଏତଲା ଦେଇଥିଲେ । ଉକ୍ତ ଏତଲାକୁ ଭିତି କରି ଚାନ୍ଦିଲି ପୋଲିସ ତଦନ୍ତ ଆରମ୍ଭ କରି ଚାନ୍ଦିଲି ଥାନା ଅନ୍ତର୍ଗତ ଭାଟିପଡ଼ା ଗ୍ରାମର ଅଖିଳ ମହାରଣାର ସମ୍ପୃକ୍ତି ପୋଲିସ ଜାଣିବାକୁ ପାଇବା ପରେ ଅଖିଲକୁ ଗିରଫ କରିଛି । ଗିରଫ ପରେ ପଚରାଉଚୁରା କରି ଅଖିଳଙ୍କ ଠାରୁ ୨ଟି ସୁନା ଚେନ୍, ୬ଟି ସୁନା ମୁଦି, ୪ହଳ କାନଫୁଲ, ଗୋଟିଏ ସୁନା ଲକେଟ୍, ୫ ହଳ ରୁପା ପାଉଁଜି ଏବଂ ୪ହଳ ରୁପା ମୁଦି ସହିତ ୫୩୦୦ ଟଙ୍କା ନଗଦ ଜବତ କରିଛି । ସାମ୍ବାଦିକ ସମ୍ମିଳନୀରେ ରାୟଗଡ଼ା ଆଇଆଇସି କେକେବିକେ କହଁର, ଚାନ୍ଦିଲି ଆଇଆଇସି ପ୍ରସନ୍ନ କୁମାର ବେହେରା ଏବଂ ଏସଆଇ ଆଶୁତୋଷ ସାହୁଙ୍କ ସହ ଅନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ ।

### ସ୍କୁଲ ପ୍ରଧାନଶିକ୍ଷୟିତ୍ରୀଙ୍କ ଅବହେଳାରୁ ଉପୁଜିଛି ବିଭିନ୍ନ ସମସ୍ୟା

# ଛାତ୍ରୀ ନିବାସରେ ଅସାମାଜିକ ଯୁବକର ଦୌରାତ୍ମ୍ୟ

ଜମନକିରା,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ସରଡା ସରକାରୀ ସ୍କୁଲରେ ଥିବା ଏସଏସଡି ଛାତ୍ରୀ ନିବାସରେ ଜଣେ ଅସାମାଜିକ ଯୁବକ ଛାତ୍ରୀ ନିବାସରେ ପଶି ଜଣେ ଛାତ୍ରୀଙ୍କୁ ଦୁର୍ବ୍ୟବହାର କରି ମେଟ୍ରନଙ୍କ ମୋବାଇଲ ଲୁଟି ନେଇଥିବା ଅଭିଯୋଗ ହୋଇଛି । ଅଭିଯୁକ୍ତ ଯୁବକ ଜଣକ ରୋଷେଇ କରୁଥିବା ଜଣେ ମହିଳାଙ୍କ ପୁଅ ବୋଲି ଆଲୋଚନା ହେଉଛି । ପୂର୍ବରୁ ଏଭଳି ଅନେକ ଘଟଣା ଘଟିଛି। ତେବେ ପ୍ରଧାନ ଶିକ୍ଷୟିତ୍ରୀ ଏହାକୁ ଜାଣି ଶୁଣି ଚପେଇଦେଉଥିବା କୁହାଯାଉଛି । ସେ କୁଆଡେ ଏନେଇ ଥାନାରେ ଏତଲା ଦାୟର କରିଥିବା କଥା ଅଧିକାରୀଙ୍କୁ ଜଣେଇ ଥିବା କଥା କହୁଥିବା ବେଳେ ପ୍ରକୃତରେ କୌଣସି ଏତଲା ହୋଇ ନଥିବା ନେଇ ଥାନା ଅଧିକାରୀ ପଦ୍ମାଳୟା ସାହୁ ପ୍ରକାଶ କରିଛନ୍ତି। ଏହି ସ୍କୁଲର ଛାତ୍ରୀ ନିବାସ ସ୍କୁଲ ଠାରୁ ଏକ କିଲୋମିଟର ଦୂରରେ ଥିବା ବେଳେ ଘଞ୍ଚ ଜଙ୍ଗଲ ମଧ୍ୟରେ ଅବସ୍ଥିତି ଛାତ୍ରୀ ମାନଙ୍କ ପ୍ରତି ବିପଦ ସୃଷ୍ଟି କରୁଛି। ପ୍ରତ୍ୟେକ ଦିନ ଛାତ୍ରୀମାନେ ୧ କିଲୋମିଟର ଚାଲି ଚାଲି ଜଙ୍ଗଲ ରାସ୍ତାରେ ସ୍କୁଲକୁ ଆସିଥାନ୍ତି। ଯେହେତୁ ବଡରମା ଅଭୟାରଣ୍ୟ ମଧ୍ୟରେ ସ୍କୁଲ ଓ ହଷ୍ଟେଲ ଅବସ୍ଥିତ। ଛାତ୍ରୀ ମାନଙ୍କ ପ୍ରତି ଅନେକ ପ୍ରକାର ସମସ୍ୟା ରହିଛି। ତେବେ ଏଥିପ୍ରତି ସ୍କୁଲ କର୍ତ୍ତୃପକ୍ଷଙ୍କ ନଜର ନଥିବା ବେଳେ ଅଧିକାରୀ ମାନଙ୍କ ମଧ ନଜର ରହୁନଥିବା ଅଭିଯୋଗ ହେଉଛି। ଏହି ସ୍କୁଲ ଅଧୀନରେ ଏକ ବାଳକ ଛାତ୍ରାବାସ ଏବଂ ଏକ ବାଳିକା ଛାତ୍ରୀ ନିବାସ ରହିଛି। ସରକାରୀ ଭାବେ ସ୍କୁଲ କର୍ତ୍ତୃପକ୍ଷ ଏସଟିଏସସି ବିଭାଗକୁ ୧୫୫ ଜଣ ଛାତ୍ର ଛାତ୍ରୀ ଅବସ୍ଥାନ କରୁଥିବା କଥା ଦର୍ଶାଇଛନ୍ତି। ବାସ୍ତବରେ ୧୧୦ ଭିତରେ ଛାତ୍ରୀ ଛାତ୍ର ଅବସ୍ଥାନ କରୁଥିବା କଥା ଗ୍ରାମବାସୀ ପ୍ରକାଶ କରିଛନ୍ତି। ତେବେ ସ୍କୁଲ କର୍ତ୍ତୃପକ୍ଷ ଖାତା ପତ୍ରରେ ଅଧିକ ଉପସ୍ଥାନ ଦେଖାଉଥିବା କହିଛନ୍ତି। ମଧ୍ୟାହ୍ନ ଓ ରାତ୍ର ଭୋଜନ ରେ ମଧ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। ପ୍ରକୃତରେ ହଷ୍ଟେଲ ଦାୟିତ୍ୱରେ ଦୁଇ ଜଣ ସୁପରିଣ୍ଟେଣ୍ଟ ରହିବା କଥା, ମାତ୍ର ପ୍ରଧାନ ଶିକ୍ଷୟିତ୍ରୀ ଦୁଇ ହଷ୍ଟେଲକୁ ମାଡି ବସିଛନ୍ତି। ଜଣେ ଯୋଗ୍ୟ ନଥିବା ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱରେ ଥିବା ଅଭିଯୋଗ ହେଉଛି । ଯଦ୍ୱାରା ସ୍କୁଲ ଓ ହଷ୍ଟେଲରେ ଅନେକ ସମସ୍ୟା ଦେଖା ଦେଉଛି। ପ୍ରଧାନ ଶିକ୍ଷୟତ୍ରୀ ଜଣକ ଜମନକିରା ଷଣ୍ଢପଥରରେ ଥିବା ନିଜ ଘରୁ ଯା ଆସ କରି ସ୍କୁଲ ଚଳାନ୍ତି। ଦୁଇ ହଷ୍ଟେଲ ର ଦାୟିତ୍ୱ ମଧ ନିଜ ହାତରେ ରଖି ଥିବାରୁ ଅନେକ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। ଉକ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଯୋଗୁଁ ଏଭଳି ସମସ୍ୟା ଦେଖା ଦେଇଛି। ତେଣୁ ଉକ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ନିଲମ୍ବିତ କରିବା ସହ ତାଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ଜୋର ଧରିଛି।

ଏସଂକ୍ରାନ୍ତରେ ଜିଲ୍ଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳଙ୍କୁ ମୋବାଇଲରେ ଯୋଗାଯୋଗ କରାଯାଇଥିଲା, ମାତ୍ର ସେ ଫୋନ ନ ଉଠେଇ ନଥିଲେ । ଜିଲ୍ଲା ସହକାରୀ ଶିକ୍ଷା ଅଧିକାରୀ ମୁରଲୀ ବେହେରାଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ ସେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଥିଲେ। ଏସଏସଡି ବିଭାଗ ଜିଲ୍ଲା ମଙ୍ଗଳ ଅଧିକାରୀ ଭାଗିରଥି ପଟେଲଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ ସେ ଜିଲ୍ଲା ଅତିରିକ୍ତ ମଙ୍ଗଳ ଅଧିକାରୀ ଅନିଭା ନାୟକଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ବୋଲି କହିଥିଲେ।

# ମଣ୍ଡିରେ ଅବ୍ୟବସ୍ଥା : ଟୋକନ ନେଇ ହଇରାଣ ହେଉଛନ୍ତି ଚାଷୀ

ବଙ୍ଗୋମୁଣ୍ଡା,(ସବ୍ୟୁ): କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ବିଭିନ୍ନ ଧାନ ମଣ୍ଡିରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି । ଏହାକୁ ନେଇ ଏବେ ଚାଷୀ ମାନେ ଅମଳ କରିଥିବା ଧାନକୁ ମଣ୍ଡିରେ ବିକ୍ରି କରିବାରେ ଅସମର୍ଥ ହେଉଛନ୍ତି । ଏନେଇ ବଙ୍ଗୋମୁଣ୍ଡାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ବିଜେଡି ରାଜ୍ୟ ସମ୍ପାଦକ ହଂସରାଜ ଜୈନ । ଚଳିତ ବର୍ଷ ରାଜ୍ୟ ସରକାର ଚାଷୀଙ୍କ କ୍ୱିଣ୍ଟାଲ ପିଛା ୩୧ଶହ ଟଙ୍କା ଧାନ ମୂଲ୍ୟ ଧାର୍ଯ୍ୟ କରିଛନ୍ତି । ଏହାକୁ ଆମେ ସ୍ୱାଗତ କରୁଛୁ ହେଲେ ଚଳିତ ବର୍ଷ ଚାଷୀଙ୍କ ପାଇଁ ଟୋକନ ବ୍ୟବସ୍ଥାରେ ବିଳମ୍ବ କରିଛନ୍ତି । ଏହା ସହ କିଛି ସ୍ଥାନରେ ଟୋକାନ ଦିଆଯାଇନାହିଁ ଫଳରେ ଚାଷୀ ହଇରାଣ ହେଉଛନ୍ତି । ଆଗାମୀ ଜାନୁଆରୀ ମାସ ରେ ଧାନକୁ ମଣ୍ଡିରେ ଦେବାକୁ ପ୍ୟାକ୍ସରେ କହୁଛନ୍ତି । ସରକାରୀ ବ୍ୟବସ୍ଥା ଏବେ ବାଟ ବଣା ହୋଇଥିବା ସହ ଚାଷୀ ମାନଙ୍କ ପାଇଁ ଅଖା ବସ୍ତାର ମଧ ବ୍ୟବସ୍ଥା କରାଯିବ କହିଥିଲେ । ହେଲେ ଏ ପର୍ଯ୍ୟନ୍ତ ତାହା ମଧ କରାଗଲା ନାହିଁ । ଏ ସମସ୍ତ ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ବିରାଟ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି । ସାମ୍ବାଦିକ ସମ୍ମିଳନୀରେ ତେନ୍ତୁଳିଖୁଣ୍ଟି ପ୍ୟାକ୍ସର ସଭାପତି ଧନଞ୍ଜୟ ମହାନନ୍ଦ, ପତ୍ରପାଲି ପ୍ୟାକ୍ସ ସଭାପତି ମହେନ୍ଦ୍ର ବହିଦାର,ବାଙ୍ଗେଲ ପ୍ୟାକ୍ସ ସଭାପତି ରୋହିତ ଟାକ୍ରି,ବରୁଣ ଲୁହା, ନରେନ୍ଦ୍ର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ ।

# ମାଲ୍ୟବନ୍ତ ମହୋତ୍ସବ ପାଇଁ ଲୋକ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା



ମାଲକାନଗିରି,(ସବ୍ୟୁ): ମାଲକାନଗିରି ଜିଲ୍ଲାର ଲୋକ କଳା ଓ ସଂସ୍କୃତିକୁ ଲୋକ ଲୋଚନକୁ ଆଣିବା ଉଦ୍ଦେଶ୍ୟରେ ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ପ୍ରୟାସ କରାଯାଇଛି । ଜନଜାତି ବହୁଳ ମାଲକାନଗିରି ଜିଲ୍ଲାରେ ଲୋକ ନୃତ୍ୟ ଓ ଲୋକ ସଙ୍ଗୀତ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । କଳାର ମୌଳିକତା ବଜାୟ ରଖିବାରେ ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ବହୁତ ସହାୟକ ହୋଇ ପାରିଛି ବୋଲି ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ତାଙ୍ଗୁଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମତବ୍ୟକ୍ତ କରିଥିଲେ । ଜିଲ୍ଲା ସଂସ୍କୃତି ପରିଷଦ ଓ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ, ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ପିଏ ଆଇଟିଡିଏ, ଜୟଶ୍ରୀ,ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ ସନ୍ନ୍ୟାସ ନାରାୟଣ ପଣ୍ଡା, ଜିଲ୍ଲା କଳା ସଂସ୍କୃତି ସଂଘର ଉପ ସଭପତି ଘେନୁ ମୁଦୁଲି, ଗୁପ୍ତେଶ୍ୱର ପାଣିଗ୍ରାହୀ, ଶ୍ରୀତମ ସାମନ୍ତରାୟ ଓ ଗୋବିନ୍ଦ ପାତ୍ର ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲା । ଜିଲ୍ଲାର ପ୍ରମୁଖ ୧୪ ଟି ଜନଜାତି ଏହି ପ୍ରତିଯୋଗିତାରେ ନିଜର ପାରମ୍ପରିକ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ଜିଲ୍ଲାର ନାଟ୍ୟଗୁରୁ ମାନଙ୍କୁ ସମ୍ମାନୀତ କରାଯାଇଛି । ପରମ୍ପରାକୁ ବଜାୟ ରଖି ଲୋକ ନୃତ୍ୟ ପରିବେଷଣ କରିବା ଏହି ପ୍ରତିଯୋଗିତାର ମୁଖ୍ୟ ଉଦ୍ଦେଶ୍ୟ। ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ନୃତ୍ୟ ଦଳଙ୍କୁ ମାନପତ୍ର ଓ ଅର୍ଥ ରାଶି ପ୍ରଦାନ କରାଯାଇଛି। ଏହି ଦଳ ମାଲ୍ୟବନ୍ତ ମୁଖ୍ୟ ମଞ୍ଚରେ ପରିବେଷଣ କରିବେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଅନିମେଷ ମହାପାତ୍ର, ସସ୍ମିତା ସ୍ୱାଇଁ, ପ୍ରସନ୍ନ ପାଢ଼ି, ପୂର୍ଣ୍ଣିମା ଡୁରୁକା, ବନ୍ଧୁ ମୁଦୁଲି, ଶଶାଙ୍କ ମିଶ୍ର ଓ ବିନାଶ ମିଶ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମ ଆୟୋଜନ କରିବାରେ ସହଯୋଗ କରିଥିଲେ। ଉପ ଜିଲ୍ଲାପାଳ ତଥା ମାଲ୍ୟବନ୍ତ ମହୋତ୍ସବ ସାଂସ୍କୃତିକ କମିଟି ଅଧ୍ୟକ୍ଷ ଶ୍ରୀ ଭୋଇ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶ୍ୟାମ ସୁନ୍ଦର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପାଟଣାଗଡ଼ରେ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ପାଟଣାଗଡ଼,(ସବ୍ୟୁ): ପାଟଣାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ପାଟଣାଗଡ଼ ବ୍ଲକ ପକ୍ଷରୁ ସ୍ଥାନୀୟ ସୁଭଦ୍ରା ଭବନ ଠାରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏନଏସି ଅଧ୍ୟକ୍ଷା ମାନସୀ ବିଶ୍ୱାଳ ଓ ବ୍ଲକ ବିଡ଼ିଓ ସୁମନ୍ତ ମିଞ୍ଜ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ମଦନ ଜିତ ହୋତା ସ୍ୱାଗତ ଭାଷଣ ଦେଇଥିବାବେଳେ ଶିବିରରେ ଯୋଗଦେଇଥିବା ଭିନ୍ନକ୍ଷମ ମାନଙ୍କୁ ଜିଲ୍ଲାରୁ ଆସିଥିବା ଡାକ୍ତରୀ ଦଳ ଯାଞ୍ଚ କରି ଭିନ୍ନକ୍ଷମ ମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଶିବିରରେ ପାଟଣାଗଡ଼ ବ୍ଲକ ମଙ୍ଗଳ ଅଧିକାରୀ କମଳାକାନ୍ତ ବାରିକ, ଘସିଏନ ସିଏଚସି ଅଧିକାରୀ ସୁଜୟ ମେହେରଙ୍କ ସହ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ଗୃହରକ୍ଷୀ ପ୍ରତିଷ୍ଠା ଦିବସ ପାଳିତ

ଦେବଗଡ଼,(ସବ୍ୟୁ): ଦେବଗଡ ସ୍ଥାନୀୟ ରିଜର୍ଭ ପୋଲିସ ପଡିଆରେ ୬୨ତମ ଗୃହରକ୍ଷୀ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଦେବଗଡ ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ମିଶ୍ର ଯୋଗଦେଇ ଗୃହରକ୍ଷୀଙ୍କ ପକ୍ଷରୁ ଅନୁଷ୍ଠିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ । ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ସଂସ୍ଥାର ସଦସ୍ୟମାନେ ଆଭ୍ୟନ୍ତରୀଣ ନିରାପତ୍ତା ଓ ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଉତ୍ସର୍ଗୀକୃତ ସେବା ଯୋଗାଇ ଆସୁଛନ୍ତି । ଆଇନ ଶୃଙ୍ଖଳା ପରିସ୍ଥିତି, ଭିଡ ନିୟନ୍ତ୍ରଣ ଏବଂ ଅନ୍ୟାନ୍ୟ କାର୍ଯ୍ୟରେ ଗୃହରକ୍ଷୀ ବାହିନୀ ପ୍ରଦାନ କରି ଆସିଥିବା ସେବା ଅତ୍ୟନ୍ତ ପ୍ରଶଂସନୀୟ । ବିଶେଷ କରି ଶୁଭେଚ୍ଛା ବାର୍ତ୍ତା, ପ୍ରଧାନ ମନ୍ତ୍ରୀ ମୁଖ୍ୟମନ୍ତ୍ରୀ ରାଜ୍ୟପାଳଙ୍କ ବାର୍ତ୍ତା ପଠନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଧିରଜ୍ ଚୋପଦାର, ଡିଏସପି ଡି ଆଇ ବି ପବିତ୍ର କିସାନ, ଏସଡିପିଓ ସୌମ୍ୟରଞ୍ଜନ ମଲ୍ଲିକ ଏବଂ ରିଜର୍ଭ ଇନ୍ସପେକ୍ଟର ହମେରା ସୋରେନ ଅତିଥି ଭାବେ ଯୋଗଦେଇଥିଲେ । ପ୍ୟାରେଡ ପରିଚାଳନା କରିଥିଲେ ଫାଷ୍ଟ ଇନ୍ କମାଣ୍ଡ କ୍ଷମାନିଧି ପାତ୍ର ।

### କିର୍ମିରା ଜୋନସ୍ତରୀୟ ହକି ପ୍ରତିଯୋଗିତା

# ଏକଲବ୍ୟ ବିଦ୍ୟାଳୟ ଚାମ୍ପିଅନ



ଝାରସୁଗୁଡା,(ସବ୍ୟୁ): ଜିଲ୍ଲା ହକି ସଂଘ ଓ ଶିକ୍ଷା ବିଭାଗ ସହଯୋଗରେ ଶୁକ୍ରବାର ଝାରସୁଗୁଡା ଜିଲ୍ଲାର କିର୍ମିରା ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ବିଦ୍ୟାଳୟସ୍ତରୀୟ ଦ୍ୱିଦିବସୀୟ ହକି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପ୍ରତିଯୋଗିତାରେ କିର୍ମିରା ଜୋନର ସାତ ଗୋଟି ବାଳକ ଦଳ ଓ ପାଞ୍ଚଗୋଟି ବାଳିକା ଦଳରୁ ମୋଟ ୨୪୦ ଖେଳାଳି ଅଂଶଗ୍ରହଣ କରିଥିଲେ । ପ୍ରାରମ୍ଭିକ ପର୍ଯ୍ୟାୟରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ପଞ୍ଚାୟତ ସମିତି ଅଧ୍ୟକ୍ଷ୍ୟା କୃଷ୍ଣରାଣୀ ସାହୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ବିଡିଓ, ଅବିନାଶ ଲାକ୍ରା,ସରପଞ୍ଚ ସନ୍ତୋଷିନୀ,ସ୍ଥାନୀୟ ସ୍କୁଲ ପ୍ରଧାନ ଶିକ୍ଷକ ସୌରୀ ନାରାୟଣ, ଏକଲବ୍ୟ ବିଦ୍ୟାଳୟ ଅଧ୍ୟକ୍ଷ ଅରବିନ୍ଦ ସିଂ,ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ବିମଲ କୁମାର ତାଣ୍ଡି ଓ ହକି ଆସୋସିସନର ଉପ ସଭାପତି ଜୀବନ ମହାନ୍ତି ଉପସ୍ଥିତ ରହି ଖେଳାଳି ମାନଙ୍କୁ ମାର୍ଗଦର୍ଶନ କରିଥିଲେ ।

ଅପରାହ୍ନରେ ଝାରସୁଗୁଡା ଏସପି, ସ୍ମିତ ପି. ପରମାର ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଏସପିଙ୍କ ସହ ପୂର୍ବତନ ଶାରୀରିକ ଶିକ୍ଷା ଅଧିକାରୀ ଡମ୍ବରୁଧର ପୂଜାରୀ ଓ ଲାଇକେରା ବ୍ଲକ ସମ୍ପାଦକ କୁବେର କୁମ୍ଭାର ଉପସ୍ଥିତ ଥିଲେ । ବାଳକ ବିଭାଗର ଫାଇନାଲ ମ୍ୟାଚ ଏକଲବ୍ୟ ବିଦ୍ୟାଳୟ ଚାମ୍ପିଅନ ହୋଇଥିବା ବେଳେ କେବିଜେ ଲଇକେରା ରନର୍ସ ଅପ ହୋଇଥିଲା । ଉକ୍ତ ମ୍ୟାଚକୁ ସଫଳ କରିବା ପାଇଁ ସ୍ଥାନୀୟ ବିଦ୍ୟାଳୟର ଶାରୀରିକ ଶିକ୍ଷକ ଅମୀୟ ରଞ୍ଜନ ଷଣ୍ଢ ଓ ଜୀବର୍ଦ୍ଧନ ରାଉତ ବିଶେଷ ଭାବେ ସହଯୋଗ କରିଥିଲେ । ମ୍ୟାଚକୁ ସୁଜିତ ଲାକ୍ରା, ପ୍ରଫୁଲ କୁଲୁ, ଶକୁନ ନାଏକ, ରୀନା ପଟେଲ, ଜିତେନ୍ଦ୍ର ମହନ୍ତ, ଦେବଦତ୍ତ ଗିରି, ଚାନ୍ଦିନୀ ଓରାମ, ସୋଫିଆ ପଟେଲ, ଯଶୋବନ୍ତ ଭୋଇ ଓ ଦୀପାଞ୍ଜଳି ନାଏକ ସହଯୋଗ କରିଥିଲେ ।

# ଜୁନାଗଡ଼-ନବରଙ୍ଗପୁର ରେଳପଥ ସମ୍ପ୍ରସାରଣରେ ଜୟପାଟଣାକୁ ସାମିଲ ଦାବି

ଜୟପାଟଣା,(ସବ୍ୟୁ): ସଦ୍ୟ ପ୍ରସ୍ତାବିତ ଜୁନାଗଡ଼ ନବରଙ୍ଗପୁର ରେଳପଥ ସଂପ୍ରସାରଣରେ ଜୟପାଟଣା ଅଞ୍ଚଳକୁ ସାମିଲ କରିବାକୁ ରେଳପଥ ବିସ୍ତାର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଉଦ୍ୟମ ଅବ୍ୟାହତ ଥିବା ଜଣାପଡିଛି। ଏ ନେଇ ଗୁରୁବାର ଜିଲ୍ଲାପାଳ କଳାହାଣ୍ଡି ଏବଂ ପୂର୍ବତନ ରେଳମନ୍ତ୍ରୀ ଭକ୍ତ ଚରଣ ଦାସଙ୍କୁ ଏକ ପ୍ରତିନିଧି ଦଳ ସାକ୍ଷାତ କରି ଦାବୀ ପତ୍ର ପ୍ରଦାନ କରିଥଲେ । କ୍ରିୟାନୁଷ୍ଠାନ କମିଟିର ବରିଷ୍ଠ ସଦସ୍ୟ ପ୍ରଦ୍ୟୁମ୍ନ ପଣ୍ଡା, ଅଶୋକ କୁମାର ପଣ୍ଡା, ଚୈତନ୍ୟ ସେଠୀ, କୃଷ୍ଣ ଚନ୍ଦ୍ର ରାଉତ ଏବଂ ଆବାହକ ପ୍ରକାଶ ଦୁରିଆ ପ୍ରମୁଖ ଜୟପାଟଣା ଡାକ୍ତର ଖାନାରେ ବିଶେଷଜ୍ଞ ପ୍ରଦାନ, ଷ୍ଟେଟବ୍ୟାଙ୍କ ରେ କେଶ୍ କାଉଣ୍ଟର ବୃଦ୍ଧି ଇତ୍ୟାଦି ପ୍ରସଂଗ ସମେତ ରେଳପଥ ସମ୍ବନ୍ଧୀୟ ବିଷୟରେ ବିଶଦ ଆଲୋଚନା କରିଥିଲେ। ଆଗାମୀ ଦିନରେ ଦିଲ୍ଲୀ ଯାଇ ରେଳମନ୍ତ୍ରୀଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରାଯିବ ବୋଲି ପ୍ରକାଶ କରିଥିବା ଜଣାପଡ଼ିଛି।

# ମାନେଶ୍ୱରରେ ଜନ ଅଭିଯୋଗ ଶୁଣାଣି

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ମାନେଶ୍ୱର ବ୍ଲକ କାର୍ଯ୍ୟାଳୟ ଠାରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ ମିଳିତ ଭାବେ ଶୁଣାଣି କରିଥିଲେ । ମୋଟ ୨୨ଟି ଆବେଦନ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୧୮ଟି ଆବେଦନ ବ୍ୟକ୍ତିଗତ, ୩ଟି ଗ୍ରାମ୍ୟ ସମସ୍ୟା ସହ ଜଡିତ ଥିଲା । ସେହିପରି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ସହାୟତା ପାଇଁ ଗୋଟିଏ ଆବେଦନ ପ୍ରାପ୍ତ ହୋଇଥିଲା । ଏହି ଅବସରରେ ୩ଜଣ ହିତାଧିକାରୀଙ୍କୁ ହ୍ୱିଲ ଚେୟାର, ୪ଜଣଙ୍କୁ ଜାତୀୟ ପରିବାର କଲ୍ୟାଣ ଯୋଜନାରେ ସହାୟତା ପ୍ରଦାନ କରାଯାଇଥିଲା । ଏଥିରେ ଆଇପିଏସ୍ ପ୍ରୋବେଶନର ଭୋସଲେ ଶୁଭମ ସଞ୍ଜୟ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ଉପଜିଲ୍ଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# କ୍ୟାପିଟାଲ ହାଇସ୍କୁଲ-୮୩ ୱେଲଫେୟାର ସୋସାଇଟିର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,(ସବ୍ୟୁ): ସାମୂହିକ ଉଦ୍ୟମ ଏବଂ ଆନ୍ତରିକତାରେ ହିଁ ସମାଜର ବିକାଶ ହେବ। ଏ ଦିଗରେ ଯୁବବର୍ଗ ଏକାଠି ହୋଇ ନିସ୍ୱାର୍ଥପରେ ଭାବେ କାର୍ଯ୍ୟ କରିପାରିଲେ ସମସ୍ତଙ୍କ ମଙ୍ଗଳ ହେବ । ସ୍ଥାନୀୟ ଜୟଦେବ ବିହାର ସ୍ଥିତ ଗୁରୁ କେଳୁ ଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର ଅଡିଟୋରିୟମରେ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ଭୁବନେଶ୍ୱରର ୟୁନିଟ-୩ କ୍ୟାପିଟାଲ ହାଇସ୍କୁଲର ପୁରାତନ ଛାତ୍ରମାନଙ୍କ ଦ୍ୱାରା ଗଠିତ ସି.ଏଚ୍.ଏସ୍-୮୩ ୱେଲଫେୟାର ସୋସାଇଟିର ପ୍ରତିଷ୍ଠା ଦିବସ ଅବସରରେ ଏହି ପରାମର୍ଶ ଦେଇଥିଲେ ଅତିଥିମାନେ ।

ସି.ଏଚ୍.ଏସ୍-୮୩ ୱେଲଫେୟାର ସୋସାଇଟି ବା କଲ୍ୟାଣ ସମିତି ପକ୍ଷରୁ ଆୟୋଜିତ ସଂଗଠନର ପ୍ରଥମ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ସମ୍ମାନିତ ଅତିଥି ଭାବରେ ଆଇନ, ପୂର୍ତ୍ତ ଏବଂ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଦ୍ୟାଳୟର ଆଲୁମନି ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ଆଲୁମନି ଟ୍ରଷ୍ଟର ସଭାପତି ଦେବାଶିଷ ପଟ୍ଟନାୟକ, ସି.ଏଚ୍.ଏସ୍-୮୩ ୱେଲଫେୟାର ସମିତିର ସଭାପତି ବିଜୟ କୁମାର ପାତ୍ର ଏବଂ ସମ୍ପାଦକ ପୁଲିନ ସାହୁ ପ୍ରମୁଖ ମଂଚାସୀନ ଥିଲେ । କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ମୁଖ୍ୟ ଅତିଥି ଉପମୁଖ୍ୟ ମନ୍ତ୍ରୀ କହିଥିଲେ ଯେ, ଏକ ଉପଯୁକ୍ତ ଏବଂ ପ୍ରକୃତ ଶିକ୍ଷା ବ୍ୟବସ୍ଥା ହିଁ, ଆଜିର ଆବଶ୍ୟକତା । ଶିକ୍ଷାନୁଷ୍ଠାନର, ପ୍ରତ୍ୟେକ ଆଲୁମନି, ଶିକ୍ଷକ, ଶିକ୍ଷୟିତ୍ରୀ ଏ ଦିଗରେ ସଚେତନ ହେବା ସହ ଏବଂ ଆନ୍ତରିକତା ପ୍ରକାଶ କରିବା ଜରୁରୀ । କାର୍ଯ୍ୟକ୍ରମରେ ଆଲୁମନି ଟ୍ରଷ୍ଟ ସଭାପତିଙ୍କ ଦ୍ୱାରା ସ୍ୱାଗତ ଅଭିଭାଷଣ ପରେ, ସି.ଏଚ୍.ସି.-୮୩ ୱେଲଫେୟାର ସୋସାଇଟି ଉପରେ ନିର୍ମିତ ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା । ପରେ ସମିତିର ସମ୍ପାଦକ, ବାର୍ଷିକ ବିବରଣୀ ପାଠ କରିଥିଲେ । କାର୍ଯ୍ୟକ୍ରମରେ ସୋସାଇଟିର ଏକ ସ୍ମରଣୀକାକୁ ଅତିଥି ବୃନ୍ଦ ଉନ୍ମୋଚନ କରିଥିଲେ ।ଏହି ଅବସରରେ ଅତିଥିମାନେ, ସି.ଏଚ୍.ସି-୮୩ ୱେଲଫେୟାର ସୋସାଇଟି ଦ୍ୱାରା ବିଗତ ଦିନରେ ହାତକୁ ନେଇ ସଫଳତାର ସମ୍ପାଦନ କରିଥିବା ବିଭିନ୍ନ କାର୍ଯ୍ୟ ଯଥା, ସ୍ୱାସ୍ଥ୍ୟ ଶିବିର, କ୍ରୀଡ଼ା ପ୍ରତିଯୋଗିତା, ମେଧାବୀ ଏବଂ ଗରିବ ଛାତ୍ରଛାତ୍ରୀଙ୍କୁ ସହାୟତା ଓ ଚାରା ରୋପଣ ଆଦି ପାଇଁ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମରେ, ସମିତି ତରଫରୁ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ବ୍ୟକ୍ତି ବିଶେଷ, ଅଧିକାରୀ ଏବଂ ପୁରାତନ ଶିକ୍ଷକ ଏବଂ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ୮ରୁ ଜାତୀୟ ସମ୍ବଲପୁରୀ ସମ୍ମିଳନୀ



ସମ୍ବଲପୁର,(ସବ୍ୟୁ) : ସମ୍ବଲପୁରୀ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ପ୍ରଚାରପ୍ରସାର ପାଇଁ ୨୦୧୩ ମସିହାରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ସମ୍ବଲପୁରୀ ଦିନ୍ ପାଳନ କରାଯାଉଛି । ସମ୍ବଲପୁରୀ କପଡା, ନାଚଗୀତ, ସାହିତ୍ୟ ଓ ନାଟକକୁ ଶୀର୍ଷରେ ପହଞ୍ଚାଇବା ପାଇଁ ସମ୍ବଲପୁରୀ ସମ୍ମିଳନୀ ମଧ୍ୟ ଅନୁଷ୍ଠିତ ହେଉଛି । ୨୦୧୮ ମସିହାରୁ ଏହି ସମ୍ମିଳନୀ କରାଯାଉଥିବା ବେଳେ ଚଳିତବର୍ଷ ସମ୍ବଲପୁର ଠାରେ ୪ର୍ଥ ଜାତୀୟ ସମ୍ବଲପୁରୀ ସମ୍ମିଳନୀ ଆୟୋଜିତ ହେବ । ଶୁକ୍ରବାର ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆବାହକ ଭବାନୀ ଶଙ୍କର ଭୋଇ ଏହା କହିଥିଲେ । ସେ ଆହୁରି କହିଥିଲେ ଯେ, ଏହି ସମ୍ମିଳନୀ ଆସନ୍ତା ୮ତାରିଖରୁ ୧୨ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ । ପ୍ରଥମ ଦିନ ମାଁ ସମଲେଶ୍ୱରୀଙ୍କ ଠାରେ ପୂଜାର୍ଚ୍ଚନା ପରେ ଶୁଭ ଉଦ୍ଘାଟନ କରାଯିବ । ଉପଦେଷ୍ଟା ଡ. ପ୍ରମୋଦ କୁମାର ରଥ ଯୋଗ ଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ସମ୍ବଲପୁରୀ ବକ୍ତୃତା, ରଚନା ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ସହ ସମ୍ବଲପୁରୀ କବିତା ପାଠ ଏବଂ ପ୍ରତ୍ୟହ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି । ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି କହିଥିଲେ ଯେ, ବିଦ୍ୟାଳୟ ସ୍ତରରେ ଓଡିଶା, ଇଂରାଜୀ ଓ ହିନ୍ଦୀ ଭାଷାରେ ଶିକ୍ଷାଦାନ ଦିଆଯାଉଛି । ସମ୍ବଲପୁରୀ ଭାଷା ପ୍ରତି ଯୁବପୀଢ଼ିଙ୍କ ମଧ୍ୟରେ ଆଗ୍ରହ ଜନ୍ମାଇବା ପାଇଁ ବିଦ୍ୟାଳୟସ୍ତରରେ ସମ୍ବଲପୁରୀ କାର୍ଯ୍ୟକ୍ରମ ମାନ ହାତକୁ ନିଆଯିବ । ଏହି ସାମ୍ବାଦିକ ସମ୍ମିଳନୀରେ ସମ୍ବଲପୁର ଶାଖା ସଂଯୋଜକ କିଶୋର ଧରେଇ ଓ ସାଂସ୍କୃତିକ ସଂଯୋଜକ ଦଶରଥ ମେହେର ଉପସ୍ଥିତ ଥିଲେ ।

# ସମ୍ବଲପୁର ଲୋକମହୋତ୍ସବ କମିଟି : ପ୍ରଫୁଲ୍ଲ ସଂଯୋଜକ ଓ ରଞ୍ଜନ ସହସଂଯୋଜକ



ସମ୍ବଲପୁର,: ସମ୍ବଲପୁର ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ୨୭ତମ ସମ୍ବଲପୁର ଲୋକମହୋତ୍ସବ ୨୦୨୫ ପାଇଁ ସଂଯୋଜକ ଓ ବିଭିନ୍ନ ଉପକମିଟି ପାଇଁ ଆବାହକ ଏବଂ ସହ ଆବାହକମାନଙ୍କ ନାମ ତାଲିକା ପ୍ରକାଶ ପାଇଛି। ଗତକାଲି ଜିଲ୍ଲା ପ୍ରଶାସନର ସଂସ୍କୃତି ବିଭାଗ ପକ୍ଷରୁ ପ୍ରକାଶ କରାଯାଇଥିବା ଏହି ବିଜ୍ଞପ୍ତିରେ ଏଥର ଆସନ୍ତା ଜାନୁଆରୀ ୪ ତାରିଖରୁ ୮ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ସମ୍ବଲପୁର ଲୋକମହୋତ୍ସବ ଅନୁଷ୍ଠିତ ହେବ ବୋଲି କୁହାଯାଉଛି। ଏଥର ଆୟୋଜନ କମିଟିରେ ବରିଷ୍ଠ ସାଂସ୍କୃତିକ ସଂଗଠକ ପ୍ରଫୁଲ୍ଲ ହୋତାଙ୍କୁ ସଂଯୋଜକ ଏବଂ ସୀଗତଜ୍ଞ ତଥା ନିର୍ଦ୍ଦେଶକ ରଞ୍ଜନ ସାହୁଙ୍କୁ ସହ ସଂଯୋଜକ ଭାବରେ ମନୋନୀତ କରାଯାଇଛି। ବିଭିନ୍ନ ଉପକମିଟି ମଧ୍ୟରୁ ଦଳ ଉପକମିଟିରେ କୃଷ୍ଣଚନ୍ଦ୍ର ବାଗ୍ ଆବାହକ ଏବଂ ଆଲୋକ କୁମାର ପଣ୍ଡା ସହ ଆବାହକ, ମଞ୍ଚ ଉପକମିଟିରେ ନନ୍ଦ କିଶୋର ସାହୁ ଆବାହକ ଏବଂ ଖୁସିରାମ୍ ଛୁରିଆ ସହ ଆବାହକ, ଖାଦ୍ୟ ଉପକମିଟିରେ ଅମିତ ପତି ଆବାହକ ଏବଂ ସୁବ୍ରତ ପଣ୍ଡା ସହ ଆବାହକ, ପ୍ରଚାର ଓ ଶୋଭାଯାତ୍ରା ଉପକମିଟରେ ଦଶରଥ ମେହେର ଆବାହକ ଏବଂ ଚନ୍ଦ୍ରଶେଖର ପାତ୍ର ସହ ଆବାହକ ମନୋନୀତ ହୋଇଛନ୍ତି। ଶ୍ରୀମନ୍ତ ସାହୁ ଏବଂ ରୋଚିସ୍ ଦେ ପ୍ରଦର୍ଶନୀ ଉପକମିଟି ଆବାହକ ଓ ସହ ଆବାହକ, ଡକ୍ୟୁମେଣ୍ଟେସନ୍ କମିଟିରେ ଆଶିଷ ପ୍ରଧାନ ଆବାହକ ଓ ଡମ୍ବରୁଧର ପ୍ରଧାନ ସହ ଆବାହକ, ସମ୍ବର୍ଦ୍ଧନା ଉପକମିଟିରେ ଲଳିତ ମୋହନ ବେବର୍ତ୍ତା ଆବାହକ ଓ ଅଜୟ କୁମାର ନାଥ ସହ ଆବାହକ, ଆତିଥ୍ୟ ଉପକମିଟିରେ ଶିଶିର ରଞ୍ଜନ ବହିଦାର ଆବାହକ ଓ ପ୍ରଭୁଦତ୍ତ ପଣ୍ଡା ସହ ଆବାହକ ଓ ସ୍ମରଣିକା ଉପକମିଟିରେ ଡା. ରାଜାରାମ ଷଡଙ୍ଗୀ ଆବାହକ ଏବଂ ସୁକାନ୍ତ କରଙ୍କୁ ସହ ଆବାହକ ମନୋନୀତ କରାଯାଇଛି। ପରିବହନ ଉପକମିଟରେ ଦୀନେଶ ମହତ୍ତମ ଆବାହକ ଏବଂ ନିଗମାନନ୍ଦ ମହାନ୍ତି ସହ ଆବାହକ, ରହଣୀ କମିଟିରେ ମହେଶ କୁମାର ପଟେଲ ଆବାହକ ଏବଂ ସତୀଶ ଦୋରା ସହ ଆବାହକ, ଉଦ୍‌ଘୋଷଣା କମିଟିରେ ଅଞ୍ଜନ କୁମାର ପ୍ରଧାନ ଆବାହକ ଏବଂ ମୀମାଂଶା ରଥ ସହ ଆବାହକ, ପାର୍କିଂ କମିଟିରେ କାର୍ତ୍ତିକ ଆଇନ୍ଦ୍ ଆବାହକ ଓ ଦୟାନିଧି ପ୍ରଧାନ ସହ ଆବାହକ, ପରିମଳ କମିଟିରେ ସୌରୀନାରାୟଣ ପାଣିଗ୍ରାହୀ ଆବାହକ ଏବଂ ସୁନୀଲ ସାଗର ସହ ଆବାହକ ଭାବେ ସ୍ଥାନ ପାଇଛନ୍ତି। ଭବାନୀଶଙ୍କର ଭୋଇ ଏବଂ ମୁକେଶ ଜରିୱାଲ ମିଡିଆ ଓ ଷ୍ଟଲ୍ ଉପକମିଟିର ଆବାହକ ମନୋନୀତ ହୋଇଛନ୍ତି।

(ଶ୍ରୀମଦ୍‌ଭଗବଦ୍ ଗୀତା ୧୧/୨୦)

–ବିଶ୍ୱରୂପଦର୍ଶନଯୋଗଃ–

(ଶ୍ରୀଭଗବାନୁବାଚ )

**ଅହମାତ୍ମା ଗୁଡ଼ାକେଶ ! ସର୍ବଭୂତାଶୟସ୍ଥିତଃ ।**
**ଅହମାଦିଶ୍ଚ ମଧ୍ୟଞ୍ଚ ଭୂତାନାମନ୍ତ ଏବ ଚ ॥୨୦॥**

(ପ୍ରଥମେ ନିଜ ଐଶ୍ୱର ରୂପ କହୁଛନ୍ତି)– ହେ ଅର୍ଜ୍ଜୁନ ! ମୁଁ ସବୁ ପ୍ରାଣୀଙ୍କର ଅନ୍ତଃକରଣରେ ନିୟନ୍ତୃରୂପରେ ଅବସ୍ଥିତ ପରମାତ୍ମା, ପ୍ରାଣୀମାନଙ୍କର ଉତ୍ପତ୍ତି, ସ୍ଥିତି ଓ ସଂହାରସ୍ୱରୂପ ମୁଁ ॥୨୦॥

# ଜଳବାୟୁ ପରିବର୍ତ୍ତନକୁ ନା’

ଜଳବାୟୁ ପରିବର୍ତ୍ତନକୁ ମୁକାବିଲା କରିବା ପାଇଁ ନିକଟରେ ବିଶ୍ୱର ନେତାମାନେ ଆଜରବୈଜାନର ବାକୁରେ ଏକାଠି ହୋଇଥିଲେ । ଏହି ସମ୍ମିଳନୀ, ସିଓପି ୨୯ (CoP 29), ଏକ ଐତିହାସିକ ସଫଳତାର ପ୍ରତିଶ୍ରୁତି ଦେଇଛି – ଗ୍ଲୋବାଲ୍ ନର୍ଥ ଯୋଗୁଁ ପ୍ରଭାବିତ ହେଉଥିବା ଗ୍ଲୋବାଲ୍ ସାଉଥକୁ କ୍ଷତିପୂରଣ ଦେବା ପାଇଁ ସମ୍ମିଳନୀ ରାଜି ହୋଇଛି ଏବଂ ଏ ନେଇ ଏକ ଆର୍ଥିକ ଚୁକ୍ତି ମଧ୍ୟ ସ୍ୱାକ୍ଷରିତ ହୋଇଛି । କିନ୍ତୁ ଦୁଃଖର ବିଷୟ ପ୍ରସ୍ତାବିତ ୧.୩ ଟ୍ରିଲିୟନ ଡଲାର ବଦଳରେ ଗ୍ଲୋବାଲ ସାଉଥକୁ ମାତ୍ର ୩୦୦ ବିଲିୟନ ଡଲାର ଦିଆଯିବ, ଯାହା ଆବଶ୍ୟକ ସଂଖ୍ୟାର ଏକ ଅଂଶ ମାତ୍ର । ଏହା ସମ୍ମିଳନୀର ସବୁଠାରୁ ବଡ ବିଫଳତା ବୋଲି କୁହାଯାଉଛି । ଆର୍ଥିକ ଲକ୍ଷ୍ୟ ପୂରଣ କରିବାରେ ବିଫଳ ହେବାର ଗୋଟିଏ ମୁଖ୍ୟ କାରଣ ହେଉଛି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଭାବ । ଜୋ ବାଇଡେନ ପ୍ରଶାସନର ପ୍ରୟାସ ସତ୍ତ୍ୱେ, ଟ୍ରମ୍ପଙ୍କ ନିର୍ବାଚନ ଆମେରିକାର ଜଳବାୟୁ ପ୍ରତିଶ୍ରୁତି ଉପରେ ଏକ ଦୀର୍ଘ ଛାଇ ସୃଷ୍ଟି କରେ । ଜଳବାୟୁ ପରିବର୍ତ୍ତନକୁ ଏକ ପ୍ରତାରଣା ବୋଲି କହିଥିବା ଟ୍ରମ୍ପ ଜଳବାୟୁ କାର୍ଯ୍ୟକର୍ତ୍ତାଙ୍କୁ ସବୁଠାରୁ ବଡ ଦୁଃସ୍ୱପ୍ନ ଦେଖାଇବାକୁ ଶପଥ ନେଇଛନ୍ତି ବୋଲି ମନେହୁଏ । ଇଲେକ୍ଟ୍ରିକ୍ ଯାନ ଉପରେ ଦିଆଯାଉଥିବା ସବସିଡି ପ୍ରତ୍ୟାହାର ଏବଂ ସଂରକ୍ଷିତ ମରୁଭୂମି ଅଞ୍ଚଳରେ ତୈଳ ଏବଂ ଖଣି ଖନନକୁ ପ୍ରୋତ୍ସାହିତ କରିବାକୁ ଟ୍ରମ୍ପ ପ୍ରତିଶ୍ରୁତି ଦେଇଛନ୍ତି । ବାଇଡେନ ତାଙ୍କ କାର୍ଯ୍ୟକାଳର ପ୍ରଥମ ଦିନରେ ହିଁ ପ୍ୟାରିସ ଚୁକ୍ତିରେ ପୁଣିଥରେ ଯୋଗ ଦେଇଥିଲେ । କିନ୍ତୁ ଟ୍ରମ୍ପ ତାଙ୍କର ପୂର୍ବ କାର୍ଯ୍ୟକାଳ ସମୟରେ ପ୍ୟାରିସ ଚୁକ୍ତିରୁ ଓହରି ଯାଇଥିଲେ ଏବଂ ପୁନର୍ବାର ନିର୍ବାଚିତ ହେବା ପରେ ସମାନ ନିଷ୍ପତ୍ତି ନେବେ ବୋଲି ସ୍ପଷ୍ଟ କରିଛନ୍ତି । ରିପବ୍ଲିକାନ୍ ସାଂସଦମାନେ ତୈଳ, ପ୍ରାକୃତିକ ଗ୍ୟାସ ଏବଂ କୋଇଲା ଉତ୍ପାଦନ ଓ ବ୍ୟବହାର ବୃଦ୍ଧିକୁ ସମର୍ଥନ ଜଣାଇଛନ୍ତି । ଟେକ୍ସାସର ତୈଳ ସମୃଦ୍ଧ ପରମିୟନ୍ ବେସିନକୁ ପ୍ରତିନିଧିତ୍ୱ କରୁଥିବା ରିପବ୍ଲିକାନ୍ ପ୍ରତିନିଧୀ ଅଗଷ୍ଟ ପ୍ଲଫୁଗର କହିଛନ୍ତି ଯେ ଗତ ସପ୍ତାହରେ ଆମେରିକାର ଲୋକମାନେ ଆମେରିକାର ଶକ୍ତି ପ୍ରାଧାନ୍ୟ ଫେରାଇ ଆଣିବା ଏବଂ ବିଶ୍ୱକୁ ଶକ୍ତି କ୍ଷେତ୍ରରେ ଆଗେଇ ନେବା ପାଇଁ ରାଷ୍ଟ୍ରପତି

**ସମ୍ପାଦକୀୟ**

ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରତିଶ୍ରୁତିକୁ ସମର୍ଥନ କରିଥିଲେ । ଅନ୍ୟ କେତେକ ରିପବ୍ଲିକାନ୍ ପ୍ରତିନିଧୀ ମଧ୍ୟ ସମାନ ମତ ଦେଇଛନ୍ତି । ରିପବ୍ଲିକାନ୍‌ଙ୍କର ଏହି ସବୁ ବୟାନବାଜି ସ୍ପଷ୍ଟ କରୁଛି ଯେ’ ରିପବ୍ଲିକାନ୍‌ମାନେ ‘ଜଳବାୟୁ ପରିବର୍ତ୍ତନ’ କଥାଟିକୁ ବିଲକୁଲ ବିଶ୍ୱାସ କରନ୍ତି ନାହିଁ ବା ଗ୍ରହଣ କରନ୍ତି ନାହିଁ । ଏହା ବାସ୍ତବରେ, ଜଳବାୟୁ ପରିବର୍ତ୍ତନର ବାର୍ତ୍ତାବହମାନଙ୍କ ପାଇଁ ଗୋଟିଏ ବଡ ଝଟକା । ଅନେକଙ୍କ ମତରେ, ଜଳବାୟୁ ପରିବର୍ତ୍ତନ ନେଇ ଟ୍ରମ୍ପଙ୍କ ମନ୍ତବ୍ୟ ବା ଆଭିମୁଖ୍ୟ, ଜଳବାୟୁ ପରିବର୍ତ୍ତନ ନେଇ ଲଢ଼େଇକୁ ଦୁର୍ବଳ କରିବ । ଏସବୁ ସତ୍ତ୍ୱେ, ଟ୍ରମ୍ପଙ୍କ ବନ୍ଧୁ ଏଲୋନ୍ ମସ୍କଙ୍କ ଉପରେ କିଛି ଲୋକ ଆଶା ରଖିଛନ୍ତି । ବିଶ୍ୱ ସବୁଠାରୁ ଧନୀ ବ୍ୟକ୍ତି ଯିଏ ନିର୍ବାଚନରେ ଟ୍ରମ୍ପଙ୍କ ପାଇଁ ଖୋଲାଖୋଲି ଭାବରେ ପ୍ରଚାର କରିଥିଲେ ଏବଂ ଟ୍ରମ୍ପଙ୍କୁ ପ୍ରୋତ୍ସାହିତ କରିଥିଲେ, ସେ ବିଶ୍ୱର ସର୍ବବୃହତ ବୈଦ୍ୟୁତିକ ଯାନ କମ୍ପାନୀ ଟେସଲ ପରିଚାଳନା କରୁଛନ୍ତି । ତେଣୁ ଆଶା କରିବା, ଜଳବାୟୁ ପରିବର୍ତ୍ତନ ବିରୋଧୀ ଲଢେଇରେ ବିଶ୍ୱ ସମୂହକୁ ସମର୍ଥନ ଦେବା ପାଇଁ, ସେ ଟ୍ରମ୍ପଙ୍କୁ ପ୍ରବର୍ତ୍ତାଇବେ । ରାଜନୀତି ସ୍ତରରେ ଜୋର ଚର୍ଚ୍ଚା ଚାଲିଛି ଯେ’ ମସ୍କ ଟ୍ରମ୍ପଙ୍କ ଉପଦେଷ୍ଟା ଭାବରେ ଉଭା ହେବେ ଏବଂ ପ୍ରତ୍ୟକ୍ଷରେ ନ ହେଲେ ମଧ୍ୟ ପରୋକ୍ଷରେ ଟ୍ରମ୍ପ ତାଙ୍କ କଥାକୁ ଗୁରୁତ୍ୱ ଦେବେ । ତାଙ୍କର ବ୍ୟବସାୟ ସାମ୍ରାଜ୍ୟ ପାଇଁ, ଜଳବାୟୁ ପରିବର୍ତ୍ତନ ବିରୋଧରେ ଲଢେଇ ବୃଦ୍ଧି ପାଇବା ଆବଶ୍ୟକ । ଇଲେକ୍ଟ୍ରିକ ଯାନର ଚାହିଦା ବଢିବା ଦରକାର । କିନ୍ତୁ, ଏହା କେତେଦୂର ସମ୍ଭବ ହେବ ବା ଟ୍ରମ୍ପ ମସ୍କଙ୍କ ମତାମତକୁ କେତେଦୂର ଗ୍ରହଣ କରିବେ, ତାହା ସମୟ ହିଁ ସ୍ପଷ୍ଟ କରିବ । ଅନ୍ୟ ଦୃଷ୍ଟିରୁ ଦେଖିବାକୁ ଗଲେ, ଅଗଷ୍ଟରେ X (ପୂର୍ବରୁ ଟ୍ୱିଟର) ରେ ହୋଇଥିବା ଏକ ବାର୍ତ୍ତାଳାପରେ ମସ୍କ ଓ ଟ୍ରମ୍ପ ଜଳବାୟୁ ପରିବର୍ତ୍ତନ ସମେତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ସେହି ବାର୍ତ୍ତାଳାପରେ ଟ୍ରମ୍ପ କହିଥିଲେ ଯେ’ ଯଦି ସମୁଦ୍ର ପତନ ବୃଦ୍ଧିପାଏ ତେବେ ଏହା କୌଣସି ଅସୁବିଧା ହେବ ନାହିଁ, ବରଂ ଅଧିକ ସାମୁଦ୍ରିକ ସମ୍ପତ୍ତି ସୃଷ୍ଟି କରିବ । ମସ୍କ ନିଜକୁ ଜଳବାୟୁର ଗୋଟିଏ ବଡ ସମର୍ଥକ ବୋଲି ଦାବି କରନ୍ତି ଏବଂ ପୃଥିବୀର ଯେକୌଣସି ମଣିଷ ଅପେକ୍ଷା, ଜଳବାୟୁ ପାଇଁ ଅଧିକ କାର୍ଯ୍ୟ କରିଥିବାରୁ ସେ ନିଜକୁ ପ୍ରଶଂସା ମଧ୍ୟ କରନ୍ତି । କିନ୍ତୁ ସେ ଏହି ବିତର୍କରେ କହିଥିଲେ, ଜନ୍ମ ହାର କମ୍ କାରଣରୁ ଜନସଂଖ୍ୟା ହ୍ରାସ ହେଉଛି ଯାହା ବିଶ୍ୱ ତାପମାତ୍ରା ଅପେକ୍ଷା ସଭ୍ୟତା ପାଇଁ ବହୁତ ବଡ଼ ବିପଦ । ଏମିତି କିଛି ମନ୍ତବ୍ୟ ଦେଖିଲେ, ମନେହୁଏ, ଟ୍ରମ୍ପଙ୍କ ଜଳବାୟୁ ବିରୋଧୀ ଆଭିମୁଖ୍ୟ ସହିତ ମସ୍କଙ୍କର ମଧ୍ୟ କିଛି ସମାନତା ଅଛି । ପ୍ରକୃତି ଉପରେ ପ୍ରାଧାନ୍ୟ ଦେଉଥିବା ମଣିଷର ଏହି ଦର୍ଶନକୁ ସେମାନେ ଖୋଲାଖୋଲି ଭାବରେ ସମର୍ଥନ କରନ୍ତି ନାହିଁ । ଟେକ୍ନୋଲୋଜିର ବୃଦ୍ଧିକୁ ଉଭୟ ମସ୍କ ଓ ଟ୍ରମ୍ପ ଅଧିକ ଗୁରୁତ୍ୱ ଦିଅନ୍ତି । ଯେମିତି ମସ୍କ ସବୁ ବିଷୟ ଅପେକ୍ଷା, ସ୍ପେସ୍ ଅନୁସନ୍ଧାନରେ ଅଧିକ ଧ୍ୟାନ ଦେଉଛନ୍ତି । ମସ୍କ ନିଜେ ମହାକାଶର ଅଜ୍ଞାତ ସୀମା ଉପରେ ମାନବୀୟ ପ୍ରାଧାନ୍ୟ ବିସ୍ତାର କରିବାକୁ ଇଚ୍ଛା କରୁଛନ୍ତି । ଯେତେବେଳେ ମସ୍କ ସଭ୍ୟତାର ପତନ ବିଷୟରେ କଥାବାର୍ତ୍ତା କରନ୍ତି, ଏହା କେବଳ ପାଶ୍ଚାତ୍ୟ ଦେଶ ପାଇଁ ଉଦ୍ଦିଷ୍ଟ ବୋଲି ଚିନ୍ତା କରାଯାଇପାରେ । ମସ୍କ ହୁଏତ ଠିକ୍ କହୁଛନ୍ତି ଯେ’ ୟୁରୋପରେ ଏବଂ ଆମେରିକାରେ ଜନ୍ମ ହାର ହ୍ରାସ ପାଉଛି କିନ୍ତୁ ଦୁନିଆରେ ବହୁତ ଲୋକ ଅଛନ୍ତି, ଯେଉଁମାନେ ଜଳବାୟୁ ପରିବର୍ତ୍ତନ ହେତୁ ବିସ୍ଥାପିତ ହେବେ, ବିଶେଷ ଭାବରେ ଅଧିକାଂଶ ବିକାଶଶୀଳ ଦେଶମାନଙ୍କରୁ । ପ୍ରକୃତ କଥା ହେଉଛି ବିଶ୍ୱ ସଭ୍ୟତାର ପତନ ହେବାର ଆଶଙ୍କା ନାହିଁ । ଦୁନିଆରେ ଯଥେଷ୍ଟ ଲୋକ ଅଛନ୍ତି ଧନୀ ଦେଶରେ ଜନସଂଖ୍ୟା ହ୍ରାସ ହୋଇଥିବାବେଳେ ବିକାଶଶୀଳ ଦେଶମାନଙ୍କରେ ଜନସଂଖ୍ୟା ବୃଦ୍ଧି ଅପେକ୍ଷାକୃତ ସ୍ଥିର ରହିଛି । କିନ୍ତୁ, ଭୟଙ୍କର ଜଳବାୟୁ ପରିବର୍ତ୍ତନର ପ୍ରଭାବ, ସ୍ଥାନାନ୍ତରଣ ସଙ୍କଟ ନେଇ ଏକ ବୃହତ୍ ଚିତ୍ର ଆଙ୍କିଛି । ଜଳବାୟୁ ପରିବର୍ତ୍ତନର ପ୍ରଭାବରେ ଯେଉଁଭଳି ଭାବରେ ପାଣିପାଗ ପରିବର୍ତ୍ତନ ହେବାରେ ଲାଗିଛି, ତାହା ହୁଏତ ମାନବ ସଭ୍ୟତା ପାଇଁ ବିପଦ ସୃଷ୍ଟି କରିବ । ଅତିକମ୍‌ରେ ବିଶ୍ୱର ୪୦ ପ୍ରତିଶତ ଲୋକ ଉପକୂଳବର୍ତ୍ତୀ ଅଞ୍ଚଳରେ ବାସ କରୁଥିବାବେଳେ ପ୍ରାୟ ଚାରି ବିଲିୟନ ଲୋକ, ପ୍ରତ୍ୟେକ ବର୍ଷ ଅତି କମ୍‌ରେ ମାସଟିଏ ପାଇଁ ଜଳର ଅଭାବର ସମ୍ମୁଖୀନ ହୁଅନ୍ତି । ଖାଲି ଜଳର ଅଭାବ ନୁହେଁ, ଅନ୍ୟାନ୍ୟ ପ୍ରକାରର ବିପର୍ଯ୍ୟୟ ମାନବ ସଭ୍ୟତାକୁ ଧ୍ୱଂସ ଆଡକୁ ନେଇ ଚାଲୁଛି । ଆମ ଦେଶ ମଧ୍ୟ ବହୁ ଭାବରେ ପ୍ରଭାବିତ ହେବାରେ ଲାଗିଛି ଯାହା ଆମେ ଅଙ୍ଗେ ଲିଭାଉଛୁ । ହିଟ୍–ୱେଭ ଯୋଗୁଁ ଶହ ଶହ ଲୋକ ମୃତ୍ୟୁ ମୁଖରେ ପଡୁଛନ୍ତି, ବନ୍ୟା ଓ ବାତ୍ୟାରେ ବହୁ ଧନଜୀବନ, ସମ୍ପତ୍ତି ନଷ୍ଟ ହେବାରେ ଲାଗିଛି ଏବଂ ଆବଶ୍ୟକତା ଠାରୁ ଅଧିକ ବର୍ଷା ବା କମ୍ ବର୍ଷା ଯୋଗୁଁ କୃଷି ଓ ଅନ୍ୟାନ୍ୟ ଚାଷବାସ ପ୍ରଭାବିତ ହେବାରେ ଲାଗିଛି । ଏମିତି ଏକ ପରିସ୍ଥିତିରେ ଟ୍ରମ୍ପଙ୍କ ଆଭିମୁଖ୍ୟ ବାସ୍ତବିକ ଚିନ୍ତାର ବିଷୟ । ଦୁନିଆର ସବୁଠାରୁ ଧନୀ ବ୍ୟକ୍ତି ମସ୍କ ଏବଂ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ନେତା ଟ୍ରମ୍ପ ଆଗକୁ କି ନିଷ୍ପତ୍ତି ନେବେ, ଗ୍ରହକୁ ବଞ୍ଚାଇବା ପାଇଁ ସହଯୋଗ କରିବେ ନା ନିଜ ଦେଶର ସାମୟିକ ସ୍ୱାର୍ଥ ପାଇଁ, ଗ୍ରହକୁ ବିପଦ ଆଡକୁ ନେଇଯିବେ, ତାହା ଖୁବ୍ ଶୀଘ୍ର ସ୍ପଷ୍ଟ ହେଇଯିବ ।

# ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାର ଇତିକଥା


ଶ୍ରୀନିବାସ ସାମଲ


ଦୂର ଅତୀତରେ ଉତ୍କଳ ନୌବାଣିଜ୍ୟର ପରମ୍ପରା ଭାରତ କାହିଁକି, ସାରା ବିଶ୍ୱ ଇତିହାସରେ ସୃଷ୍ଟି କରିଥିଲା ଏକ ଗୌରବମୟ ଅଧ୍ୟାୟ । ଉତ୍କଳୀୟମାନେ ସାଧାରଣ ଡଙ୍ଗା ଠୁଁ ଆରମ୍ଭ କରି ବାଣିଜ୍ୟିକ ଜାହାଜ ନିର୍ମାଣର ଜ୍ଞାନରେ ଅତି ନିପୁଣ ଥିଲେ । ତେଣୁ ନୌବାଣିଜ୍ୟ ପାଇଁ ଏ ଜାତିକୁ ଅଶାନ୍ତ ସାଗରର ବକ୍ଷ ତଥା ଦରିଆପାରି ଦେଶ କରୁଥିଲା ଆହ୍ୱାନ । ସମୁଦ୍ର ଥିଲା ସେମାନଙ୍କ ପାଇଁ ପବିତ୍ର ତୀର୍ଥ । ବିସ୍ତୃତ ନୀଳ ସମୁଦ୍ରର ବକ୍ଷ ଭେଦ କରି ସାତ ସମୁଦ୍ର ତେର ନଈ ପାର ହୋଇ ବୋଇତ ନେଇ ବିଦେଶକୁ ଯାଉଥିଲେ ଏବଂ ସେଠାରେ ସେମାନେ ବାଣିଜ୍ୟ କରି, ଦେଶକୁ ବୋହି ଆଣୁଥିଲେ ଧନ, ରତ୍ନ, ମଣି, ମୁକ୍ତା, ବିଭବ ଓ ଅମାପ ସମ୍ପଦ । ସମ୍ପ୍ରସାରିତ ଓ ପ୍ରଭାବିତ କରିଥିଲେ କଳିଙ୍ଗର ଉନ୍ନତ ଗୌରବମୟ ସଂସ୍କୃତି ଓ ସଭ୍ୟତାକୁ । ବାନ୍ଧିଥିଲେ କଳିଙ୍ଗ ସହିତ ରୋମ ସାମ୍ରାଜ୍ୟ, ଆଫ୍ରିକା ମହାଦେଶ, ଦକ୍ଷିଣ–ପୂର୍ବ ଏସିଆର ଜାଭା, ସୁମାତ୍ରା, ବାଲି, ମାଳୟ, ବର୍ଣ୍ଣିଓ, ଚୀନ୍, ଜାପାନ, ସିଂହଳ, ବ୍ରହ୍ମଦେଶ ଇତ୍ୟାଦି ସହିତ ସାମାଜିକ, ରାଜନୈତିକ, ବାଣିଜ୍ୟିକ ତଥା ସାଂସ୍କୃତିକ ସେତୁ । ବିଦେଶୀ ମାଟିରେ ଗଢ଼ି ତୋଳିଥିଲେ ଅନେକ ଉପନିବେଶ । ଏଥିପାଇଁ ଦାୟୀ ସମୁଦ୍ରପ୍ରେମୀ ଓଡ଼ିଆ ଜାତିର ନିର୍ଭୀକତା ଓ ଦୁଃସାହସିକତା, କଳିଙ୍ଗ ନାବିକ ଓ ସମୁଦ୍ରଜୀବୀମାନଙ୍କର ନୌ–ଚାଳନା ନିପୁଣତା ।

ଇତିହାସ କହେ ଯେ, ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀ (ମଗଧର ନନ୍ଦ ରାଜତ୍ୱ ଖ୍ରୀ:ପୂ: ୪୬୦ ପୂର୍ବ)ରୁ ମଧ୍ୟଯୁଗର ଶେଷ ପର୍ଯ୍ୟନ୍ତ, କଳିଙ୍ଗ ପୋତଗୁଡ଼ିକ କଳିଙ୍ଗ ମହୋଦଧିକୁ ଆଚ୍ଛନ୍ନ କରିଥିଲେ । ଇଣ୍ଡୋନେସିଆ ଠାରୁ ଆରମ୍ଭ କରି ଇଣ୍ଡୋ–ଚୀନ ପର୍ଯ୍ୟନ୍ତ ଭାରତୀୟମାନେ ନିଜର ବାଣିଜ୍ୟିକ, ସାଂସ୍କୃତିକ, ଧାର୍ମିକ, ଅର୍ଥନୈତିକ ସମ୍ପର୍କ ସମ୍ପ୍ରସାରିତ କରିଥିଲେ ତଥା ଅଚିନ୍ତ୍ୟ ସମୃଦ୍ଧି ହାସଲ କରିବା ସହ ବଙ୍ଗୋପସାଗର ଉପରେ ରାଜତ୍ୱ କରୁଥିଲେ । ସେତେବେଳେ ଏଇ ସାଧବଙ୍କର (ବାଣିଜ୍ୟକାରୀଙ୍କୁ ‘ସାର୍ଥ’ ଓ ଏହାର ମୁଖ୍ୟଙ୍କୁ ‘ସାର୍ଥବାହ’ କୁହାଯାଉଥିଲା ଏବଂ ଏହି ‘ସାର୍ଥବାହ’ ଶବ୍ଦରୁ ସାଧବ ଶବ୍ଦର ଉତ୍ପତ୍ତି ହୋଇଛି) ଆଧିପତ୍ୟ ଏତେ ଥିଲା ଯେ ବଙ୍ଗୋପସାଗରକୁ ‘କଳିଙ୍ଗ ସାଗର’ ବା ‘କଳିଙ୍ଗୋଦ୍ର’ କୁହାଯାଉଥିଲା । ଏଥିଯୋଗୁଁ ମହାକବି କାଳିଦାସ ତାଙ୍କ ‘ରଘୁବଂଶ’ କାବ୍ୟରେ କଳିଙ୍ଗାଧିପତିଙ୍କୁ ମହୋଦଧିପତି ଭାବେ ସମ୍ବୋଧନ କରିଛନ୍ତି ଓ କଳିଙ୍ଗ ସାଗର ମଧ୍ୟରେ ଥିବା ସମସ୍ତ ଦ୍ୱୀପ କଳିଙ୍ଗ ଦେଶ (ଆର୍ଯ୍ୟ ମଞ୍ଜୁଶ୍ରୀ ମୂଳକଳ୍ପ) ବୋଲି କୁହାଯାଉଥିଲା ।

ଖ୍ରୀଷ୍ଟାବ୍ଦ ପ୍ରଥମ ଥିଲା ଏକ ସ୍ମରଣୀୟ ଶତାବ୍ଦୀ । ଏହି ସମୟରେ କଳିଙ୍ଗ ତାହାର ଅନ୍ତର୍ଜାତୀୟ ଉପନିବେଶ ପ୍ରତିଷ୍ଠା କରିଥିଲା । କଳିଙ୍ଗର ସୌଦାଗରମାନେ ବୋଇତ ବାହି କେବଳ ବର୍ମା, ଜାଭା, ମାକ୍କାସ, ସିଂହଳରେ ବାଣିଜ୍ୟ କାରବାର କରୁ ନଥିଲେ, ପରନ୍ତୁ ସମଗ୍ର ଦକ୍ଷିଣ–ପୂର୍ବ ଦ୍ୱୀପପୁଞ୍ଜରେ ନିଜର ଆଧିପତ୍ୟ ବିସ୍ତାର କରିଥିଲେ । କେତେକ ବଣିକ ସେଠାରେ ନିଜର ଉପନିବେଶ ପ୍ରତିଷ୍ଠା କରି ସ୍ଥାୟୀ ବସତି ନିର୍ମାଣ କରିଥିଲେ । ଖ୍ରୀଷ୍ଟାବ୍ଦ ୭୫ରେ କେତେକ ବଣିକ ଯାଇ ଜାଭାରେ ବସତି ସତି ସ୍ଥାପନ କଲେ ଏବଂ ଆଜି ପର୍ଯ୍ୟନ୍ତ ସେଠାରେ ପ୍ରଚଳିତ ଏକ ଅଙ୍କ (Era) ସେହିଦିନଠାରୁ ଠାରୁ ସେଠାରେ ଶୁଭାରମ୍ଭ ହୋଇଥିଲା । ପୁରୁଷାନୁକ୍ରମେ କଳିଙ୍ଗର ସେହି ଉପନିବେଶରେ କ୍ଲିଙ୍ଗ ନାମକ ଏକ ସଂପ୍ରଦାୟ ବାସ କରନ୍ତି ଏବଂ ଏମାନେ ଜାଭାର ମୂଳବାସିନ୍ଦାଠାରୁ ଭିନ୍ନ ଭାବରେ ପରିଚିତ ହୋଇଥାଆନ୍ତି ।

କଳିଙ୍ଗର ଜଳପଥରେ ଆନ୍ତର୍ବାଣିଜ୍ୟ ତଥା ସାମୁଦ୍ରିକ ବର୍ହିବାଣିଜ୍ୟ ପ୍ରସଙ୍ଗ ପ୍ଲିନିଙ୍କ ନାଚୁରାଲ ହିଷ୍ଟ୍ରି, ପ୍ରଥମ ଶତାବ୍ଦୀର ଟଲେମିଙ୍କ ଭୂଗୋଳ, ପେରିପ୍ଲସ ଅଫ୍ ଦି ଆରିଥ୍ରିଆନ ସି, ବୌଦ୍ଧଗ୍ରନ୍ଥ, ଦାଠା ଧାତୁବଂଶ, ଲଳିତ ବିସ୍ତର, ଜାତକ, ସେଉକୀ, ଚୀନ ପରିବ୍ରାଜକ ଫାହିୟାନ୍ (ଖ୍ରୀ:୩୯୯–୪୧୫), ହୁଏନ୍‌ସା (ସପ୍ତମ), ମେଘାସ୍ଥିନିସ୍, ଇ.ସିଙ୍ଗ୍ (୬୭୩ ଖ୍ରୀ:– ୬୯୬)ଙ୍କ ବିବରଣୀ, କୌଟିଲ୍ୟଙ୍କ ଅର୍ଥଶାସ୍ତ୍ର, ବହୁ ଲୋକକଥା, ଲୋକଗୀତ, ଲୋକକଳା, ପଟ୍ଟଚିତ୍ର ତଥା ଉତ୍କଳୀୟ ରଚନାଗୁଡ଼ିକରୁ ଜାଣିହୁଏ । ‘ଅର୍ଥଶାସ୍ତ୍ର’ ଅନୁସାରେ ସାଧବମାନେ ସୂକ୍ଷ୍ମ ବସ୍ତ୍ର, କୋଶା ବସ୍ତ୍ର ଓ କପାବସ୍ତ୍ର, ହାତୀ ଓ ହାତୀଦାନ୍ତ ସାମଗ୍ରୀ, ହୀରାକୁଦରୁ ପ୍ରାପ୍ତ ଧାତୁକୁ ନେଇ ବିଭିନ୍ନ ଧାତୁକର୍ମ ତାରକସି କାମ, ମାଟିପାତ୍ର, ଲୁଣ, ଚାଉଳ ଆଦି ରପ୍ତାନୀ କରୁଥିଲେ ।

ଏବେ ସେ ପୂର୍ବ ଗୌରବ ଲୁପ୍ତ ପ୍ରାୟ । ଓଡ଼ିଆ ପୁଅର ବୀରତ୍ୱ ସହିତ ଲୁଚିଯାଇଛି ଓଡ଼ିଆ ମାଟିର ଗୌରବ । କର୍ପୂର ଉଡ଼ିଯାଇଛି ସିନା ହେଲେ କନା ପଡ଼ି ରହିଛି, ସେଇ ଅତୀତର ସେଇ ବିଶ୍ୱ ବନ୍ଦନୀୟ ପରମ୍ପରାରେ । ପଣ୍ୟବାହୀ ବୋଇତ ବନ୍ଦାଇ ସାଧବ ପୁଅର ଶୁଭଯାତ୍ରା ମନାସୁ ଥିବା ସାଧବାଣୀର ସେହି ସ୍ମାରକୀ ଦିବସଟିକୁ ଆବାଳ–ବୃଦ୍ଧ–ବନିତା ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣମା ଦିନ ପାଳନ କରିଥାନ୍ତି ମହାଆନନ୍ଦରେ । ଉପରେ ସୀମାହୀନ ଉଦାସିଆ ଆକାଶ, ଆଗରେ ମହାସମୁଦ୍ର ଏହାକୁ ଭୟ ନକରି କର୍ତ୍ତବ୍ୟ ପଥରେ ଅଗ୍ରସର ହେବାକୁ ସାଧବମାନଙ୍କୁ ସେମାନଙ୍କ ବାଣିଜ୍ୟିକ ଆଗ୍ରହ, ପ୍ରେରଣା ଯୋଗାଉଥିଲା । କାର୍ତ୍ତିକ ପୂର୍ଣ୍ଣମା ସମୟରେ ଦକ୍ଷିଣ–ପଶ୍ଚିମ ମୌସୁମୀ ଯୋଗୁଁ ଉତ୍ତରା ପବନ ସାହାଯ୍ୟରେ ସାଧବମାନେ ବୋଇତଗୁଡ଼ିକରେ ପଣ୍ୟ ସମ୍ଭାର ଘେନି ବାଣିଜ୍ୟ ନିମନ୍ତେ ପୂର୍ବ ଦ୍ୱୀପପୁଞ୍ଜଗୁଡ଼ିକୁ ପ୍ରସ୍ଥାନ କରୁଥିଲେ । ଶ୍ରୀଲଙ୍କା ଓ ଅନ୍ୟାନ୍ୟ ଦକ୍ଷିଣରେ ଥିବା ସ୍ଥାନମାନଙ୍କରୁ ଉତ୍ତରଗାମୀ ପବନ ସମୟରେ ପୋତ ନେଇ ଘରକୁ ମଧ୍ୟ ଫେରୁଥିଲେ । କାର୍ତ୍ତିକଠାରୁ ପୌଷ ପର୍ଯ୍ୟନ୍ତ ସେଠାରେ ବାଣିଜ୍ୟ ବିନିମୟ ଚାଲୁଥିଲା । ମାଘ ଫଗୁଣ ମାସରେ ଉତ୍ତର–ପୂର୍ବ ମୌସୁମୀ ଯୋଗୁଁ ଦକ୍ଷିଣା ପବନ ଆରମ୍ଭ ହେବା ସଙ୍ଗେ ସାଧବମାନେ ଗୃହାଭିମୁଖରେ ପ୍ରତ୍ୟାବର୍ତ୍ତନ କରୁଥିଲେ । ବୈଶାଖ ମାସରେ ଖରାଦିନିଆ ସାମୁଦ୍ରିକ ଝଡ଼ ଦେଖାଦେବା ପୂର୍ବରୁ ଏମାନେ ଦୀର୍ଘ ଛ’ମାସ ଧରି ବିଭିନ୍ନ ଅଞ୍ଚଳରେ ବ୍ୟବସାୟ ବାଣିଜ୍ୟ କରି ନିଜ ମାଟିକୁ ପ୍ରତ୍ୟାବର୍ତ୍ତନ କରନ୍ତି । ଯେଉଁମାନେ ସୁଦୂର ସ୍ଥଳକୁ ଯାଇଥାନ୍ତି, ସେମାନେ ଦକ୍ଷିଣ–ପଶ୍ଚିମ ମୌସୁମୀ ବାୟୁର ଅନ୍ତିମ ପର୍ଯ୍ୟାୟ ଅର୍ଥାତ୍ ଆଶ୍ୱିନ ମାସ ବେଳକୁ ଫେରିଥାନ୍ତି । କାର୍ତ୍ତିକମାସ ସାରା ଯେଉଁ ଆକାଶଦୀପ ଜଳୁଥାଏ, ତାକୁ ବତୀଘର ସହ ତୁଳନା କରାଯାଇଛି । ବତୀଘର ପରି ଏକ ଲମ୍ବା ବାଉଁଶ ଅଗରେ ଦୀପ ଜଳାଯାଇଥାଏ ।

ଯେତେବେଳେ ନୌବାଣିଜ୍ୟ କାରବାରରେ ଉତ୍କଳ ଚରମ ପ୍ରଗତିରେ ପହଞ୍ଚିଲା, ସେତେବେଳେ ଦେଶର ସାମୁଦ୍ରିକ ଉପକୂଳ ତଥା ନଦୀ କୂଳେ କୂଳେ ରାଜ୍ୟ ମଧ୍ୟରେ ଅନେକଗୁଡ଼ିଏ ବାଣିଜ୍ୟ କେନ୍ଦ୍ର ଗଢ଼ି ଉଠିଲା । ବୌଦ୍ଧଗ୍ରନ୍ଥ ସେଉକିରୁ ଜଣାଯାଏ ଯେ ସେତେବେଳେ ପ୍ରାଚୀନ ଉତ୍କଳ ନଦୀ ଓ ସମୁଦ୍ର କୂଳରେ ଅନେକଗୁଡ଼ିଏ ପୋତାଶ୍ରୟ ଥିଲା । ସେ ସ୍ରୋତରୁ ମିଳିଥିବା ବିଭିନ୍ନ ବିବରଣୀ ଅନୁସାରେ ପ୍ରାଚୀନ କାଳରେ ଭାରତର ୯ଟି ସର୍ବବୃହତ୍ ବନ୍ଦର ମଧ୍ୟରୁ କେବଳ ଓଡ଼ିଶାରେ ୫ଟି ଥିଲା । ଏହି ୫ଟି ବନ୍ଦର ହେଲେ – ତାମ୍ରଲିପ୍ତି (ତାମଲୁକ), କୋଶମ୍ଭ (ବାଲେଶ୍ୱର), କୋନଗର (କୋଣାର୍କ), ପାଲୁର (ଚିଲିକା), ପିଥୁଣ୍ଡ (କଳିଙ୍ଗ ଲିଙ୍ଗପଟନମ୍) । ଏହା ବ୍ୟତୀତ ଅନ୍ୟ ପ୍ରମୁଖ ବନ୍ଦର ହେଲା–ଦୋସରନ୍ (ବୈତରଣୀ ମୁହାଣ), ଆଦାମସ୍ (ସୁବର୍ଣ୍ଣରେଖା ମୁହା ମୁହାଣ), ପକୁରା (ଗଞ୍ଜାମ), ନନ୍ନିଗେନ (ପୁରୀ), ଚେଳିତୋଳ (ଚିର୍ତ୍ତୋଲ), କଣ୍ଟକ ସିଲାଇ (ଘଣ୍ଟଶୀଳା), ପିପିଲି (ବାଲେଶ୍ୱର), ଛାନୁଆ (ଚାନ୍ଦବାଲି), କର୍କର୍ଦମ (କଟକ), ମନନ୍ଦ (ମହାନଦୀ), ସମ୍ବଳକ (ସମ୍ବଲପୁର), ଦୋସରା (ବଲାଙ୍ଗୀର), ସୁକ୍ତିମତୀପୁର (ବଲାଙ୍ଗୀରର ସକମା), ଲଛନପୁର, ସାରଥ, ଧାମରା, ଚିଲିକା, ମାଣିକପାଟଣା, କଳିଙ୍ଗନଗର–ବଂଶଧରା, ଚରିତ୍ର ବା ଚେଲିତାଲୋ ବା ଚିତ୍ରୋତ୍ପଳା ଓ ଦନ୍ତପୁରମ୍ ଇତ୍ୟାଦି ଆହୁରି ଅନେକ ।

ମାତ୍ର ଏକାଦଶ ଶତାବ୍ଦୀରେ ଦକ୍ଷିଣ ଭାରତର ଚୋଳ ବଂଶ ରାଜୁତି କରୁଥିବା ସମୟରେ କଳିଙ୍ଗର ନୌ–ଶକ୍ତିର ପତନ ଆରମ୍ଭ ହେଲା । ହିନ୍ଦୁ ମହାସାଗରରେ ଆରବ ନାବିକମାନଙ୍କର ପ୍ରତିପତ୍ତି ବଢ଼ିବାକୁ ଲାଗିଲା । ଓଡ଼ିଶାରେ ସେତେବେଳେ ଗଙ୍ଗ ଓ ସୂର୍ଯ୍ୟବଂଶୀ ରାଜାମାନେ ପରସ୍ପର ମଧ୍ୟରେ ଯୁଦ୍ଧରତ ଥିଲେ । କଳିଙ୍ଗର ଗୌରବମୟ ନୌ–ବାଣିଜ୍ୟ ପରମ୍ପରା ରକ୍ଷା ଦିଗରେ କେହି ଧ୍ୟାନ ଦେଲେ ନାହିଁ । ପର୍ତ୍ତୁଗୀଜ୍ ଜଳଦସ୍ୟୁମାନେ ସମୁଦ୍ର ମଧ୍ୟରେ ଜାହାଜରୁ ଲୁଟତରାଜ କରିବାକୁ ଲାଗିଲେ ।

ଓଡ଼ିଆ ସାଧବମାନେ ସର୍ବସ୍ୱାନ୍ତ ହୋଇ ପଡ଼ିଲେ । ନୌ–ବାଣିଜ୍ୟରେ ବିଦେଶୀମାନଙ୍କର ପ୍ରଭାବ ବଢ଼ିବାକୁ ଲାଗିଲା । ଓଡ଼ିଶାର ବଣିକମାନେ ସେମାନଙ୍କ ମୁକାବିଲା କରିପାରିଲେ ନାହିଁ । ସମ୍ପ୍ରତି ଓଡ଼ିଶାର ଗୌରବମୟ ନୌ–ବାଣିଜ୍ୟ ଅତୀତ ଗର୍ଭରେ ଲୁଚିଯାଇଛି । ବୋଇତରେ ସାଗର ସେପାରି ରାଇଜକୁ ଯାତ୍ରା ଆଜି ପରୀରାଇଜର କାହାଣୀ ହୋଇଯାଇଛି । ତାମଲୁକରୁ ଚିଲିକା, ଚନ୍ଦ୍ରଭାଗାରୁ ଚାନ୍ଦବାଲି, ଧାମରାରୁ ବାଲେଶ୍ୱର ସାଗର ମୁଣ୍ଡ ବାଡେଇ ଝୁରୁଛି । କଳିଙ୍ଗସାଗର ଲୀନ ହୋଇଯାଇଛି ବଙ୍ଗସାଗରରେ । କିନ୍ତୁ ତା’ର ସ୍ମୃତି ଓଡ଼ିଆ ଜାତି ପ୍ରାଣରେ ଏବେବି ଉଜ୍ଜୀବିତ ହୋଇରହି ରହିଛି । ବାଲିଯାତ୍ରା, ଦୀପାବଳି ଅମାବାସ୍ୟା, ବୋଇତ ବନ୍ଦାଣ, ଭୋଦେଇ ଓଷା, ଖୁଲଣା ସୁନ୍ଦରୀ ବା ନିଶା ମଙ୍ଗଳବାର, କୁହୁକ ମଣ୍ଡଳ, ଚଢ଼େଇ କଥା, କୁହୁକ କରାଟ, ଚୈତପର୍ବ, ଖୁଦୁରୁକୁଣୀ ଓଷା ପାଳନ ପଛରେ ଓଡ଼ିଆ ପୁଅର ପ୍ରାଚୀନ ନୌ–ଯାତ୍ରାର ଗୌରବମୟ ପରମ୍ପରା ଲୁଚି ରହିଛି । ଏ ସମ୍ପର୍କରେ କୌଣସି ଓଡ଼ିଆଙ୍କୁ ପଚାରିଲେ, ଉତ୍ତରରେ ସାଧାରଣ ଲୋକ ଧାର୍ମିକ ଭାବନା ଓ ଶିକ୍ଷିତଟିଏ ଅତୀତର ସ୍ମୃତି ରୋମନ୍ଥନ ବିଷୟରେ କହିପାରେ ।


ମାଣିତ୍ରି, କଟକ
ମୋ–୭୮୫୩୦୨୩୧୮୫


# ମାନବାଧିକାର ସୁରକ୍ଷାରେ ମନୋବିଜ୍ଞାନ


ଡ. ସୀତାକାନ୍ତ ତ୍ରିପାଠୀ


ସାଧାରଣ ଭାବେ ମାନବାଧିକାର ପ୍ରସଙ୍ଗ ଆଲୋଚନା ସମୟରେ ଆମେ ରାଷ୍ଟ୍ରର ଆଇନ୍‌କାନୁନ୍, ନୀତିନିୟମ, ପ୍ରଶାସନିକ ତଥା ନେତୃବୃନ୍ଦମାନଙ୍କର କାର୍ଯ୍ୟଦକ୍ଷତା ଉପରେ ପ୍ରାଧାନ୍ୟ ଦେଇଥାଉ । ଏସବୁ ମଧ୍ୟରେ କିନ୍ତୁ ଲୋକମାନଙ୍କ ସମ୍ବେଦନଶୀଳତା, ସ୍ପର୍ଶକାତରତା ତଥା ଦାୟିତ୍ୱବୋଧ ପ୍ରସଙ୍ଗଗୁଡିକ ଗୌଣ ହୋଇଯାଇଥାଏ । ସୂକ୍ଷ୍ମ ଦୃଷ୍ଟିରୁ ଦେଖିବାକୁ ଗଲେ ମାନବାଧିକାର ଏବଂ ମନୋବିଜ୍ଞାନ ପ୍ରସଙ୍ଗକୁ ଭିତ୍ତିକରି ଆମ ସମାଜରେ ତିନୋଟି ଶ୍ରେଣୀର ଲୋକ ବାସ କରିଥାନ୍ତି । ପ୍ରଥମ ଶ୍ରେଣୀର ଲୋକମାନେ ଉଭୟ ନିଜର ତଥା ଅନ୍ୟମାନଙ୍କ ଅଧିକାର ପ୍ରତି ସଚେତନ ଥାଇ ସେମାନଙ୍କର ଦୈନନ୍ଦିନ କାର୍ଯ୍ୟ ନିଭାଇ ଥାଆନ୍ତି । ଦ୍ୱିତୀୟ ଶ୍ରେଣୀର ଲୋକମାନେ କେବଳ ନିଜ ଅଧିକାରକୁ ପ୍ରଧାନ୍ୟ ଦେଇ ଅନ୍ୟମାନଙ୍କ ଅଧିକାରଗୁଡିକୁ କ୍ଷୁଣ୍ଣ କରିବା, ନିଜର ଜନ୍ମଗତ ଅଧିକାର ବୋଲି ଭାବିଥାଆନ୍ତି । ତୃତୀୟ ଶ୍ରେଣୀର ଲୋକମାନେ ନା ନିଜ ଅଧିକାର ବିଷୟରେ ସଚେତନ ଥାଆନ୍ତି ନା’ ଅନ୍ୟମାନଙ୍କର ଅଧିକାର କଥା ବୁଝନ୍ତି, ଯାହାଫଳରେ ସେମାନେ ଅତ୍ୟାଚାରିତ ହେଉଥିଲେ ମଧ୍ୟ ତା’ର ପ୍ରତିବାଦ କରିପାରନ୍ତି ନାହିଁ କିମ୍ବା ଅନ୍ୟମାନଙ୍କର ଅଧିକାରଗୁଡିକ କ୍ଷୁଣ୍ଣ ହେଉଥିଲେ ମଧ୍ୟ ସେମାନେ ବୁଝି ପାରି ନଥାନ୍ତି କିମ୍ବା ଆଖି ବୁଜି ଦେଇଥାଆନ୍ତି ।

ଏହି ବୁଝାମଣା ତଥା ଅଧିକାର ଜାହିର ପ୍ରସଙ୍ଗଗୁଡିକ ଲୋକମାନଙ୍କ ମାନସିକତା ଉପରେ ନିର୍ଭର କରିଥାଏ । କାରଣ ଅଧିକାରଗୁଡିକୁ କାହାକୁ ଯାଚି ଦିଆଯାଇ ନଥାଏ ବରଂ ଏଗୁଡିକୁ ଅହରହ ସାବ୍ୟସ୍ତ କରିବାକୁ ପଡିଥାଏ । ଭାରତ ଭଳି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏକ ସାମ୍ବିଧାନିକ ବିଧିବ୍ୟବସ୍ଥା କାର୍ଯ୍ୟ କରୁଥିଲେ ମଧ୍ୟ ଅନେକ ସମୟରେ ଆଇନ୍ ଆଖିରେ ଆଙ୍ଗୁଳି ଖେଞ୍ଚି ଅନ୍ୟମାନଙ୍କର ଅଧିକାରକୁ ଛଡ଼ାଇ ନିଆଯାଇଥାଏ । ବିଭିନ୍ନ ସରକାରୀ ଅଧିକାରୀମାନେ ମଧ୍ୟ ନିଜ ନିଜର ଦାୟିତ୍ୱ ଏବଂ କର୍ତ୍ତବ୍ୟଗୁଡିକୁ ସୁଚାରୁରୂପେ ସମ୍ପାଦନ କରିବାରେ ଅବହେଳା ପ୍ରଦର୍ଶନ କରିବା ଯୋଗୁଁ ଆମ ସମାଜରେ ମାନବାଧିକାର କ୍ଷୁଣ୍ଣ ପ୍ରସଙ୍ଗଗୁଡ଼ିକ ବଢ଼ିବାରେ ଲାଗୁଛି । ଆମ ଦେଶର ଅଦାଲତ ବ୍ୟବସ୍ଥା ବିଳମ୍ବିତ ଏବଂ ଖର୍ଚ୍ଚସାପେକ୍ଷ ବୋଲି ଅନେକ ଅଭିଯୋଗ କରିଥାଆନ୍ତି । ତା’ଛଡା ସମସ୍ତ ବର୍ଗର ଲୋକ ନ୍ୟାୟିକ ଲଢ଼େଇ ପାଇଁ ପ୍ରସ୍ତୁତ ନଥାନ୍ତି ।

କାହା ପାଖରେ ଧନ ନ ଥାଏ ତ ଆଉ କାହା ପାଖରେ ମନ ନଥାଏ । ଏହି ସମୟରେ ନାର୍ଯ୍ୟ ଅଧିକାରଗୁଡ଼ିକୁ ସାବ୍ୟସ୍ତ କରିବା ସହିତ ଗରିବ, ନିରକ୍ଷର ତଥା ନିଷ୍ପେସିତ ବର୍ଗଙ୍କର ଅଧିକାରଗୁଡ଼ିକୁ ଯଥାର୍ଥ ନ୍ୟାୟ ପ୍ରଦାନ କରିବା ଲକ୍ଷ୍ୟରେ ଜାତୀୟ ତଥା ରାଜ୍ୟସ୍ତରରେ ମାନବାଧିକାର ଆୟୋଗମାନ ଗଠନ କରାଯାଇଛି । ଏଠାରେ ସାଧାରଣ ଲୋକଟିଏ ମଧ୍ୟ ନିଜର ତଥା ସମାଜର ଅଭାବ, ଅସୁବିଧା ତଥା ଦୁଃଖକୁ ବଖାଣିବାର ସୁବିଧା ସୁଯୋଗ ରହିଛି । ବିଭିନ୍ନ ସମୟରେ ମାନବାଧିକାର କର୍ମୀ, ସଚେତନ ନାଗରିକ ତଥା ସଭ୍ୟ ସମାଜମାନେ ଲୋକମାନଙ୍କର ସମସ୍ୟାଗୁଡିକୁ ଭିତ୍ତିକରି ମାନ୍ୟବର ଆୟୋଗକମାନଙ୍କ ପାଖରେ ପିଟିସନ୍‌ଗୁଡିକ ଦାୟର କରୁଥିବାବେଳେ ଅନେକ ସମୟରେ ବିଭିନ୍ନ ସ୍ପର୍ଶକାତର ପ୍ରସଙ୍ଗ ଉପରେ ଆୟୋଗମାନେ ନିଜଆଡୁ ମଧ୍ୟ ମାମଲା ରୁଜୁ କରିଥାଆନ୍ତି, ଯାହା ଅଧିକାର ସୁରକ୍ଷା ପ୍ରସଙ୍ଗକୁ ଅଧିକ ସମ୍ପ୍ରସାରିତ ତଥା ସାମାଜିକ ପ୍ରତିବଦ୍ଧତାକୁ ସଠିକ୍ ଭାବେ ସ୍ୱୀକାର କରି ତାକୁ କାମରେ କାର୍ଯ୍ୟରେ ଲଗାଇବା ପାଇଁ ମାନସିକତା ସୃଷ୍ଟି କରିଥାଏ ।

ଏତଦ୍‌ବ୍ୟତୀତ ବିଭିନ୍ନ ଗଣମାଧ୍ୟମଗୁଡିକ ମଧ୍ୟ ବିଭିନ୍ନ ଜନସମସ୍ୟାଗୁଡିକୁ ବିଭିନ୍ନ ସମୟରେ ଗୁରୁତ୍ୱ ପ୍ରଦାନ କରିବା ସହିତ ଜନସଚେତନତା ତଥା ଜନ ଆନ୍ଦୋଳନକୁ ପ୍ରାଧାନ୍ୟ ଦେବାପାଇଁ ପ୍ରୟାସ କରିଥାଆନ୍ତି, ଯାହାଫଳରେ ଏଗୁଡିକ ଉପଯୁକ୍ତ କର୍ତ୍ତୃପକ୍ଷମାନଙ୍କର ଦୃଷ୍ଟି ଆକର୍ଷଣ କରିବା ସହିତ ଅନେକାଂଶରେ ସମସ୍ୟାଗୁଡିକର ସମାଧାନ କରିବାରେ ସହଯୋଗର ହାତ ବଢ଼ାଇ ଥାଆନ୍ତି ।

ତେବେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଏହି ଅଧିକାରର ମହତ୍ତ୍ୱକୁ ବୁଝିବା ପାଇଁ ସମ୍ବେଦନଶୀଳ ମାନସିକତା ଦରକାର । ଯେଉଁଠି ‘ଆପେ ବଞ୍ଚିଲେ ବାପର ନାଁ’ କୁ ପ୍ରାଧାନ୍ୟ ଦେଇ ଲୋକମାନେ ଦିନ କାଟିଥାଆନ୍ତି, ସେଠାରେ କେବଳ ନିଜ ଅଧିକାରକୁ ଜାବୋଡି ଧରିବା ପାଇଁ ପ୍ରୟାସ ହୁଏ ସିନା ଅନ୍ୟମାନଙ୍କର ବା ସମାଜର ଅଧିକାର ପ୍ରତି ମଣିଷ ପ୍ରାୟ ଆଖି ବୁଜି ଦେଇଥାଏ । ତା’ଛଡ଼ା ସମାଜରେ ଯେଉଁମାନେ ପ୍ରତିଷ୍ଠିତ, ସେମାନଙ୍କ ଅଧିକାର ସହିତ ଅନ୍ୟମାନଙ୍କ ଅଧିକାର ହାତ ମୁଠାରେ ରଖିଥାଆନ୍ତି । ତେଣୁ ପିଲାଟି ଦିନରୁ ଶିଶୁମାନଙ୍କ ମନସ୍ତତ୍ତ୍ୱରେ କେମିତି ଦରଦୀ ମନୋବୃତ୍ତି ଜାତହେବା ସହିତ ନିଜେ ବଞ୍ଚିବା ଏବଂ ଅନ୍ୟମାନଙ୍କୁ ବଞ୍ଚିବାକୁ ଦେବାର ଦର୍ଶନକୁ ବୁଝାଇ ପାରିବା ତାହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ମନୋବିଜ୍ଞାନୀମାନେ ମାନବାଧିକାର ପ୍ରସଙ୍ଗଗୁଡିକୁ କେମିତି ଉକ୍ତ ବିଷୟ ମଧ୍ୟରେ ସାମିଲ କରିପାରିବେ, ତା’ ବିଷୟରେ ମଧ୍ୟ ମାନସମନ୍ଥନ ହେବା ଦରକାର । ତା’ଛଡା ମାନବାଧିକାର ଏବଂ ମନୋବିଜ୍ଞାନ ମଧ୍ୟରେ ଥିବା ତତ୍ତ୍ୱଗତ ସମ୍ପର୍କକୁ କେମିତି ଦୈନନ୍ଦିନ ଜୀବନରେ ପାଳନ କରାଯାଇ ପାରିବା ସହିତ ଆନ୍ତଃର୍ବିଭାଗୀୟ ବିଷୟ ଭାବେ ସାମିଲ କରାଯାଇ ପାରିବ, ସେଥିପାଇଁ ଉଭୟ ବିଷୟର ବିଷାରଦମାନେ କାର୍ଯ୍ୟ କରିବାର ସମୟ ଉପଗତ ।


ଭଦ୍ରକ,ମୋ–୯୭୭୮୭୬୪୩୯୪


# ଶ୍ରୀମନ୍ଦିରରେ ଓଢ଼ଣ ଷଷ୍ଠୀ ଉତ୍ସବ ଓ ଘୋଡଲାଗି ବେଶ

କଳିଯୁଗରେ ଅନନ୍ତ ନାରାୟଣ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରୂପରେ, ପୁରୀ ଶ୍ରୀକ୍ଷେତ୍ରରେ ଶ୍ରୀମନ୍ଦିରରେ ମାନବୀୟ ଲୀଳା କରୁଛନ୍ତି । ମନୁଷ୍ୟ ପରି ପ୍ରତ୍ୟହ ଦନ୍ତ ମାର୍ଜନ, ସ୍ନାନ, ଭୋଜନ, ବସ୍ତ୍ର ପରିଧାନ, ଶୟନ କରିଥାନ୍ତି । ବାର ମାସରେ ତେର ପର୍ବପର୍ବାଣି ପାଳନ କରିଥାନ୍ତି । ସେଗୁଡିକ ମଧ୍ୟରୁ ଅନ୍ୟତମ ହେଉଛି ଶୀତ ଋତୁରେ ଶ୍ରୀମନ୍ଦିରରେ ଅନୁଷ୍ଠିତ ହୋଇ ଆସୁଥିବା ‘ଓଢ଼ଣଷଷ୍ଠୀ’ ଉତ୍ସବ । ଏହି ଉତ୍ସବ ମାର୍ଗଶିର ମାସ ଶୁକ୍ଳ ଷଷ୍ଠୀରେ ପାଳନ ହୋଇଥାଏ । ଏହି ଦିନ ଠାରୁ ଠାକୁରଙ୍କ ଘୋଡଲାଗି ଆରମ୍ଭ ହୋଇ ମାଘ ମାସ ଶୁକ୍ଳ ପଞ୍ଚମୀ ( ବସନ୍ତ ପଞ୍ଚମୀ) ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥାଏ । ଏହି ପର୍ବ ଶ୍ରୀମନ୍ଦିରରେ ଅନୁଷ୍ଠିତ ହେଉଥିବା ଦ୍ୱାଦଶ ଯାତ୍ରା ମଧ୍ୟରେ ସ୍ଥାନ ପାଇଛି । ଶୀତଋତୁରେ ସାଧାରଣ ଲୋକ ଯେପରି ଶୀତ ବସ୍ତ୍ର ପରିଧାନ କରିଥାନ୍ତି ସେପରି ଭାବେ ଶ୍ରୀଜିଉମାନେ ଏହି ସମୟ ଅବଧି ମଧ୍ୟରେ ଶୀତ ବସ୍ତ୍ର ପରିଧାନ କରିଥାନ୍ତି । ଏହାକୁ ‘ଘୋଡ଼ଲାଗି ବେଶ’ କୁହାଯାଇଥାଏ । ଶୁକ୍ଳ ପଞ୍ଚମୀ ରାତିରେ ଶ୍ରୀଜିଉମାନଙ୍କ ଚନ୍ଦନ ଲାଗି ନୀତି ପରେ ପତନି, ଘୋଡ଼, ପାଗ, ଖଣ୍ଡୁଆ ଘୋଡ଼ ପ୍ରଭୃତି ଭୋଗ ମଣ୍ଡପ ଘରେ ଅଧିବାସ ହୋଇ ରହିଥାଏ । ଏଥିପାଇଁ ଭୋଗ ମଣ୍ଡପ ଧୋ’ ପଖାଳ ହୋଇ ଚାନ୍ଦୁଆ ବନ୍ଧା ଯାଇଥାଏ । ତିନୋଟି ମଣ୍ଡଳ ଉପରେ ଚାଙ୍ଗୁଡ଼ାରେ ଘୋଡ଼ମାନଙ୍କୁ ରଖାଯାଇ ଅଧିବାସ କର୍ମ କରାଯାଏ । ଷଷ୍ଠୀ ଦିନ ସକାଳେ ଧୂପ ପରେ ମଇଲମ କରାଯାଏ । ଅଧିବାସ ହୋଇଥିବା ଘୋଡ଼ମାନଙ୍କୁ ପଣ୍ଡା, ପତି, ମୁଦିରସ୍ତ ଓ ତିନି ଜଣ ପୁଷ୍ପାଳକ ସେବକ ଗରାବଡୁଙ୍କ ଠାରୁ ହାତୁଆଣି ନେଇ ଘଣ୍ଟ, ଛତା, କାହାଳୀ ସହ ତଳି ପଟୁଆର ହୋଇ ବଡ଼ ଦେଉଳକୁ ତିନି ଘେରା ବୁଲି ରତ୍ନ ସିଂହାସନ ନିକଟକୁ ବିଜେ କରାନ୍ତି । ତତ୍ପରେ ଶ୍ରୀଜିଉମାନଙ୍କୁ ଶୀତବସ୍ତ୍ର ପିନ୍ଧାଇ ଘୋଡ଼ଲାଗି ନୀତି ସମ୍ପାଦନ କରାଯାଏ । ଘୋଡ଼ଲାଗି ବେଶରେ ଗଡ଼ା (ସୂତା ବସ୍ତ୍ର), ଖଣ୍ଡୁଆ ପାଟ, ଫୁଟା, ମଫଲର, ଟୋପି ପ୍ରଭୃତି ଶ୍ରୀଜିଉମାନଙ୍କୁ ପିନ୍ଧା ଯାଇଥାଏ । ଏହି ବେଶରେ ଶ୍ରୀଜିଉମାନଙ୍କୁ ମକର ଚୂଳ (ସ୍ୱତନ୍ତ୍ର ଭାବେ ନର୍ମିତ ଟୋପି) ପିନ୍ଧା ଯାଇଥାଏ । ପରମ୍ପରା ଅନୁଯାୟୀ ଶ୍ରୀଜିଉମାନଙ୍କୁ ପ୍ରତ୍ୟେକ ବାରରେ ଭିନ୍ନ ଭିନ୍ନ ରଙ୍ଗର ଘୋଡ଼ବସ୍ତ୍ର ଲାଗି କରାଯାଇଥାଏ ।

ରବିବାର ଦିନ ଲାଲ ରଙ୍ଗର , ସୋମବାର ଦିନ କଳା ଛିଟ ମିଶା ଶୁକ୍ଳ, ମଙ୍ଗଳବାର ଦିନ ବାରପଟିଆ (୫ ରଙ୍ଗ ମିଶା), ବୁଧବାର ଦିନ ନୀଳ ରଙ୍ଗର, ଗୁରୁବାର ଦିନ ବସନ୍ତ ( ହଳଦିଆ)ରଙ୍ଗର, ଶୁକ୍ରବାର ଦିନ ଶୁକ୍ଳ ରଙ୍ଗର ଓ ଶନିବାର ଦିନ କଳା ରଙ୍ଗର ଘୋଡ଼ ଲାଗି ହୋଇଥାଏ । ପୂଜାପଣ୍ଡାମାନେ ଏହି ଦିନମାନଙ୍କରେ ମଧ୍ୟାହ୍ନ ଧୂପ ଛଡ଼ା ଅନ୍ୟ ଧୂପମାନଙ୍କରେ ରତ୍ନ ସିଂହାସନ ଉପରେ ନ ବସି ତଳେ ବସି ପୂଜା କରିଥାନ୍ତି । ଦ୍ୱି ପ୍ରହର ଧୂପ ସମୟରେ ଶୀତ କମ୍ ରହୁଥିବାରୁ ଶ୍ରୀଜିଉମାନେ ଘୋଡ଼ବସ୍ତ୍ର ପିନ୍ଧନ୍ତି ନାହିଁ । ଘୋଡ଼ଲାଗି ବେଶରେ ଶ୍ରୀଜିଉମାନଙ୍କୁ ସ୍ୱର୍ଣ୍ଣ ଅଳଙ୍କାରରେ ଭୂଷିତ କରାଯାଇ ଥାଏ । ଶ୍ରୀବଳଭଦ୍ର, ଶ୍ରୀଜଗନ୍ନାଥ ଓ ମା’ ସୁଭଦ୍ରାଙ୍କ ନିମନ୍ତେ ୧୪ ହାତ ଲମ୍ବ ଓ ୩ ହାତ ଓସାରର ୪ ଖଣ୍ଡ ପାଟ ବସ୍ତ୍ର ଆବଶ୍ୟକ ପଡ଼ିଥାଏ ।

ଶୀତର ପ୍ରକୋପ ହ୍ରାସ ପାଇଲେ ସାଧାରଣ ଲୋକମାନେ ଯେପରି କମ୍ବଳ ଓ ସ୍ୱେଟର ବ୍ୟବହାର ନ କରି ପତଳା ଚାଦର ବ୍ୟବହାର କରିଥାନ୍ତି ଠିକ୍ ସେହିପରି ଶ୍ରୀଜିଉମାନେ ବସନ୍ତ ପଞ୍ଚମୀ ଠାରୁ ଫଗୁ ଦଶମୀ ପର୍ଯ୍ୟନ୍ତ ଜାମା ବା ଠିଆ ଘୋଡ଼ ପରିଧାନ କରିଥାନ୍ତି । ଶ୍ରୀଜିଉମାନେ ପରିଧାନ କରୁଥିବା ଘୋଡ଼ବସ୍ତ୍ର ମାନ ସୂତା ଓ ମଖମଲ କପଡ଼ାରେ, ଶ୍ରୀମନ୍ଦିରର ପାରମ୍ପରିକ ଦରଜି ସେବକମାନଙ୍କ ଦ୍ୱାରା ସ୍ୱତନ୍ତ୍ର ଶୈଳୀରେ ନିର୍ମିତ ହୋଇଥାଏ । ପ୍ରତ୍ୟେକ ଦିନ ଘୋଡ଼ବସ୍ତ୍ର ଲାଗି ହେବା ପରେ ଶ୍ରୀଜିଉମାନଙ୍କ ନିକଟରେ ତାମ୍ବୁଳ (ପାନ) ଲାଗି ହୋଇଥାଏ ।


ସନ୍ତୋଷ କୁମାର ଦାଶ, ତୁଳସୀପୁର, ପୁରୀ,ମୋ–୯୪୩୯୩୬୧୮୮



ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com



ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ ‘ସମୟ’ କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

## ରାଷ୍ଟ୍ରପତି ହେବା ପରେ ପ୍ରଥମ କରି ଜନ୍ମମାଟିରେ ରାଷ୍ଟ୍ରପତି

# ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ



ବାରିପଦା, (ସବ୍ୟୁ) : ଶୁକ୍ରବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଶ୍ଚିମବଙ୍ଗର କଲେଇକୁଣ୍ଡା ବିମାନ ବନ୍ଦରରୁ ବାୟୁ ସେନାର ସ୍ୱତନ୍ତ୍ର ହ୍ୟାଲିକେପ୍ଟର ଯୋଗେ ଆସି ବାଦାମପାହାଡର ରଙ୍ଗାମାଟିଆ ହେଲିପ୍ୟାଡ଼ ଠାରେ ପୂର୍ବାହ୍ନ ୧୧ : ୦୫ ମିନିଟ ସମୟରେ ଅବତରଣ କରିବା ପରେ ମନ୍ତ୍ରୀ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଇଂ ଗଣେଶ ରାମ ସିଂ ଖୁଣ୍ଟିଆ, ମୟୂରଭଞ୍ଜ ସାଂସଦ ନବ ଚରଣ ମାଝୀ ଓ ଅନ୍ୟାନ୍ୟ ବରିଷ୍ଠ ସରକାରୀ ପଦାଧିକାରୀଙ୍କ ସହ ସେ ଜନ୍ମଲାଭ କରିଥିବା ପୈତୃକ ଗ୍ରାମ ଉପରବେଡା ଅଭିମୁଖେ ଯାଇଥିଲେ। ରାଷ୍ଟ୍ରପତି ପଦ ଅଳଙ୍କୃତ ପରେ ପ୍ରଥମ କରି ନିଜ ଜନ୍ମ ଗ୍ରାମକୁ ଆସିଥିବାରୁ ଗ୍ରାମବାସୀ ମାନେ ତାଙ୍କୁ ଘଣ୍ଟ ବାଦ୍ୟ ସହିତ ପାରମ୍ପରିକ ରୀତିନୀତିରେ ସମ୍ବର୍ଦ୍ଧନା ଜଣାଇବା ସହ ଆନନ୍ଦ ଉଲ୍ଲାସ ସହିତ ବିରାଟ ପଟୁଆରରେ ଶୋଭାଯାତ୍ରା କରି ପାଛୋଟି ନେଇଥିଲେ। ମହାମହିମ ତାଙ୍କ ଜନ୍ମ ମାଟିରେ ପହଂଚିବା କ୍ଷଣି ଏହାର ଚରଣ ସ୍ପର୍ଶ କରି ଜନ୍ମମାଟିକୁ ଭକ୍ତିପୂତ ପ୍ରଣାମ ଜଣାଇବା ସହ ନିଜ ଜନ୍ମ ମାଟିର ପରଶରେ ଉଲ୍ଲସିତ ହୋଇ ଉଠିଥିଲେ ଓ ନିଜ ପ୍ରିୟଜନ ତଥା ଗ୍ରାମବାସୀ ମାନଙ୍କ ଗହଣରେ ଆସି ଅତ୍ୟନ୍ତ ଭାବବିହ୍ୱଳ ଏବଂ ଆନନ୍ଦରେ ବିଭୋର ହୋଇ ପଡ଼ିଥିଲେ । ଯାହାକି ତାଙ୍କ ମୁଖ ମଣ୍ଡଳରୁ ସ୍ପଷ୍ଟ ବାରି ହୋଇ ପଡୁଥିଲା। ଏହାପରେ ସେ ତା'ଙ୍କ ବାଲ୍ୟ କାଳରେ ପ୍ରାଥମିକ ଶିକ୍ଷା ଲାଭ କରିଥିବା ଉକ୍ତ ଗ୍ରାମର ଉପରବେଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯାଇଥିଲେ ଏବଂ ସ୍କୁଲର ଛାତ୍ରଛାତ୍ରୀ ତଥା ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କ ସହିତ ସ୍ନେହଭରା ଭାବ ବିନିମୟ କରିଥିଲେ। ଏହି ଅବସରରେ ମହାମହିମ କହିଥିଲେ, 'ଭାରତର ରାଷ୍ଟ୍ରପତି ହେବା ମୋ ପାଇଁ ଆଶୀର୍ବାଦ ଏବଂ ଏହି ଗାଁରେ ମୋ ବିଦ୍ୟାଳୟର ଶିକ୍ଷକମାନଙ୍କଠାରୁ ଶିକ୍ଷାଲାଭ କରିବା ଏକ ସୌଭାଗ୍ୟର ବିଷୟ ମୋ ପାଇଁ। ମୋ ସମୟରେ ଏଇ ସ୍କୁଲ ନଥିଲା... ଦେଖିକି ଖୁସି ଲାଗୁଛି ଯେ ମୋ ସ୍କୁଲକୁ ବର୍ତ୍ତମାନ ନବୀକରଣ କରାଯାଇଛି । ମୁଁ ଯେଉଁ ବିଦ୍ୟାଳୟରେ ପଢୁଥିଲି, ଏହା ଏକ କଚ୍ଚା ଘର ଥିଲା। ମୁଁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବାକୁ ଚାହେଁ ଏବଂ ତାଙ୍କର ମହତ୍ୱପୂର୍ଣ୍ଣ ଅବଦାନ ପାଇଁ ଏହି ବିଦ୍ୟାଳୟ, ଏକ ନୂତନ ରୂପ ପାଇ ପାରିଛି। ବର୍ତ୍ତମାନ ଶିକ୍ଷାର ନୂତନ ଯୁଗ, ସବୁକିଛି ବଦଳାଇ ଦେଇଛି। 'ଲେଖିବାକୁ ଆମର କଲମ ମଧ୍ୟ ନଥିଲା କିନ୍ତୁ ଜୀବନରେ ଆଗକୁ ଆମର ଏକ ଉତ୍ସାହ ଥିଲା ଏବଂ ଏହି ପଦବୀ ପାଇବା ପାଇଁ ଏହି ବିଦ୍ୟାଳୟ ମୋତେ ଛୁଆଟି ବେଳରୁ ପ୍ରୋତ୍ସାହନ ଯୋଗାଇଛି। ଏଠାରେ ମୋ ସ୍କୁଲ ଦେଖି ମୁଁ ବହୁତ ଖୁସି ଅନୁଭବ କରୁଛି ଏବଂ ମୁଁ ବର୍ତ୍ତମାନ ସମସ୍ତଙ୍କ ଆଗରେ ଠିଆ ହୋଇ କଥା ହେବା ସମୟରେ, ମୋର ପିଲା ଦିନର କଥା ମାନେ ପଡିଯାଉଛି। ସମସ୍ତଙ୍କୁ ଅଶେଷ ଅଶେଷ ଧନ୍ୟବାଦ। ଏହାପରେ ମହାମହିମ, ସ୍ଥାନୀୟ କମଳା-ବିମଳା ଉଚ୍ଚ ବିଦ୍ୟାଳୟକୁ ଯାଇଥିଲେ ଓ ସେଠାରେ ଯୁବବର୍ଗଙ୍କ ସହିତ ଭାବ ବିନିମୟ କରିବା ସମୟରେ ଯୁବଶକ୍ତିର ଉପାଦେୟତା ଓ ନିଷ୍ଠପରତା ଦେଶକୁ ଏକାନ୍ତ ଆବଶ୍ୟକ ବୋଲି କହିଥିଲେ । ଏହାପରେ ସେଠାରୁ ଉପରବେଡା ସ୍ଥିତ ନିଜ ବାସଭବନରେ ପହଂଚି ନିଜ ଗ୍ରାମବାସୀ ମାନଙ୍କ ସହିତ ଭାବାବେଗପୂର୍ଣ୍ଣ ପରିବେଶ ମଧ୍ୟରେ ଭାବ ବିନିମୟ କରିଥିଲେ। ସେଠାରୁ ସେ ସ୍ୱତନ୍ତ୍ର ଯାନ ଯୋଗେ ସଡ଼କ ପଥରେ ରାଇରଙ୍ଗପୁର ସ୍ଥିତ ଅତିଥି ଭବନ ଅଭିମୁଖେ ମଧ୍ୟାହ୍ନ ଭୋଜନ ତଥା ବିଶ୍ରାମ ନିମନ୍ତେ ଯାତ୍ରା କରିଥିଲେ। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଅପରାହ୍ନରେ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ଠାରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ, ଏସଏଲଏସ ଟ୍ରଷ୍ଟର ଏକ ଜରୁରୀକାଳୀନ ଯାନ, ଉପଖଣ୍ଡ ଚିକିତ୍ସାଳୟ ନିମିତ୍ତ ପ୍ରଦାନ କରିବା ସହିତ ଏହାର ଶୁଭ ଉଦଘାଟନ କରିଥିଲେ। ଏହାପରେ ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟରେ ଛାତ୍ରୀ ମାନଙ୍କ ସହ ଭାବ ବିନିମୟ କରିଥିଲେ ଏବଂ ନିଜ ଅଭିଭାଷଣରେ ମହିଳା ମାନଙ୍କୁ ସଫଳତାର ସହିତ ଓ ସମସ୍ତ ବାଧାବିଘ୍ନକୁ ଏଡାଇ ଆଗକୁ ବଢିବାକୁ ଉପଦେଶ ଦେଇଥିଲେ। ଏହାପରେ, ମହୁଲଡିହା ସ୍ଥିତ ବାବା ପୂର୍ଣ୍ଣେଶ୍ୱର ମନ୍ଦିରରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଆସନ୍ତା କାଲି ମହାମହିମ ବାଙ୍ଗିରିପୋଷି ଠାରେ ଆୟୋଜନ ହେବାକୁ ଥିବା କାର୍ଯ୍ୟକ୍ରମରେ ଯୋଗଦେଇ ରେଳ ବିଭାଗର ବିଭିନ୍ନ ନୂତନ ପ୍ରକଳ୍ପ ଶିଳାନ୍ୟାସ କରିବେ। ଆସନ୍ତା କାଲି ଓଡ଼ିଶାର ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଏବଂ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସମେତ ବହୁତ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

## ଡ.ଭୀମରାଓ ଆମ୍ବେଦକରଙ୍କ ମହପ୍ରୟାଣ ଦିବସ

# ସମ୍ବିଧାନ ବିଷୟରେ ଅବଗତ ହେଲେ ଏହା ଅଧିକ ସମୃଦ୍ଧ ହେବ : ମନମୋହନ




ଭୁବନେଶ୍ୱର, (ସବ୍ୟୁ): ଭାରତୀୟ ସମ୍ବିଧାନ ପ୍ରଣେତା ଭାରତ ରତ୍ନ ବାବାସାହେବ ଡ.ଭୀମରାଓ ଆମ୍ବେଦକରଙ୍କ ଜୀବନ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସଂଘର୍ଷମୟ ଥିଲା । ସେ ଜଣେ ଯୋଗଜନ୍ମା ଥିଲେ । ନିଜ ଆତ୍ମବିଶ୍ୱାସ, ତ୍ୟାଗ ଓ ନିଷ୍ଠା ସହ ମନରେ ଥିବା ସଂକଳ୍ପ, ଇଚ୍ଛାଶକ୍ତି ଯୋଗୁ ସେ ଏହି ଜାଗା ପର୍ଯ୍ୟନ୍ତ ପହଂଚି ପାରିଥିଲେ। ସମାଜର ତଳ ପାହାଚ ଲୋକଙ୍କୁ ସେବା କରିବା ଓ ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରି ଆଗକୁ ଆଣିବା ପାଇଁ ବ୍ୟବସ୍ଥା ନିର୍ଦ୍ଧାରଣ କରିବାରେ ଡ.ଆମ୍ବେଦକରଙ୍କ ନାମ ସ୍ୱର୍ଣ୍ଣ ଅକ୍ଷରରେ ଲିପିବଦ୍ଧ ହୋଇ ରହିବ ବୋଲି ରାଜ୍ୟ କାର୍ଯ୍ୟାଳୟରେ ଡ.ଆମ୍ବେଦକରଙ୍କ ମହାପ୍ରୟାଣ ଦିବସ ପାଳନ ଅବସରରେ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଶ୍ରୀ ସାମଲ କହିଛନ୍ତି ଯେ, ସମାଜର ପଛୁଆ ବର୍ଗରୁ ଆସି ସଂଘର୍ଷ କରୁଥିବାବେଳେ କୌଣସି କାରଣରୁ ଆତ୍ମବିଶ୍ୱାସ କମିଗଲେ ଶ୍ରୀ ଆମ୍ବେଦକରଙ୍କୁ ମନେ ପକାଇବା ଉଚିତ । ଆଜି ଆମ ସମ୍ବିଧାନ ସମୃଦ୍ଧ ହୋଇଛି । ଯେତେବେଳେ ଲୋକେ ସମ୍ବିଧାନ ବିଷୟରେ ଅବଗତ ହେବେ ସେତବେଳେ ଏହା ଆହୁରି ଅଧିକ ସମୃଦ୍ଧ ହେବ । ଏଥିପାଇଁ ନଭେମ୍ବର ୨୬ରୁ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ସମ୍ବିଧାନ ପ୍ରଣେତାଙ୍କ ଉପରେ ବିଭିନ୍ନ ଚର୍ଚ୍ଚା ହେବ । ଆମକୁ ବାବା ସାହେବ ଆମ୍ବେଦକରଙ୍କଠାରୁ ପ୍ରେରଣା ନେଇ ନିଜ ଜୀବନର ଦିଶା ନିର୍ଦ୍ଧାରଣ କରିବାକୁ ପଡ଼ିବ। ରାଜ୍ୟ ମୁଖପାତ୍ର ଶ୍ରୀ ଦିଲୀପ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ରାଜ୍ୟ ସାଧାରଣ ସମ୍ପାଦକ (ସଙ୍ଗଠନ) ମାନସ ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ ଡ.ଯତୀନ ମହାନ୍ତି, ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, ରାଜ୍ୟ ମୁଖପାତ୍ର ସଜ୍ଜନ ଶର୍ମା, ଅନୁସୂଚିତ ଜାତିର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁଶାନ୍ତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଆଜି ସକାଳେ ଭୁବନେଶ୍ୱରର ଏଜି ଛକ ସ୍ଥିତ ଡ.ବାବାସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଏହି ଅବସରରେ ଶ୍ରୀ ସାମଲଙ୍କ ସମେତ, ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ, ସରକାରୀ ଉପମୁଖ୍ୟ ସଚେତକ ତଥା ବିଧାୟକ ଗୋବିନ୍ଦ ଦାସ, ବିଧାୟକ ଦୁର୍ଗା ତନ୍ତୀ, ମୁଖପାତ୍ର ଦିଲୀପ ମଲ୍ଲିକ, ସୁଶାନ୍ତ ମଲ୍ଲିକ, ବସନ୍ତ ନାୟକ, ଶିବ ପ୍ରସାଦ ମଲ୍ଲିକ, ରାମବିଶି ଦିଗଲ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ରେଳପଥ ସଂଗ୍ରାମ ସମିତି ବୈଠକ ଆହୂତ

ପାଣିକୋଇଲ,(ସବ୍ୟୁ) :ଯାଜପୁର ରୋଡ଼-ଧାମରା ରେଳପଥ ପ୍ରକଳ୍ପର ମଞ୍ଜୁରୀ ଏବେ କେନ୍ଦ୍ର ସରକାରଙ୍କ ବିଚାରାଧୀନ ସ୍ତରକୁ ଆସିଛି। ଏହି ପରିପ୍ରେକ୍ଷୀରେ ଉପରୋକ୍ତ ଦାବିକୁ ଅଧିକ ବଳିଷ୍ଠ କରିବା ଦିଗରେ ପଦକ୍ଷେପ ଗ୍ରହଣ ପାଇଁ ବିଚାର ଆଲୋଚନା କରିବାକୁ ଆସନ୍ତା ୨୦୨୪ ଡିସେମ୍ବର ୮ ତାରିଖ ଦିବା ୧୦ଘଂଟା ସମୟରେ ଯାଜପୁରସ୍ଥ ମିଶନ ଶକ୍ତି ହଲରେ ଏକ ବୈଠକ ଆହୂତ ହୋଇଛି। ଏହି ବୈଠକରେ ସଂଗ୍ରାମ ସମିତିର କର୍ମକର୍ତ୍ତାମାନେ ଉପସ୍ଥିତ ରହିବାକୁ ଆବାହକ ଶ୍ରୀ ସନ୍ତୋଷ ଦାସ ନିବେଦନ ଜଣାଇଛନ୍ତି।

## ଭେଣ୍ଡିଙ୍ଗ୍ ଜୋନ୍ କମିଟିକୁ ବିରୋଧ ଲଟେରୀକୁ ବର୍ଜନକଲେ ବ୍ୟବସାୟୀ

# ପୌରନିର୍ବାହୀ ଅଧିକାରୀଙ୍କ ବିରୋଧରେ ବଢୁଛି ଅସନ୍ତୋଷ

ଖୋର୍ଦ୍ଧା, (ସବ୍ୟୁ) : ଖୋର୍ଦ୍ଧା ଟି.ଏଲ.ସି. ରୋଡ୍ ରାସ୍ତାରେ ନବ ନିର୍ମିତ ଭେଣ୍ଡିଙ୍ଗ୍ ଜୋନ୍‌କୁ ବିରୋଧ କରି ଆବଂଟନ ପ୍ରକ୍ରିୟାରେ ହେବାକୁ ଥିବା ଲଟେରୀକୁ ବ୍ୟବସାୟୀଙ୍କ ବର୍ଜନ କରିଛନ୍ତି। ଜିଲ୍ଲା ପ୍ରଶାସନ ଓ ପୌର ପ୍ରଶାସନ ତରଫରୁ ଗଠନ ହୋଇଥିବା ଭେଣ୍ଡିଙ୍ଗ୍ ଜୋନ୍ କମିଟିରେ ବିଭିନ୍ନ ବ୍ୟବସାୟୀ ସଂଘର ଅଘୋଷିତ ସଦସ୍ୟ ବୋଲି ନିଜକୁ ପରିଚୟ ଦେଉଥିବା ବ୍ୟକ୍ତିବିଶେଷଙ୍କୁ ପୌର ପ୍ରଶାସନର କାର୍ଯ୍ୟନିର୍ବାହୀ ଅଧିକାରୀ ଭେଣ୍ଡିଙ୍ଗ୍ ଜୋନ୍ କମିଟି ଗଠନର ସମସ୍ତ ନିୟମକୁ ଉଲଙ୍ଘନ କରି ଉକ୍ତ କମିଟିରେ ସେମାନଙ୍କୁ ସଦସ୍ୟ ଭାବେ ସ୍ଥାନ ଦେଇଛନ୍ତି। ଯାହାକୁ ନେଇ ଅସନ୍ତୋଷ ବଢ଼ିଛି। ଉକ୍ତ କମିଟିରେ ୯ଜଣ ରହିଥିବାବେଳେ ୨ଜଣଙ୍କୁ ବାଦଦେଲେ ପୌରାଂଚଳରେ କାହାର କ୍ୟାବିନ ନାହିଁ। ତେବେ ପୌର କାର୍ଯ୍ୟାଳୟ ତରଫରୁ ବ୍ୟବସାୟୀମାନଙ୍କୁ ମାଇକ୍ ଏବଂ ଲିଖିତ ନୋଟିସ୍ ମାଧ୍ୟମରେ ଶୁକ୍ରବାର ଦିନ ୧୧ଟା ସମୟରେ ନବନିର୍ମିତ ଭେଣ୍ଡିଙ୍ଗ୍ ଜୋନ୍ ଆବଂଟନ ନିମନ୍ତେ ଲଟେରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କୁହାଯାଇଥିଲା । ଏହି ଭେଣ୍ଡିଙ୍ଗ୍ ଜୋନ୍ କମିଟିରେ ସ୍ଥାନିତ ହୋଇଥିବା ସଦସ୍ୟଙ୍କୁ ନେଇ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା । ଯାହା ପରିଶେଷରେ ଆନ୍ଦୋଳନର ରୂପ ନେଇଥିଲା । ଫଳରେ ଅନୁଷ୍ଠିତ ହେବାକୁ ଥିବା ନବନିର୍ମିତ ଭେଣ୍ଡିଙ୍ଗ୍ ଜୋନ୍ ଆବଣ୍ଟନ ଲଟେରୀ କାର୍ଯ୍ୟକ୍ରମକୁ ସିଧାସଳଖ ଭାବେ ବ୍ୟବସାୟୀମାନେ ବର୍ଜନ କରିଛନ୍ତି ।

# ହିନ୍ଦୁସ୍ତାନ ପେନସିଲ୍ସ ବାଲିଯାତ୍ରା ୨୦୨୪କୁ ଆକର୍ଷଣୀୟ ସୃଜନଶୀଳ ଅନୁଭୂତି ଆଣିଦେଇଛି

ଭୁବନେଶ୍ୱର (ସବ୍ୟୁ): ଭାରତୀୟ ଷ୍ଟେସନେରୀ ଶିଳ୍ପରେ ଏକ ପ୍ରମୁଖ ନାମ ଅପ୍‌ସରା ଏବଂ ନଟରାଜ ଭଳି ପ୍ରିୟ ବ୍ରାଣ୍ଡ୍‌ର ମୂଳ ସଂସ୍ଥା ହିନ୍ଦୁସ୍ତାନ ପେନସିଲ୍ସ ୨୦୨୪ ନଭେମ୍ବର ୧୫ରୁ ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ବାଲିଯାତ୍ରାରେ ଅନେକ ଆକର୍ଷଣୀୟ ସୃଜନଶୀଳ ଅନୁଭୂତି ଆଣିଦେଇଥିଲା। ନବୋନ୍ମେଷୀ କାର୍ଯ୍ୟକଳାପ ଏବଂ ନିୟୋଜନକାରୀ ସେଟ୍‌ଅପକୁ ନେଇ ହିନ୍ଦୁସ୍ତାନ ପେନସିଲ୍ସ ଏହି ସପ୍ତାହବ୍ୟାପୀ ସାଂସ୍କୃତିକ ଉତ୍ସବ ପାଳନ ସହିତ ଏକ ଦମ୍ଭର ସୃଜନଶୀଳ ଉତ୍ସାହ ଭରିଦେଇଥିଲା, ଯାହା ସମସ୍ତ ବୟସ ବର୍ଗର ଦର୍ଶକଙ୍କୁ ଆନନ୍ଦିତ କରିଥିଲା। ଏଥିରେ ଏକ ଅନନ୍ୟ ଆକର୍ଷଣ ଥିଲା ଅପ୍‌ସରା ଜେଷ୍ଟା ସେଢେକ୍ଷସ୍ପଡ ରାଇଟିଂ ପେନସିଲ୍ସ କାର୍ଯ୍ୟକଳାପ, ଯେଉଁଥିରେ ଛୋଟ ଛୋଟ ପିଲାମାନେ ଲେଖିବା ଅନୁଭୂତିକୁ ଉପଭୋଗ କରିଥିଲେ । ନଟରାଜ ସ୍କେଚର ଜେଲ୍ ପେନ୍ ବ୍ୟବହାର କରି ରଙ୍ଗଦେବା କାର୍ଯ୍ୟରେ ରୂପାନ୍ତରିତ କରିଥିଲେ । ନୂତନ ଅପ୍‌ସରା ସ୍ପାଇରାଲ ନୋଟ୍‌ବୁକ୍ସ ଏବଂ ନଟରାଜ ହାଇଡି ପେନ୍‌ସିଲଗୁଡିକ ଦର୍ଶକଙ୍କର ତୁରନ୍ତ ଦୃଷ୍ଟି ଆକର୍ଷଣ କରୁଥିଲା, ଯାହା ଦର୍ଶକମାନଙ୍କର ଆକାଙ୍କ୍ଷିତ ଫଟୋ ସୁଯୋଗ ଯୋଗାଇ ଦେଇଥିଲା।

## ଡ୍ରିମ୍‌ସରେ ମା' ଇଚ୍ଛାବତୀ ରଥଙ୍କ ୮ମ ବାର୍ଷିକ ସ୍ମୃତିସଭା

# ସନ୍ତାନକୁ ଗଢିବାରେ ପିତାମାତାଙ୍କ ତ୍ୟାଗ ଅତୁଳନୀୟ

କଟକ, (ସ୍ୱପ୍ର): ପିତା ପରିବାରର ମୁଖ୍ୟ ହେଲେ ମା ପରିବାରର ମେରୁ ସଦୃଶ। ସନ୍ତାନକୁ ମଣିଷ କରି ଗଢିତୋଳିବାରେ ପିତାମାତାଙ୍କ ତ୍ୟାଗ ଅତୁଳନୀୟ । ଅପରପକ୍ଷରେ ସନ୍ତାନର ସଫଳତାରେ ପିତାମାତା କେବଳ ଖୁସୀ ହୁଅନ୍ତି ନାହିଁ, ଏହା ଦ୍ୱାରା ସେମାନଙ୍କ ସମ୍ମାନ ମଧ୍ୟ ବଢିଥାଏ ବୋଲି ବିଶିଷ୍ଟ ସନ୍ଥ ଶ୍ରୀମତ୍ ସ୍ୱାମୀ ଶ୍ରଦ୍ଧାନନ୍ଦ ସରସ୍ୱତୀ ମହାରାଜ ମତବ୍ୟକ୍ତ କରିଛନ୍ତି । କର୍ମଯୋଗୀ ଧନେଶ୍ୱର ରଥଙ୍କ ସହଧର୍ମିଣୀ ସ୍ୱର୍ଗତ ଇଚ୍ଛାବତୀ ରଥଙ୍କ ୮ମ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ସ୍ୱାମିଜୀ କହିଲେ ମାତୃ ଶକ୍ତି ବିନା ଜଗତରେ କିଛି ବି ପରିବର୍ତ୍ତନ ହୋଇପାରେନା। ଋଷି ପରମ୍ପରା ଅନୁଯାୟୀ ଜୀବନକୁ ସଠିକ୍ ମାର୍ଗରେ ପରିଚାଳିତ କରିବା ସହ ପିତାମାତା ଓ ଗୁରୁଜନଙ୍କୁ ଶ୍ରଦ୍ଧା, ସମ୍ମାନ ଓ ସେବାଯତ୍ନ କଲେ ନିଜେ ସୁଖୀ ହେବା ସହିତ ସମାଜ ଓ ଦେଶ ବୈଭବ ମଣ୍ଡିତ ହେବବୋଲି ସେ ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ଦେଇଥିଲେ । ସମ୍ମାନିତ ଅତିଥି ସିଦ୍ଧଗିରି ଆଶ୍ରମର ପୀଠାଧୀଶ ବାବାଜୀ ବିଶ୍ୱନାଥ ଦାସ ପୂଜ୍ୟପୂଜା ପରମ୍ପରା ଉପରେ ଆଲୋକପାତ କରି ଏହାଦ୍ୱାରା ଆମ ଉତ୍ତର ପିଢୀକୁ ପ୍ରେରଣା ମିଳିଥାଏ ଓ ପୁଣ୍ୟଶକ୍ତିକୁ ବୃଦ୍ଧି କରିବାରେ ସହାୟକ ହୋଇଥାଏ । ସ୍ୱର୍ଗତ ଇଚ୍ଛାବତୀଙ୍କ ସୁପୁତ୍ର ତଥା ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ ପିତାମାତା ହେଉଛନ୍ତି ଚଳନ୍ତି ଈଶ୍ୱର ଓ ସେମାନଙ୍କ ପ୍ରତି ଭକ୍ତି, ଶ୍ରଦ୍ଧା ଓ ଯଥୋଚିତ ସମ୍ମାନ ପ୍ରଦର୍ଶନ ସନ୍ତାନର ସର୍ବୋତ୍ତମ କର୍ତ୍ତବ୍ୟ ଏବଂ ଏହାକୁ ପାଳନ କଲେ ଜୀବନ ସାର୍ଥକ ହୋଇଥାଏ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, କୁଳସଚିବ ଡ. ଭକ୍ତ ଚରଣ ପ୍ରଧାନ, ମାତା ସୁଲୋଚନା ଦାସ, ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ ଚନ୍ଦ୍ର ରଥ, ଇଂ ଲଳିତମୋହନ ମିଶ୍ର, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଅଖିଳ ମହାପାତ୍ର, ଡ. ରୁଦ୍ରନାରାୟଣ ମିଶ୍ର, ଶାନ୍ତନୁ କୁମାର ଶତପଥୀ, ପ୍ରଦୀପ୍ତ ଚନ୍ଦ୍ର ରଥ, ପ୍ରଶାନ୍ତ ଚନ୍ଦ୍ର ରଥ, ଚିନ୍ମୟୀ ରଥ, ଇଂ ଦୁର୍ଗାପ୍ରସାଦ ରଥ, ଇଂ ଶିବ ପ୍ରସାଦ ରଥ, କର୍ଣ୍ଣେଲ ସୁରେନ୍ଦ୍ରନାଥ ସେନ୍, ପୂର୍ଣ୍ଣଚନ୍ଦ୍ର ଶତପଥୀ, ନିର୍ଦ୍ଦେଶକ ଲୋକନାଥ ବେହେରା, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ରଙ୍କ ସମେତ ପଦ୍ମିନୀ କେୟାର ହସ୍‌ପିଟାଲ, ମେଡିକାଲ କଲେଜର ଡାକ୍ତର, ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ରଥ ପରିବାରର ସଦସ୍ୟ ଓ ବହୁମାନ୍ୟଗଣ୍ୟ ବ୍ୟକ୍ତି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଧନେଶ୍ୱର ରଥ ଫାଉଣ୍ଡେସନ୍‌ର ଆବାହକ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା ଓ ଅଧ୍ୟାପକ ଡ. ଅଜିତ୍ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।




# ଆର୍ଯ୍ୟସମାଜ ମାମଲା: ରଦ୍ଦ କଲେ ହାଇକୋର୍ଟ

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱର ସହିଦନଗରସ୍ଥିତ ଆର୍ଯ୍ୟସମାଜ ପରିଚାଳନା ଗତ ବିବାଦ ନେଇ ହୋଇଥିବା ମାମଲାକୁ ୨ୟ ଥର ପାଇଁ ରଦ୍ଦ କରିଛନ୍ତି ହାଇକୋର୍ଟ। ପ୍ରତିଷ୍ଠାତା ତଥା ସଭାପତି ଇଂ ପ୍ରିୟବ୍ରତ ଦାସ ଓ ଅନ୍ୟ ୧୦ ଜଣଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ନିବେଦନ କରି ଜନୈକ ବିକାଶ ପଣ୍ଡା ଓ ପ୍ରଶାନ୍ତ ଦାଶ ଗତ ନଭେମ୍ବର ୨୬ ତାରିଖରେ କରିଥିବା ଦ୍ୱିତୀୟ ଆବେଦନକୁ ଗତ ୩୦ ତାରିଖରେ ହାଇକୋର୍ଟ ରଦ୍ଦ କରିଛନ୍ତି । ଫଳରେ ସଭାପତି ଶ୍ରୀ ଦାସ ଓ ଅନ୍ୟ ସଦସ୍ୟମାନଙ୍କୁ ହଟାଇବା ଉଦ୍ୟମ ବିଫଳ ହୋଇଛିଓ ଆବେଦନକାରୀମାନଙ୍କୁ ନିରାଶ ହେବାକୁ ପଡ଼ିଛି । ମାମଲାର ବିବରଣୀରୁ ଜଣାଯାଇଛି ଯେ ସଭାପତି ଶ୍ରୀ ଦାସଙ୍କ ସମେତ ବରିଷ୍ଠ ସଦସ୍ୟମାନଙ୍କୁ ହଟାଇବା ପାଇଁ ବହିଷ୍କୃତ ସଦସ୍ୟ ବିକାଶ ପଣ୍ଡା, ପ୍ରଶା' ଦାଶ ଓ ସୁଦର୍ଶନ ପାତ୍ର ଓରଫ୍ ଦେବ ଗତ ଅପ୍ରେଲ ମାସରେ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ଜଷ୍ଟିସ୍ ଭି. ନରସିଂହଙ୍କ ଅଦାଲତରେ ଏହି ମାମଲା ଶୁଣାଣି କରି ସେତେବେଳେ ଏହାକୁ ଖାରଜ କରିଥିବା ବେଳେ ଫୌଜଦାରୀ ମାମଲା ରୁଜୁ କରାଯିବାକୁ ନିବେଦନ କରି ପୁଣିଥରେ ସେହି ଅଦାଲତରେ ଆବେଦନକାରୀ ମାମଲା ରୁଜୁ କରିଥିଲେ । କିନ୍ତୁ ନିମ୍ନ ଅଦାଲତଙ୍କ ନିର୍ଦ୍ଦେଶରେ ପୋଲିସ ତଦନ୍ତ ଚାଲିଥିବାରୁ ହାଇକୋର୍ଟ ଏହି ଆବେଦନକୁ ରଦ୍ଦ କରିଛନ୍ତି । ମାମଲାର ଶୁଣାଣି ବେଳେ ଆବେଦନକାରୀଙ୍କ ଓକିଲ ଅନୁପସ୍ଥିତ ଥିବାବେଳେ ସରକାରୀ ଓକିଲ ପୋଲିସ ତଦ' ନେଇ ଆବଶ୍ୟକୀୟ ତଥ୍ୟ ଉପସ୍ଥାପନ କରିଥିଲେ। କିନ୍ତୁ ଏହି ମାମଲାକୁ ନେଇ ସୁଦର୍ଶନ ପାତ୍ର ସାମାଜିକ ଗଣମାଧ୍ୟମରେ ବିଭ୍ରାନ୍ତିକର ପ୍ରଚାର କରୁଥିବାରୁ ସଭାପତି ଶ୍ରୀ ଦାସ ଏହାକୁ ନିନ୍ଦା କରି କାର୍ଯ୍ୟାନୁଷ୍ଠାନ ଦାବି କରିଛିଁ। ସୂଚନାଯୋଗ୍ୟ ଯେ ବିକାଶ ପଣ୍ଡା, ପ୍ରଶାନ୍ତ ଦାଶ, ସୁବ୍ରତ ସାମଲ, ସୁଦର୍ଶନ ପାତ୍ର ଓରଫ୍ ଦେବଙ୍କ ନାମରେ ମଧ୍ୟ ନିମ୍ନ ଅଦାଲତଙ୍କ ନିର୍ଦ୍ଦେଶରେ ମାମଲା ରୁଜୁ ହୋଇଛି ବୋଲି ପୁଲିସ୍ ସୂତ୍ରରୁ ଜଣାପଡ଼ିଛି। ଅପରପକ୍ଷରେ ନିମ୍ନ ଅଦାଲତରେ ଆବେଦନକାରୀ କରିଥିବା ଅନ୍ୟ ଏକ ସ୍ଥଗିତାଦେଶ ମାମଲାର ଶୁଣାଣି ଗତ ୨୮ ତାରିଖ ଶେଷ ହୋଇଥିବା ବେଳେ ଚୁଡ଼ାନ୍ତ ରାୟ ପାଇଁ ପ୍ରକାଶ ପାଇନାହିଁ।

## ରାଜ୍ୟରେ ବୃଦ୍ଧ ବ୍ୟକ୍ତିମାନଙ୍କୁ ସେବା ପ୍ରଦାନ ଉଦ୍ଦେଶ୍ୟରେ

# ଗୁଗୁଲ୍ ୱେଲନେସ୍ ଫାଉଣ୍ଡେସନ୍‌ର ଶୁଭାରମ୍ଭ



ଭୁବନେଶ୍ୱର, (ସବ୍ୟୁ): ବର୍ତ୍ତମାନ ପରିସ୍ଥିତିରେ ରାଜ୍ୟରେ ବହୁ ବୃଦ୍ଧ ବ୍ୟକ୍ତି ଅବହେଳିତ ଅବସ୍ଥାରେ ରହିଛନ୍ତି । ଯାହାଙ୍କ ପାଖରେ ଆଶା ଏବଂ ସୁଖ ପହଞ୍ଚାଇବା ଲକ୍ଷ୍ୟରେ ଗୁଗୁଲ୍ ୱେଲନେସ୍ ଫାଉଣ୍ଡେସନ୍‌ର ଶୁଭାରମ୍ଭ ହୋଇଯାଇଛି । ଯାହା ସେମାନଙ୍କ ଯତ୍ନ ନେବା ସହ ସବୁ ସୁଖ ଦୁଃଖରେ ସେମାନଙ୍କ ସାଥିରେ ରହିବ ।

ବର୍ତ୍ତମାନ ଅନେକ ବିଚ୍ଛିନ୍ନ ଅବହେଳିତ ବୃଦ୍ଧ ବ୍ୟକ୍ତି ଏକାକୀ ଜୀବନଯାପନ କରିବାକୁ ବାଧ୍ୟ ହେଉଛନ୍ତି । କାରଣ ସେମାନଙ୍କର ପିଲାମାନେ ବିଦେଶରେ ରୁହନ୍ତି କିମ୍ବା ସେମାନଙ୍କର ଯତ୍ନ ସଠିକ୍ ଭାବେ ନେବା ପାଇଁ କେହି ନାହାଁନ୍ତି ଏହି ପ୍ରକାର ବୃଦ୍ଧା ଓ ବୃଦ୍ଧଙ୍କ ପ୍ରତିଦିନର ବ୍ୟାପକ ଆବଶ୍ୟକତା ମଧ୍ୟ ପୂରଣ କରିବା ଜରୁରୀ ହୋଇଯାଏ, ତେଣୁ ଏହି ପରି ସଂସ୍ଥାକୁ ଆଗକୁ ଆସିବା ନିହାତି ଆବଶ୍ୟକ ବୋଲି କାର୍ଯ୍ୟକ୍ରମରେ ଉପସ୍ଥିତ ମୁଖ୍ୟ ଅତିଥି ତଥା ଓଡ଼ିଶା ସରକାରଙ୍କ ପୂର୍ବତନ ମୁଖ୍ୟ ସଚିବ, ବିଜୟ ପଟ୍ଟନାୟକ କହିଥିଲେ । ଗୁଗୁଲ୍ ୱେଲନେସ୍ ଫାଉଣ୍ଡେସନ୍ ବୃଦ୍ଧମାନଙ୍କ ନିମନ୍ତେ ସର୍ବଦା ଉତ୍ସର୍ଗୀକୃତ, ଯେଉଁମାନେ ନିଜକୁ ଏକୁଟିଆ, ବିଚ୍ଛିନ୍ନ କିମ୍ବା ଅବହେଳିତ ଅନୁଭବ କରନ୍ତି ସେମାନଙ୍କ ଜୀବନଯାପନ ଶୈଳୀକୁ ଅବିସ୍ମରଣୀୟ କରିବା ସହ ଶାରୀରିକ ଏବଂ ମାନସିକ ଶାନ୍ତି ଯୋଗାଇବା ପାଇଁ ସେମାନଙ୍କ ସହ ସର୍ବଦା ରହିବା ସହ ଭିନ୍ନ ଢଙ୍ଗରେ ତାଙ୍କୁ ବଞ୍ଚିବାର ରାସ୍ତା ଦେଖାଇବା ହେଉଛି ଏହି ଫାଉଣ୍ଡେସନର ମୂଳ ଲକ୍ଷ୍ୟ ।

ଗୁଗୁଲ୍ ୱେଲନେସ୍ ଫାଉଣ୍ଡେସନ୍ ର ପରିଚାଳନା ଟ୍ରଷ୍ଟି ପ୍ରଦିପ୍ତ କୁମାର ସ୍ୱାଇଁ କହିଛନ୍ତି ଯେ ପ୍ରତ୍ୟେକ ବୃଦ୍ଧ ବ୍ୟକ୍ତି ଉପଯୁକ୍ତ ପ୍ରେମ, ସମ୍ମାନ ଏବଂ ଯତ୍ନ ପାଇବାକୁ ଯୋଗ୍ୟ । ଆମର ଉଦ୍ଦେଶ୍ୟ ହେଉଛି ସେମାନଙ୍କୁ ବିଶ୍ୱାସ ଯୋଗାଇବା ଯେ ସେମାନଙ୍କ ପାଇଁ କେହି ଜଣେ ଅଛନ୍ତି । ଏଠାରେ ଚିକିତ୍ସା ସହାୟତା ସହ ସେମାନଙ୍କ ଦୈନନ୍ଦିନ ଅତ୍ୟାବଶ୍ୟକ ସାମଗ୍ରୀ କିଣିବା, ଡାକ୍ତରଖାନା କିମ୍ବା ବ୍ୟାଙ୍କ ପରି ସ୍ଥାନକୁ ପରିବହନ, ଘରରୁ ରକ୍ତ ନମୁନା ସଂଗ୍ରହ ଏବଂ ସ୍ୱାସ୍ଥ୍ୟର ସହିତ ଯତ୍ନ ନିମନ୍ତେ ପ୍ରତି ମୁହୂର୍ତ୍ତରେ ଚେକ୍ ଅପ୍ ଇତ୍ୟାଦି ବ୍ୟବସ୍ଥା କରାଯାଇଛି ।

# ବେଦାନ୍ତ ଆଲୁମିନିୟମ ପକ୍ଷରୁ ସପ୍ତାହବ୍ୟାପୀ ଏଚଆଇଭି-ଏଡ୍‌ସ ସଚେତନତା ଅଭିଯାନ

ଭୁବନେଶ୍ୱର, (ସବ୍ୟୁ): ଭାରତର ବୃହତ ଆଲୁମିନିୟମ ଉତ୍ପାଦକ, ବେଦାନ୍ତ ଆଲୁମିନିୟମ, ବିଶ୍ୱ ଏଡ୍ସ ଦିବସରେ ଏକ ସପ୍ତାହବ୍ୟାପୀ ସଚେତନତା ଅଭିଯାନ ଆରମ୍ଭ କରିଥିଲା । ଏହି ପଦକ୍ଷେପରେ ବେଦାନ୍ତ ସ୍ଥାନୀୟ ଗୋଷ୍ଠୀଭ୍‌କୁ ଏଚଆଇଭି ଉପରେ ସଚେତନ ପାଇଁ ଉପଯୁକ୍ତ ମାର୍ଗ ଅନୁସରଣ କର: ମୋର ସ୍ୱାସ୍ଥ୍ୟ ମୋର ଅଧିକାର ବିଷୟ ଉପରେ ବାର୍ତ୍ତା ଦେଇଥିଲା। ଉକ୍ତ ଅଭିଯାନରେ ବେଦାନ୍ତ ଝାରସୁଗୁଡ଼ା, ଲାଞ୍ଜିଗଡ଼ ଓ ଏହାର ଖଣି ଥିବା ସ୍ଥାନରେ ୧୧,୪୦୦ରୁ ଅଧିକ ଲୋକଙ୍କୁ ନେଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ସଚେତନତା ଅଧିବେଶନ,ରାଲି, ନୁକଡ ନାଟକ ଓ ସ୍ୱାସ୍ଥ୍ୟ ଶିକ୍ଷା କାର୍ଯ୍ୟକ୍ରମ ଜରୀଆରେ ଏହି ଅଭିଯାନରେ ଛାତ୍ରଛାତ୍ରୀ, ଟ୍ରକ ଡ୍ରାଇଭର, ପୋଲିସ କର୍ମଚାରୀ ଓ ସ୍ଥାନୀୟ ଲୋକମାନଙ୍କ ନିକଟରେ ପହଞ୍ଚିଥିଲା । ଲୋକମାନଙ୍କୁ ଏଚଆଇଭି-ଏଡସ ସଂପର୍କରେ ବୁଝାଇବା ସହିତ ପ୍ରତିକାରାତ୍ମକ ପଦକ୍ଷେପ ଗ୍ରହଣ ପାଇଁ ପରାମର୍ଶ ଦିଆଯାଇଥିଲା।

ଝାରସୁଗୁଡ଼ା ଜିଲ୍ଲାରେ ଏନସିସି ଓ ଏନ୍‌ଏସଏସ କ୍ୟାଡେଟ, ବେଦାନ୍ତର କର୍ମଚାରୀ ଓ ସ୍ଥାନୀୟ ଛାତ୍ରଙ୍କ ସହିତ ୩୫୦ରୁ ଅଧିକ ଅଂଶଗ୍ରହଣକାରୀଙ୍କ ସହିତ ଜିଲ୍ଲା ମାଜିଷ୍ଟ୍ରେଟ କିଶୋର କୁମାର ସ୍ୱାଇଁଙ୍କ ଦ୍ୱାରା ବିଶ୍ୱ ଏଡସ ଦିବସରେ ସଚେତନତା ରାଲି କରାଯାଇଥିଲା। ବିଦ୍ୟାଳୟ, କଲେଜ ଓ ପୋଲିସ ଷ୍ଟେସନକୁ ନେଇ ଏହି ସଚେତନତା ଏକ ସପ୍ତାହ ଯାଏ ଚାଲୁ ରହିବ। ଓଡ଼ିଶା ରାଜ୍ୟ ଏଡସ କଂଟ୍ରୋଲ ସୋସାଇଟି ଓ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନର ସହଭାଗିତାରେ ବେଦାନ୍ତର ଏହି ଉଦ୍ୟମରେ ପ୍ରାୟ ୫୦୦୦ ଲୋକଙ୍କୁ ନିରାକରଣ, ଉପଚାର ଓ ବିଲୋପ ବିଷୟରେ ସଚେତନ କରାଯିବା ଲକ୍ଷ୍ୟ ରହିଛି । କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ରେ ପ୍ରବାସୀ ଶ୍ରମିକ, ଟ୍ରକ ଡ୍ରାଇଭର ଓ ସ୍ଥାନୀୟ ଗୋଷ୍ଠୀଙ୍କ ଲାଗି ଅଧିବଶେନ ସହ ଏହି ଅଭିଯାନ ଆରମ୍ଭ ହୋଇଥିଲା। ନୁକଡ଼ ନାଟକ, ରାଲି ଓ ସଚେତନତା କାର୍ଯ୍ୟକ୍ରମରେ ୫୦୦ରୁ ଅଧିକ ଅଂଶଗ୍ରହଣକାରୀ ଯୋଗ ଦେଇଥିଲେ।

କାର୍ଯ୍ୟକ୍ରମର ଅଂଶ ବିଶେଷରେ କୋଇଲା ଓ ବକ୍ସାଇଟ ଖଣି ପ୍ରକଳ୍ପ ଗୁଡ଼ିକରେ କାର୍ଯ୍ୟରତ କର୍ମଚାରୀ ଓ ସ୍ଥାନୀୟ ଲୋକଙ୍କ ପାଇଁ ବିଭିନ୍ନ ପ୍ରଭାବଶାଳୀ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୫୦୦ରୁ ଅଧିକ ଲୋକ ଅଂଶଗ୍ରହଣ କରିଥିଲେ । ସୁନ୍ଦରଗଡ଼ରେ ନୁକଡ଼ ନାଟକ ଓ ଶିକ୍ଷାଗତ ଅଧିବଶେନରେ ଛାତ୍ର, ଟ୍ରକ ଡ୍ରାଇଭରଙ୍କ ପାଇଁ ଆୟୋଜିତ ହୋଇଥିଲା ଓ ଏହା ୬୦୦ରୁ ଅଧିକ ଲୋକଙ୍କ ପାଖରେ ପହଁଚିଥିଲା । ସିଜିମାଳି ଅଞ୍ଚଳରେ କଳାହାଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ନିହେନ୍ଦ୍ର ପଣ୍ଡାଙ୍କ ଦ୍ୱାରା ପତାକା ଦେଖାଇ ରାଲି ଉଦଘାଟିତ ହୋଇଥିଲା । ଓସାକ୍ସ ଓ ଜିଲ୍ଲା ମେଡିକାଲ କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ୫୦୦୦ରୁ ଅଧିକ ଲୋକ ଯୋଗ ଦେଇଥିଲେ ।




କମ୍ପାନିର ସ୍ୱାସ୍ଥ୍ୟ ପଦକ୍ଷେପ ସଂପର୍କରେ ମତ ଦେଇ ମୁଖ୍ୟ ପରିଚାଳନା ଅଧିକାରି ସୁନୀଲ ଗୁପ୍ତା କହିଥିଲେ, ଯେ ବେଦାନ୍ତ ଆଲୁମିନିୟମରେ ଆମେ ଦୃଢ ଭାବରେ ବିଶ୍ୱାସ କରୁ ଯେ ଗୋଷ୍ଠୀର ସ୍ୱାସ୍ଥ୍ୟ ଓ କଲ୍ୟାଣ ନିରନ୍ତର ବିକାଶର ମୂଳଦୁଆ ଅଟେ। ଏହି ବିଶ୍ୱ ଏଡ୍ସ ଦିବସରେ ଆମର ଏହି ସଚେତନତା ଅଭିଯାନ ଜରୀଆରେ ସ୍ୱାସ୍ଥ୍ୟ ପାଇଁ ରହିଥିବା ଚ୍ୟାଲେଂଜ ଗୁଡ଼ିକୁ ସମାଧାନ କରିବାରେ ପ୍ରତିବଦ୍ଧ ଅଟୁ । ଲୋକଙ୍କ ମଧ୍ୟରେ ଏହି ରୋଗ ସଂପର୍କରେ ରହିଥିବା ଭୟ, ନିନ୍ଦା-କଳଙ୍କକୁ ଦୂର କରି ଏହାର ପ୍ରତିକାର ତଥା ସଚେତନତା ବିଷୟରେ ଉପଯୁକ୍ତ ଶିକ୍ଷା ପ୍ରଦାନ କରିବା ଆମର ଲକ୍ଷ୍ୟ ଅଟେ। ଆମେ ସାମୁହିକ କାର୍ଯ୍ୟକୁ ପ୍ରେରଣା ଦେବା ଓ ସୁସ୍ଥତାର ମାର୍ଗ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛୁ । ବେଦାନ୍ତ ଆଲୁମିନିୟମ ସ୍ୱାସ୍ଥ୍ୟ ଓ ସଚେତନତା ପଦକ୍ଷେପ ଜରୀଆରେ ସମାଜରେ ପରିବର୍ତ୍ତନ ଆଣିବା ପାଇଁ ଉତ୍ସର୍ଗୀକୃତ। ବିଭିନ୍ନ ହୀତାଧିକାରୀଙ୍କୁ ନିୟୋଜିତ କରି ବିଶ୍ୱ ଏଡସ ଦିବସକୁ ପାଳନ କରିବା ଓ ସଚେତନ ବୃଦ୍ଧି କରିବା ପ୍ରୟାସ ଜାରୀ ରଖିଛି।

# ପତାକା ଦିବସ

ପ୍ରତିବର୍ଷ ଆଜିର ଦିନକୁ ପତାକା ଦିବସ ରୂପେ ପାଳନ କରାଯାଇଥାଏ । ଭାରତୀୟ ସଶସ୍ତ୍ର ସେନା ଅଧିକାରୀଙ୍କ କଲ୍ୟାଣ ହେତୁ ଏହି ଦିନକୁ ପାଳନ କରାଯାଇଥାଏ । ୧୯୪୯ ମସିହା ଡିସେମ୍ବର ୭ ତାରିଖରେ ପ୍ରଥମଥର ପାଇଁ ଏହି ଦିବସ ପାଳନ କରାଯାଇଥିଲା । ସେବେଠାରୁ ହିଁ ପ୍ରତ୍ୟେକ ବର୍ଷ ଡସେମ୍ବର ୭କୁ ସମଗ୍ର ଦେଶରେ ପାଳନ କରାଯାଇଥାଏ । ୧୯୪୯ ମସିହା ଅଗଷ୍ଟ ୨୮ ତାରିଖରେ ପ୍ରତିରକ୍ଷା ମନ୍ତ୍ରୀଙ୍କ ଅଧୀନରେ ଏକ କମିଟି ଗଠନ କରାଯାଇ ପ୍ରତିବର୍ଷ ଡିସେମ୍ବର ୭କୁ ପତାକା ଦିବସ ଭାବେ ପାଳନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା ।



# ଚର୍ମ ସଂକ୍ରମଣ

**ଆଜିକାଲି ନିଜର ସ୍କିନ୍‌କୁ ନେଇ ସମସ୍ତେ ବିଶେଷ ଯତ୍ନବାନ ହେଉଛନ୍ତି । ତେବେ ଆମର ଲାଇଫ୍ ଷ୍ଟାଇଲ୍, ଖାଦ୍ୟପେୟ କାରଣରୁ ବିଭିନ୍ନ ଚର୍ମ ରୋଗ ଦେଖିବାକୁ ମିଳୁଛି । ଯାହା ବିଷୟରେ ଅବଗତ ହେବାର ଆବଶ୍ୟକତା ରହିଛି ।**





**ବ୍ରଣ–** ବିଭିନ୍ନ ଚର୍ମ ରୋଗ ମଧ୍ୟରେ ବ୍ରଣ ବେଶ୍ ସାଧାରଣ । ଏହା ସାଧାରଣତଃ ମୁହଁ, ବେକ, କାନ୍ଧ ଆଦିରେ ଦେଖିବାକୁ ମିଳିଥାଏ । ହେଲେ ଅଧିକ ମୁହଁରେ ହୋଇଥାଏ । ଯଦି ଆମେ ବ୍ରଣକୁ ଅଧିକ ଦିନ କୌଣସି ଚିକିତ୍ସା ନ କରି ରଖିବା ତେବେ ଏହା ସ୍କିନ୍‌କୁ କଳା ପକାଇବାର ସମ୍ଭାବନା ରହିଛି । ତେଣୁ ଯଦି କୌଣସି କାରଣରୁ ଆପଣଙ୍କର ମୁହଁରେ ଅତ୍ୟଧିକ ବ୍ରଣ ହେଉଛି ତାହେଲେ ତୁରନ୍ତ ଚର୍ମ ବିଶେଷଜ୍ଞଙ୍କର ପରାମର୍ଶ ନିଅନ୍ତୁ ।

**କୋଲ୍ଡ ସୋର୍–** ଏହି ସମସ୍ୟାରେ ଆମର ପାଟି ପାଖରେ ଛୋଟଛୋଟ ଫୋଟକା ହୋଇଥାଏ । ଏହି ଫୋଟକା ଗୁଡିକ ଲାଲ ଦେଖାଯାଉଥିବାବେଳେ ଏହା ଭିତରେ ପାଣି ଭଳି ତରଳ ଭରି ରହିଥାଏ । ଏହା ହୋଇଥିବା ସ୍ଥାନରେ ପୋଡାଜଳା ଅନୁଭବ ହୋଇଥାଏ । ସେହିଭଳି ଏହା ହେବା ଦ୍ୱାରା ଜ୍ୱର ହେବାର ସମ୍ଭାବନା ରହିଥାଏ । ଏହାର ପ୍ରଭାବ ସ୍କିନ୍‌ର କଲର ଉପରେ ମଧ୍ୟ ନିର୍ଭର କରିଥାଏ ।

**ବ୍ଲିଷ୍ଟର–** ବ୍ଲିଷ୍ଟର ମଧ୍ୟ ବ୍ରଣ ଭଳି ହୋଇଥାଏ, ହେଲେ ଏହି ଫୋଟକା ଗୁଡିକରେ ପାଣି ଭଳି ତରଳ ଭରି ରହିଥାଏ । ଏହାର ସାଇଜ୍ ଏକ ସେଣ୍ଟିମିଟରରୁ ଅଧିକ ହୋଇଥାଏ । କେତେକଙ୍କ କ୍ଷେତ୍ରରେ ଏହାର ସଂଖ୍ୟା ଗୋଟିଏ ରହିଥିବାବେଳେ କେତେକଙ୍କ ଚର୍ମରେ ଏହାର ସଂଖ୍ୟା ଖୁବ ଅଧିକ ଥାଏ । ସେହିଭଳି ବ୍ଲିଷ୍ଟର ଶରୀରର କେଉଁ ସ୍ଥାନରେ ବି ହୋଇପାରିବ । ଯଦି ସ୍କିନ୍‌ରେ ଅଧିକ ସଂଖ୍ୟାରେ ବ୍ଲିଷ୍ଟର ହେଉଛି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

**ହାଇଭ୍‌ସ–** ବେଳେବେଳେ ସ୍କିନ୍‌ରେ ଲାଲ ଲାଲ ହୋଇ ପ୍ୟାଚ୍ ସୃଷ୍ଟି ହୋଇଥାଏ । ଏହା କୁଣ୍ଡେଇ ହେବାସହିତ ଛୁଇଁଲେ କଷ୍ଟ ହୋଇଥାଏ । ସେହିଭଳି ଏହାର ଆକାର ମଧ୍ୟ ଭିନ୍ନ ଭିନ୍ନ ହୋଇଥାଏ । କେତେବେଳେ ରାଉଣ୍ଡ, ରିଙ୍ଗ୍ କିମ୍ବା ର୍ୟାଣ୍ଡମ୍ ହୋଇଥାଏ ।

# ଇତିହାସ

୧୭୮୨– ୧୮ଶହ ଶତାବ୍ଦୀର ମଧ୍ୟଭାଗର ବୀର ଯୋଦ୍ଧା ହାଇଦର ଅଲ୍ଲୀଙ୍କ ଦେହାନ୍ତ ।

୧୮୨୫ – ପ୍ରଥମ ବାଷ୍ପଚାଳିତ ଜାହାଜ ଏଣ୍ଟରପ୍ରାଇଜ୍ କୋଲକାତାରେ ପହଞ୍ଚିଲା ।

୧୮୫୬ – ଦେଶର ପ୍ରଥମକରି ଔପଚାରିକ ଭାବେ ହିନ୍ଦୁ ବିଧବାଙ୍କର ବିବାହ କରାଗଲା ।

୧୮୭୯ – ଭାରତୀୟ କ୍ରାନ୍ତିକାରୀ ଜତୀନ୍ଦ୍ରନାଥ ମୁଖାର୍ଜୀଙ୍କ ଜନ୍ମ ।

୧୯୧୭ – ଆମେରିକାର ପ୍ରଥମ ବିଶ୍ୱଯୁଦ୍ଧର ଅଂଶ ହେଲା ଏବଂ ଅଷ୍ଟ୍ରିଆ – ହଙ୍ଗେରୀ ଉପରେ ଆକ୍ରମଣ କଲା ।

୧୯୪୧ – ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଆମେରିକାର ପର୍ଲ ହାର୍ବର ଉପରେ ଆକ୍ରମଣ କଲା ।

୧୯୭୨ – ଚନ୍ଦ୍ରଅଭିଯାନ ଅନ୍ତର୍ଗତ ଆମେରିକା ତରଫରୁ ଆପୋଲୋ ୧୭ର ପ୍ରକ୍ଷେପଣ ।

୧୯୯୨ – ଦକ୍ଷିଣ ଆଫ୍ରିକାରେ ପ୍ରଥମଥର ପାଇଁ ୱାନଡେ ମ୍ୟାଚ୍ ଖେଳାଗଲା ।

୧୯୯୫ – ସଂଚାର ଉପଗ୍ରହ ଇନ୍‌ସଟ୍ –୨ସିର ପ୍ରକ୍ଷେପଣ କଲା ଭାରତ ।

୨୦୦୩ – ଛତିଶଗଡର ମୁଖ୍ୟମନ୍ତ୍ରୀ ରୂପେ ରମନ ସିଂ ଦାୟିତ୍ୱ ସମ୍ଭାଳିଲେ ।

## ସୋସିଆଲ କୋଟ୍ସ



ମୁଁ ଯେତେବେଳେ ଖୁବ କମ ବୟସର ଥିଲି ସେତେବେଳେ ସ୍କୁଲରୁ ଆସିବାବେଳେ ମୋ ସହିତ ହାରାସ୍‌ମେଣ୍ଟ ହୋଇଥିଲା । ହେଲେ ମୁଁ ସେତେବେଳେ ବହୁତ ଛୋଟ ଥିଲି, ତେଣୁ କିଛି କରିପାରି ନଥିଲି ।

**ସେଫାଲି ଶାହ, ଅଭିନେତ୍ରୀ**



ମୁଁ ଏବେ ମଧ୍ୟ ଭଲପାଇବା ଉପରେ ବିଶ୍ୱାସ ରଖିଛି । ତାଙ୍କ ପରେ ମଧ୍ୟ ମୋତେ ପ୍ରେମ ହୋଇଛି । ମିଡିଆ ଟ୍ରାଏଲ୍ କେବେ ବି କାହା ଉପରେ ଲାଗିଥିବା ଅଭିଯୋଗକୁ ପ୍ରମାଣ କରି ପାରିବ ନାହିଁ ।

**ସୁରଜ ପଞ୍ଚୋଲି, ଅଭିନେତା**



ମୋର ଓ ଗୋବିନ୍ଦାଙ୍କ ଭିତରେ ଡେବିଡ୍ ଧୱନ ଅନେକ ଭୁଲ ବୁଝାମଣା ସୃଷ୍ଟି କରିଦେଇଥିଲେ । ଗୋବିନ୍ଦାଙ୍କୁ ଲାଗୁଥିଲା କେବଳ ତାଙ୍କ କାରଣରୁ ମୋର ଫିଲ୍ମ ହିଟ୍ ହେଉଛି । ଯାହା ସତ୍ୟ ନଥିଲା ।

**ପହଲାଜ୍ ନିହଲାନି, ପ୍ରଯୋଜକ**

# ଚାଷ କରୁଛନ୍ତି ସୁନିତା

ମହାକାଶରେ ଦୀର୍ଘଦିନ ଧରି ଫସି ରହିଥିବା ସୁନିତା ଉଇଲିୟମ ବର୍ତ୍ତମାନ ପୁଣି ଚର୍ଚ୍ଚାକୁ ଆସିଛନ୍ତି । ମହାକାଶରେ ଥାଇ ସେ ନିଜର ବିଭିନ୍ନ ପରୀକ୍ଷଣ ଜାରି ରଖିଛନ୍ତି । ଯାହା କେବଳ ମହାକାଶ ନୁହେଁ ବରଂ ପୃଥିବୀର କୃଷିକ୍ଷେତ୍ର ପାଇଁ ମଧ୍ୟ ଲାଭଦାୟକ । ନିକଟରେ ସେ ରୋମାନିଆର ଲ୍ୟାଟୁସ୍ ପତ୍ରକୁ କିପରି ସ୍ପେସ୍‌ରେ ଚାଷ କରିହେବ ସେ ନେଇ ଗବେଷଣା କରିଛନ୍ତି । ଏହାକୁ ବିଭିନ୍ନ ପାଣିରେ କିଭଳି ବଞ୍ଚାଇହେବ ସେନେଇ ସୁନିତା ପରୀକ୍ଷଣ କରିଥିବା ଜଣାପଡିଛି । ସୁନିତାଙ୍କର ଏହି ପରୀକ୍ଷଣ ସ୍ପେସ୍ ଏଗ୍ରିକଲ୍ଚରକୁ ଆଉ ଏକ ଦିଗ ଦେବ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି । ଏହି ପରୀକ୍ଷାରେ କିଭଳି ଗୋଟିଏ ଗଛ ଉପରେ ଏହା ବଢୁଥିବା ପାଣିର ପ୍ରଭାବ ରହିଥାଏ ସେନେଇ ତର୍ଜମା କରାଯାଇଛି । ସ୍ପେସ ଛଡା ଏହା ପୃଥିବୀରେ ମଧ୍ୟ ସଷ୍ଟେନେବଲ ଏଗ୍ରିକଲ୍ଚର ଦିଗରେ କାର୍ଯ୍ୟ କରିବ ।





# ରିଅଲ ସାଣ୍ଟା

ଡିସେମ୍ବର ମାସ ଆସିଲେ ସମସ୍ତଙ୍କର ମନେ ପଡେ ସାଣ୍ଟାକ୍ଲଜ୍ କଥା । କ୍ରିସ୍‌ମାସ୍‌ରେ ସାଣ୍ଟାଙ୍କର କ୍ରେଜ ଦେଖିବାକୁ ମିଳେ । ଅନେକ ଲୋକ ଫ୍ୟାନ୍ସିଡ୍ରେସ ପିନ୍ଧିଲା ପରି ସାଣ୍ଟାଡ୍ରେସ ପିନ୍ଧି ବୁଲନ୍ତି । ତେବେ ସମସ୍ତେ ଭଲପାଉଥିବା ଏହି ଚରିତ୍ରଟି ପଛରେ ପ୍ରେରଣା କିଏ ତାହା ଆଜିଯାଏ ଜଣାପଡିନାହିଁ । ତେବେ ନିକଟରେ କିଛି ବୈଜ୍ଞାନିକ ଅସଲ ସାଣ୍ଟା କିଏ ଥିଲେ ତାହା ଖୋଜି ବାହାର କରିଛନ୍ତି । ଏଭଳି ଏକ ମୁହଁର ସନ୍ଧାନ କରିଛନ୍ତି, ଯାହା ସାଣ୍ଟା ପଛରେ ପ୍ରେରଣା । ଫରେନ୍ସିକ୍ ବିଜ୍ଞାନକୁ ବ୍ୟବହାର କରି ସେମାନେ ସେଣ୍ଟ୍ ନିକୋଲ୍ସଙ୍କ ମୁହଁକୁ ସାଣ୍ଟା କ୍ଲଜ୍‌ର ମୁହଁ ପଛରେ ପ୍ରେରଣା ବୋଲି ଦାବି କରିଛନ୍ତି । ସୂଚନା ଅନୁସାରେ ସେଣ୍ଟ୍ ନିକୋଲ୍ସ ହେଲେ ଅନେକବର୍ଷ ତଳର ଜଣେ ସନ୍ଥ ଯିଏ ଛୋଟ ପିଲାଙ୍କୁ ଉପହାର ଓ ଚକୋଲେଟ୍ ଦେବା ପାଇଁ ଫେମସଥିଲେ । ତେଣୁ ତାଙ୍କୁ ବର୍ତ୍ତମାନ ସାଣ୍ଟାକ୍ଲଜ୍‌ର ପ୍ରେରଣା ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି ।

# ୱିକେଣ୍ଡ ବ୍ୟାଗ୍

**ବର୍ତ୍ତମାନ ଲଙ୍ଗ ୱିକେଣ୍ଡ୍‌ର ଟାଇମ୍ ଚାଲିଛି । ତେଣୁ ଦିନେ ଦୁଇଦିନ ଛୁଟିରେ ଯିବା ପାଇଁ ୱିକେଣ୍ଡ୍ ବ୍ୟାଗ୍‌ର ଆବଶ୍ୟକତା ପଡୁଛି । ଆସନ୍ତୁ ଜାଣିବା ଟ୍ରେଣ୍ଡ୍‌ରେ ଥିବା କିଛି ୱିକେଣ୍ଡ୍ ବ୍ୟାଗ୍ ସମ୍ପର୍କରେ ।**



**ଲେଦର ୱିକେଣ୍ଡର–** ଏହା ୱିକେଣ୍ଡ୍‌ବ୍ୟାଗ୍ କଲେକ୍ସନ ଲିଷ୍ଟରେ ସବୁଠାରୁ ଆଗରେ ରହିଥାଏ । ସମସ୍ତେ ଏହାକୁ ବେଶ୍ ପସନ୍ଦ କରନ୍ତି । ଏଗୁଡିକ ଲେଦରରେ ପ୍ରସ୍ତୁତ କରାଯାଇଥାଏ ତେଣୁ ସେଗୁଡିକର ସେପ୍ ସହିତ ଲୁକ୍ ଖୁବ ସୁନ୍ଦର ହୋଇଥାଏ । ଏଗୁଡିକ ୱିକେଣ୍ଡ୍ ଟ୍ରିପ୍ ପାଇଁ ଖୁବ ଭଲ ଅପସନ୍ ହୋଇଥାଏ । ଏଥିରେ ସବୁ ପ୍ରକାର ଜିନିଷ ଆରାମରେ ଫିଟ୍ ହୋଇଯାଇଥାଏ ।

**ଡଫଲ୍ ବ୍ୟାଗ୍–** ଯଦି ଆପଣ ଚକାଲଗା ୱିକେଣ୍ଡ୍ ବ୍ୟାଗ ଚାହୁଁଛନ୍ତି, ତେବେ ଡଫଲ୍ ବ୍ୟାଗ ଆପଣଙ୍କ ପାଇଁ ବେଷ୍ଟ ଅପସନ୍ ରହିବ । ଏଥିରେ ମଧ୍ୟ ଖୁବ ଅଧିକ ସ୍ପେସ୍ ମିଳିଥାଏ ଜିନିଷ ରଖିବାକୁ । ଏହାର ଡିଜାଇନ୍ ବେଶ୍ ହ୍ୟାଣ୍ଡି ହୋଇଥାଏ । ଦେଖିବାକୁ ଖୁବ କ୍ୟୁଟ୍ ହୋଇଥାଏ ଏହି ଡଫଲ୍ ବ୍ୟାଗ୍ ।

**ରୋଲର ବ୍ୟାଗ୍–** ରୋଲର ବ୍ୟାଗ୍ ନିଜର ୱେଦର ରେଜିଷ୍ଟାନ୍ସ ପାଇଁ ପରିଚିତ । ଏହାର ଡିଜାଇନ୍ ଭିଣ୍ଟେଜ ହୋଇଥିବାରୁ ବ୍ୟାଗଟି ବେଲ୍ କ୍ଲାସି ଦେଖାଯାଇଥାଏ । ଏହାର ହ୍ୟାଣ୍ଡେଲ୍ ଓ ଷ୍ଟିଚିଂ ଖୁବ ମଜବୁତ ଥାଏ । ଏଥିରେ ଆପଣ ନିଜର ଦରକାରୀ ସାମଗ୍ରୀକୁ ଖୁବ ସହଜରେ ପ୍ୟାକ କରିପାରିବେ । ଏହାର ଲୁକ୍ ବେଶ୍ ଜେଣ୍ଟିଲ୍ ହୋଇଥାଏ, ତେଣୁ ଏହାକୁ ୱିକେଣ୍ଡ୍ ବ୍ୟାଗ ଲିଷ୍ଟରେ ସବୁଠାରୁ ଆଗରେ ରଖନ୍ତୁ ।



**ବ୍ରିଫ୍ କେସ୍–** ୱିକେଣ୍ଡ୍ ବ୍ୟାଗ ତାଲିକାରେ ବ୍ରିଫ୍ କେସ୍ ବର୍ତ୍ତମାନ ଟ୍ରେଣ୍ଡରେ ରହୁଛି । ଏହା ଖୁବ ପୁରୁଣା ହେଲେ ମଧ୍ୟ ଏବେ ଲୋକମାନେ ଏହାକୁ ବ୍ୟବହାର କରିବାକୁ ପସନ୍ଦ କରୁଛନ୍ତି । ବର୍ତ୍ତମାନ ବଜାରରେ ଏହାର ଅନେକ ପ୍ରକାର ମିଳୁଛି, ଯାହାକୁ ଆପଣୱିକେଣ୍ଡ୍ ବ୍ୟାଗ ଭାବେ ବ୍ୟବହାର କରିପାରିବେ ।



# ଦୀପିକାଙ୍କୁ ପକାଇଲେ ପଛରେ

ନିକଟରେ ପ୍ରକାଶ ପାଇଛି ଆଇଏମ୍‌ଡିବି ଲିଷ୍ଟ, ଯେଉଁଥିରେ ମୋଷ୍ଟ ପପୁଲାର ସେଲିବ୍ରିଟିଙ୍କ ନାଁ ବାହାରିଛି। ଏହି ତାଲିକାରେ ୧୦ ଜଣ ସେଲିବ୍ରିଟିଙ୍କ ନାଁ ସାମିଲ ଅଛି ଯେଉଁମାନେ କୌଣସି ନା କୌଣସି ଗ୍ରାଉଣ୍ଡରେ କିଛି ହାସିଲ କରିବା ସହିତ ବର୍ଷସାରା ଚର୍ଚ୍ଚାରେ ରହିଛନ୍ତି । ୨୦୨୩ରେ ବାହାରିଥିବା ଏହି ତାଲିକାରେ ଶାହରୁଖ ଖାନ୍ ଟପ୍ କରିଥିଲେ । ହେଲେ ଚଳିତ ଥର ତାଲିକା ସମସ୍ତଙ୍କୁ ଚକିତ କରିଛି । ଏହି ତାଲିକାରେ ଟପ୍ କରିଛନ୍ତି ଅଭିନେତ୍ରୀ ତ୍ରିପ୍ତି ଡିମିରି । ଯିଏ ସମସ୍ତଙ୍କୁ ପଛରେ ପକାଇ ଏହି ଲିଷ୍ଟର ଟପ୍‌ରେ ପହଞ୍ଚିଛନ୍ତି । ଏହି ତାଲିକାରେ ଦ୍ୱିତୀୟରେ ଅଛନ୍ତି ଦୀପିକା ପାଦୁକୋନ୍ । ସେହିଭଳି ତୃତୀୟ ସ୍ଥାନରେ ଅଛନ୍ତି ଇଶାନ୍ ଖଟ୍ଟର ରହିଥିବାବେଳେ ଚତୁର୍ଥ ସ୍ଥାନରେ ଶାହରୁଖ ଖାନ୍, ପଞ୍ଚମ ସ୍ଥାନରେ ଶୋଭିତା ଧୁଲିପାଲା ରହିଛନ୍ତି । ଏହି ଲିଷ୍ଟରେ ସାମିଲ ଥିବା ଷ୍ଟାରମାନଙ୍କର ଏହି ବର୍ଷ କିଛି ନା କିଛି ବିଗ୍ ପ୍ରୋଜେକ୍ଟ ପରଦାକୁ ଆସିଛି । ଯେଉଁ କାରଣରୁ ଏହି ଷ୍ଟାରମାନେ ଏହି ଲିଷ୍ଟରେ ସାମିଲ ହୋଇଛନ୍ତି ।



## ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଖୋ-ଖୋ

# କିଟ୍ ଚାମ୍ପିଅନ୍




ବାଲେଶ୍ୱର,୬।୧୨(ସବ୍ୟୁ): ବାଲେଶ୍ୱରର ଫକୀରମୋହନ ବିଶ୍ୱବିଦ୍ୟାଳୟରେ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଖୋ ଖୋ ଚାମ୍ପିଅନ୍‌ସିପ୍ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ କିଟ୍ ଖୋ ଖୋ ପୁରୁଷ ଦଳ ଚାମ୍ପିଅନ୍ ହୋଇଛି । ହେମଚାନ୍ଦ ଯାଦବ ବିଶ୍ୱବିଦ୍ୟାଳୟ (ଦୁର୍ଗ) ରନର୍ସଅପ୍ ରାୟପୁରର ରବି ଶଙ୍କର ଶୁକ୍ଳା ବିଶ୍ୱବିଦ୍ୟାଳୟ ତୃତୀୟ ଏବଂ ସମ୍ବଲପୁରର ଗଙ୍ଗାଧରମେହେର ବିଶ୍ୱବିଦ୍ୟାଳୟ ଚତୁର୍ଥ ସ୍ଥାନ ଅଧିକାର କରିଛି । ଏହି ୪ଟି ଯାକ ଦଳ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ୍ ଖୋ ଖୋ ପୁରୁଷ ଚାମ୍ପିଅନ୍‌ସିପ୍ ନିମନ୍ତେ ଯୋଗ୍ୟତା ଅର୍ଜନ କରିଛନ୍ତି । ଏହି ପ୍ରତିଯୋଗିତା ମାଙ୍ଗାଲୋର ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ହେବ ।

ଗତକାଲି ସମସ୍ତ ନକ ଆଉଟ ଓ ଲିଗ୍ ମ୍ୟାଚ ଖେଳାଯାଇ ଫଳାଫଳ ଘୋଷିତ କରାଯାଇଥିଲା । ଯୋଗ୍ୟବିବେଚିତ ୪ ଟି ଦଳ ଯଥାକ୍ରମେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ପଣ୍ଡିତ ରବିଶଙ୍କର ବିଶ୍ୱବିଦ୍ୟାଳୟ,ଛତିଶଗଡ, ହେମଚାନ୍ଦ ଯାଦବ ବିଶ୍ୱବିଦ୍ୟାଳୟ, ଛତିଶଗଡ ଓ କିଟ୍ ବିଶ୍ୱବିଦ୍ୟାଳୟ,ଭୁବନେଶ୍ୱର ମଧ୍ୟରେ କ୍ୱାଲିଫାୟର ମ୍ୟାଚ ଶେଷଦିନରେ ଖେଳାଯାଇଥିଲା । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ତଥା ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ଡ଼କ୍ଟର ପବିତ୍ର ମୋହନ ନାୟକ, ଉପନିର୍ଦ୍ଦେଶକ ଡ଼କ୍ଟର ଅମିତ କୁମାର ଶର୍ମା, ପି.ଇ.ଓ ସଂଗ୍ରାମ ବିଶୋଇଙ୍କ ଉପସ୍ଥିତିରେ ଏହି ଚାରି ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା। ଏଥିସହ ଟୁର୍ନାମେଣ୍ଟର ସମସ୍ତ ମ୍ୟାଚରେ ରେଫରୀ ଦାୟିତ୍ୱ ନିର୍ବାହ କରିଥିବା ୨୫ ଜଣ ରେଫରୀଙ୍କୁ କୁଳପତି ପ୍ରଫେସର ତ୍ରିପାଠୀ ସମ୍ମାନିତ କରିଥିଲେ ତଥା ଖେଳାଳିମାନଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇ ଖେଳୁଆଡ ମନୋଭାବ ନେଇ ଟୁର୍ଣ୍ଣାମେଣ୍ଟକୁ ସଫଳତାର ସହ ସମ୍ପାଦନ କରାଯିବା ପାଇଁ ଅଭିନନ୍ଦନ ଜଣାଇଥିଲେ । ଉପସ୍ଥିତ ସମସ୍ତ ଅତିଥିଗଣ ବିଜୟୀ ଦଳଗୁଡିକୁ ଉଜ୍ଜ୍ୱଳ ଭବିଷ୍ୟତର ଶୁଭେଚ୍ଛା ଜଣାଇଥିଲେ ଏବଂ ସର୍ବ ଭାରତୀୟ ସ୍ତରରେ ଖେଳାଯିବାକୁ ଥିବା ମ୍ୟାଚ ଗୁଡିକ ପାଇଁ ନିଜର ସର୍ବୋତ୍କୃଷ୍ଟ ପ୍ରଦର୍ଶନ କରିବା ପାଇଁ ଉତ୍ସାହିତ କରିଥିଲେ ।

# ଦିବାରାତ୍ର ଟେଷ୍ଟରେ ଭାରତ ଘାଇଲା

ଆଡିଲେଡ୍,୬।୧୨(ଏଜେନ୍ସି): ପର୍ଥ ଟେଷ୍ଟରେ ଐତିହାସିକ ବିଜୟ ହାସଲ କରିଥିବା ଭାରତୀୟ ଦଳ ଦିବାରାତ୍ର ଟେଷ୍ଟର ପ୍ରଥମ ଦିନରେ ଘାଇଲା ହୋଇଛି । ପିଙ୍କ ବଲରେ ଖେଳା ଯାଉଥିବା ବର୍ଡର-ଗାଭାସ୍କର ଟ୍ରଫିର ଦ୍ୱିତୀୟ ଟେଷ୍ଟରେ ଅଷ୍ଟ୍ରେଲିଆ ନିଜର ଦବଦବା ଜାହିର କରିଛି ।

ପ୍ରଥମେ କଙ୍ଗାରୁ ଟିମ ବୋଲିଂରେ କମାଲ କରି ଭାରତକୁ ୧୮୦ ରନରେ ଅଲଆଉଟ କରି ଦେଇଥିଲା । ଅଭିଜ୍ଞ ବାମହାତୀ ଦ୍ରୁତ ବୋଲର ମିଚେଲ ଷ୍ଟାର୍କ ୪୮ ରନରେ ୬ ୱିକେଟ ନେଇ ଭାରତୀୟ ଟିମକୁ ବ୍ୟାକଫୁଟକୁ ଠେଲି ଦେଇଥିଲେ । ଏହା ତାଙ୍କ ଟେଷ୍ଟ କ୍ୟାରିୟରର ସର୍ବଶ୍ରେଷ୍ଠ ପ୍ରଦର୍ଶନ । ସ୍କଟ ବୋଲାଣ୍ଡ ଓ ପାଟ କମିନ୍ସ ମଧ୍ୟ ଦୁଇଟି ୱିକେଟ ପାଇଥିଲେ ।

ଭାରତୀୟ ଇନିଂସ ୧୮୦ ରନରେ ଅଟକିବା ପରେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ଆରମ୍ଭ କରିଥିଲା । ଦଳ ପ୍ରଥମ ଦିନରେ ୩୩ ଓଭର ବ୍ୟାଟିଂ କରିଥିଲେ ହେଁ ଭାରତୀୟ ବୋଲର କେବଳ ଗୋଟିଏ ୱିକେଟ ହାସଲ କରିଛନ୍ତି । ୩୩ ଓଭରରେ ଅଷ୍ଟ୍ରେଲିଆ ଗୋଟିଏ ୱିକେଟ ହରାଇ ୮୬ ରନ କରି ନେଇଛି । ଅଷ୍ଟ୍ରେଲିଆ ଏବେ ଭାରତର ପ୍ରଥମ ଇନିଂସ ସ୍କୋର ଠାରୁ ମାତ୍ର ୯୪ ରନ ପଛରେ ଥିବା ବେଳେ ହାତରେ ଆହୁରି ୯ଟି ୱିକେଟ ବାକି ରହିଛି ।

ପ୍ରଥମ ଦିନର ଷ୍ଟମ୍ପ ଅପସାରଣ ବେଳକୁ ନବାଗତ ନାଥନ ମ୍ୟାକସ୍ୱିନୀ ୩୮ ରନ ଓ ମାର୍ନସ ଲାବୁଶେନ ୨୦ ରନ କରି ଅପରାଜିତ ରହିଛନ୍ତି । ଉଭୟ ଶନିବାର ପୁଣି ଅଷ୍ଟ୍ରେଲିଆର ଇନିଂସକୁ ଆଗକୁ ନେବେ । ଅଷ୍ଟ୍ରେଲିଆ କେବଳ ଉସମାନ ଖୱାଜା(୧୩)ଙ୍କୁ ହରାଇଛି । ତାଙ୍କୁ ଯଶପ୍ରୀତ ବୁମରା ଆଉଟ କରିଛନ୍ତି ।




ଦଳୀୟ ସ୍କୋର ୨୪ ଥିବା ବେଳେ ଖୱାଜା ଆଉଟ ହୋଇଥିଲେ । ଏହାପରେ ଲାବୁଶେନ ଓ ମ୍ୟାକସ୍ୱିନୀ ୱିକେଟ ରଖିବା ସହ ରନ ମଧ୍ୟ ହାସଲ କରିଥିଲେ । ଏହି ଯୋଡ଼ିକୁ ଭାଙ୍ଗିବା ପାଇଁ ରୋହିତ ଶର୍ମା ବୋଲିଂ ଏଣ୍ଡରେ ବାରମ୍ବାର ପରିବର୍ତ୍ତନ କରିଥିଲେ ହେଁ ସୁଫଳ ମିଳି ନଥିଲା ।

ବୁମରା, ମହମ୍ମଦ ସିରାଜ, ହର୍ଷିତ ରାଣା ଓ ନୀତୀଶ କୁମାର ରେଡ୍ଡୀ ୱିକେଟ ନେବାକୁ ଚେଷ୍ଟା କରିଥିଲେ ହେଁ ସଫଳ ହୋଇ ପାରି ନାହାନ୍ତି । ଦିବାରାତ୍ର ଟେଷ୍ଟରେ ସୁଯୋଗ ପାଇଥିବା ରବିଚନ୍ଦ୍ରନ ଅଶ୍ୱିନ କେବଳ ଗୋଟିଏ ଓଭର ବୋଲିଂ କରିଛନ୍ତି । ଭାରତୀୟ ଇନିଂସ୍ ଆରମ୍ଭରୁ ଖରାପ ଥିଲା । ଖାସ୍‌କରି ମିଚେଲ ଷ୍ଟାର୍କ ନିଜ କ୍ୟାରିୟରର ଶ୍ରେଷ୍ଠ ପ୍ରଦର୍ଶନ ସହ ୪୮ ରନରେ ୬ ୱିକେଟ ନେଇ ଭାରତକୁ ବ୍ୟାକଫୁଟକୁ ଠେଲି ଦେଇଥିଲେ । ଭାରତ ପକ୍ଷରୁ ନୀତୀଶ କୁମାର ରେଡ୍ଡୀ ସର୍ବାଧିକ ୪୨ ରନର ଇନିଂସ ଖେଳିଛନ୍ତି । ପର୍ଥ ଟେଷ୍ଟର ଦ୍ୱିତୀୟ ଇନିଂସରେ ଶତକ ମାରିଥିବା ବିରାଟ କୋହଲି ଓ ଯଶସ୍ୱୀ ଜୈସୱାଲ ଯଥାକ୍ରମେ ୭ ଓ ଶୂନ କରିଛନ୍ତି । ପ୍ରଥମ ଟେଷ୍ଟ ଖେଳୁ ନଥିବା ଅଧିନାୟକ ରୋହିତ ଶର୍ମା କମବ୍ୟାକ ମ୍ୟାଚରେ କେବଳ ୩ ରନ କରିବାକୁ ସକ୍ଷମ ହୋଇଛନ୍ତି ।

କେଏଲ ରାହୁଲ ୩୭ ଓ ଶୁଭମନ ଗିଲ ୩୧ ରନ କରିଥିଲେ ହେଁ ବଡ଼ ସ୍କୋର କରିବାକୁ ସକ୍ଷମ ହୋଇ ନାହାନ୍ତି । ଋଷଭ ପନ୍ତ କିଛି ବଡ଼ ଶଟ ଖେଳିଥିଲେ ହେଁ କେବଳ ୨୧ ରନ କରିପାରିଛନ୍ତି ।

୧୦୦ ରନ ପୂର୍ବରୁ ୫ ୱିକେଟ ହରାଇ ସଙ୍କଟରେ ପଡ଼ିଥିବା ଭାରତୀୟ ଟିମ ଶେଷରେ ୧୮୦ ରନରେ ଅଲଆଉଟ ହୋଇଯାଇଛି । ୧୦୯ରେ ଭାରତ ୬ଷ୍ଠ ୱିକେଟ ହରାଇଥିଲା । ଶେଷ ଭାଗରେ ନୀତୀଶ କୁମାର କିଛି ବଡ଼ ଶଟ ଖେଳିବାରୁ ସ୍କୋର ୧୮୦ ଛୁଇଁ ପାରିଥିଲା । ସେ ଟିମର ଶେଷ ବ୍ୟାଟର ଭାବେ ୪୨ ରନ କରି ଷ୍ଟାର୍କଙ୍କ ୬ଷ୍ଠ ଶିକାର ବନିଥିଲେ ।

ଏହାପୂର୍ବରୁ ଷ୍ଟାର୍କ ଆଡିଲେଡ ଟେଷ୍ଟର ପ୍ରଥମ ବଲରେ ହିଁ ପର୍ଥ ଟେଷ୍ଟା ଶତକବୀର ଯଶସ୍ୱୀ ଜୈସୱାଲଙ୍କୁ ଆଉଟ କରିଥିଲେ । କେଏଲ ରାହୁଲ, ବିରାଟ କୋହଲି, ରବିଚନ୍ଦ୍ରନ ଅଶ୍ୱିନ ଓ ହର୍ଷିତ ରାଣାଙ୍କ ୱିକେଟ ମଧ୍ୟ ଷ୍ଟାର୍କ ନେଇଛନ୍ତି ।

ଷ୍ଟାର୍କଙ୍କ ବ୍ୟତୀତ ସିରିଜରେ ପ୍ରଥମ ମ୍ୟାଚ ଖେଳୁଥିବା ସ୍କଟ ବୋଲାଣ୍ଡ ଓ ଅଧିନାୟକ ପାଟ କମିନ୍ସ ମଧ୍ୟ ୨ଟି ଲେଖାଏ ସଫଳତା ପାଇଛନ୍ତି ।

# ଜିଲ୍ଲାସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ




କେନ୍ଦ୍ରାପଡ଼ା,୬।୧୨ (ସବ୍ୟୁ): କେନ୍ଦ୍ରାପଡା ଜିଲ୍ଲା କ୍ରିକେଟ୍ ଆସୋସିଏସନ ତରଫରୁ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍‌ରେ ଓସିଏ ଦ୍ୱାରା ଆୟୋଜିତ ଜିଲ୍ଲାସ୍ତରୀୟ ଆନ୍ତଃ କ୍ଲବ ସୁପର ଲିଗ୍ ମ୍ୟାଚ୍ ହୋଇଯାଇଛି । ଜିଲ୍ଲା ସଂଘ ସମ୍ପାଦକ ଶୁଭାଶୀଷ ସେନାପତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କାଉନସିଲର ତଥା ଯୁବ ନେତା ରଞ୍ଜିତ କୁମାର ସାହୁ, ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡା ଜିଲ୍ଲା ବିଜେପି ଯୁବନେତା ତଥା ଏମ୍‌ପିଙ୍କ ପ୍ରତିନିଧି ସଲିମ ଖାନ ଏବଂ କାଉନସିଲର ତଥା ସମାଜସେବୀ କାଳୀପ୍ରସାଦ ମିଶ୍ର ଉପସ୍ଥିତ ରହି ଟୁର୍ଣ୍ଣାମେଣ୍ଟକୁ ଉଦ୍ଘାଟିତ କରି କହିଥିଲେ ଯେ ଏହି ଟୁର୍ଣ୍ଣାମେଣ୍ଟ କେନ୍ଦ୍ରାପଡା ଜିଲ୍ଲାର ପ୍ରତିଭାବାନ କ୍ରିକେଟ୍ ଖେଳାଳିଙ୍କୁ ରାଜ୍ୟ ଓ ରାଜ୍ୟ ବାହାରେ ପରିଚିତ କରିବା ପାଇଁ ସହାୟକ ହେବ । ଏହି ଟୁର୍ଣ୍ଣାମେଣ୍ଟଟି ଡିସେମ୍ବର ୬ ତାରିଖରୁ ଆରମ୍ଭ ହୋଇ ୨୯ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଏଥିରେ ଜିଲ୍ଲାରୁ ୧୦ଟି କ୍ରିକେଟ୍ କ୍ଲବ ଭାଗ ନେଇଛନ୍ତି । ଆଜି ଉଦ୍ଘାଟନୀ ଉତ୍ସବରେ ପଞ୍ଚୁପାଣ୍ଡବ କ୍ରିକେଟ୍ କ୍ଲବ ଓ କେନ୍ଦ୍ରାପଡା ଲାୟନ୍‌ସ କ୍ରିକେଟ୍ କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଏଥିରେ କେନ୍ଦ୍ରାପଡା ଲାୟନ୍‌ସ କ୍ଲବ ବିଜୟ ଲାଭ କରିଥିଲା । ଆଜିର ଏହି ଖେଳକୁ ବିଶ୍ୱଜିତ ଅଧିକାରୀ ଓ ବାବୁ ପଣ୍ଡା ଅମ୍ପାୟାର ଭାବେ ଯୋଗ ଦେଇ ଖେଳ ପରିଚାଳନା କରିଥିଲେ । ଏହି ଅବସରରେ ଅତିଥିମାନେ ଷ୍ଟାଡିୟମ ପରିସରରେ ବିଭିନ୍ନ ବୃକ୍ଷ ରୋପଣ କରିଥିଲେ । ଜିଲ୍ଲା କ୍ରିକେଟ୍ ସଂଘର ସମସ୍ତ ସଭ୍ୟ ଆକବର ଅଲ୍ଲୀ ଚନ୍ଦନ, ସୁବାଷ ସାହୁ, ବରଦାକାନ୍ତ ବରାଳ, ନିରଞ୍ଜନ ପତ୍ରୀ, ପ୍ରଫୁଲ୍ଲ ମଲ୍ଲିକ, ସମୀର ମହାପାତ୍ର, ଦୀପକ ବାରିକ, ସତ୍ୟପ୍ରକାଶ ତ୍ରିପାଠୀ, ହରିଶ କର, ଜଗନ୍ନାଥ ସାହୁ, ଜ୍ୟୋତି ଶତପଥୀ, ଚିରଞ୍ଜିବ ବଳ, ହରିହର ବେହେରା, ଅନୁପ ରାଉତ, ଅସିତ ଦାସ ପ୍ରମୁଖଙ୍କ ସହଯୋଗରେ ସଫଳତାର ସହ ଏହାକୁ ଉଦ୍ଘାଟନ କରାଯାଇଥିଲା । ଏହି ୧୦ଟି ଦଳ ମଧ୍ୟରୁ ଭଲ ପ୍ରଦର୍ଶନ କରିଥିବା ୩୦ ଖେଳାଳିଙ୍କୁ ଓଡିଶା କ୍ରିକେଟ୍ ଆସୋସିଏସନ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ସୁଯୋଗ ଦେବ ବୋଲି ଜିଲ୍ଲା ସମ୍ପାଦକ ଶୁଭାଶୀଷ ସେନାପତି ସୂଚନା ଦେଇଛନ୍ତି । ଏହି ପ୍ରତିଯୋଗିତାରେ ବାଲାବାବା କ୍ରିକେଟ୍ କ୍ଲବ, ଆଳି କ୍ରିକେଟ୍ କାଉନସିଲ, ୧୧-ଷ୍ଟାର କ୍ରିକେଟ କ୍ଲବ, ଗୋପବନ୍ଧୁ କ୍ରିକେଟ୍ କ୍ଲବ, କେନ୍ଦ୍ରାପଡା ଟାଇଗର୍‌ସ୍, କ୍ଷେତ୍ରପାଳ ସ୍ପୋର୍ଟିଂ ୟୁନିୟନ, ପଞ୍ଚୁପାଣ୍ଡବ କ୍ରିକେଟ୍ କ୍ଲବ, କେନ୍ଦ୍ରାପଡା ଲାୟନ୍‌ସ, ବିଶ୍ୱାସ କ୍ଲବ, ନେତାଜୀ ୟୁଥ୍ କ୍ଲବ ଭାଗ ନେଇଛନ୍ତି ।

## ସର୍ବଭାରତୀୟ ବେସାମାରିକ କବାଡି ପ୍ରତିଯୋଗିତା

# ରବିବାର ଖେଳାଳି ଚୟନ

ଭୁବନେଶ୍ୱର,୬।୧୨ (ସବ୍ୟୁ): ନୂଆଦିଲ୍ଲୀରେ ଠାରେ ହେବାକୁଥିବା ସର୍ବଭାରତୀୟ ବେସାମାରିକ କବାଡି ପ୍ରତିଯୋଗିତା ପାଇଁ ଖେଳାଳି ଚୟନ ହେବ । ପ୍ରତିଯୋଗିତା ପାଇଁ କେବଳ ନିୟମିତ ସରକାରୀ ଚାକିରିରେ ଥିବା ବ୍ୟକ୍ତିମାନେ ଭାଗ ନେଇପାରିବେ । ଏଥିପାଇଁ ଖେଳାଳି ଚୟନ ଭୁବନେଶ୍ୱର ସ୍ଥିତ ଲୋକସେବା ଭବନ ଗେଟ୍ ନଂ.୫ ପାଖ ପଡ଼ିଆରେ ହେବ । ଖେଳାଳି ଚୟନ ସମୟରେ ନିଜର ସେବା ପୁସ୍ତିକାର ପ୍ରଥମ ପୃଷ୍ଠା ଏବଂ ବିଭାଗ/ଅଫିସର ପରିଚୟ ପତ୍ର ସହ ଏକ ପାସପୋର୍ଟ ସାଇଜ ଫଟୋ ଏବଂ ନିଜ ଅଫିସରୁ ନୋ ଅବଜେକସନ୍ ସାର୍ଟିଫିକେଟ୍ (ଏଲ୍‌ଓସି) ସାଙ୍ଗରେ ଆଣି ଚୟନ ପ୍ରକ୍ରିୟାରେ ଭାଗ ନେଇ ପାରିବେ । ଅଧିକ ବିବରଣୀ ପାଇଁ ସାଧାରଣ ସମ୍ପାଦକ ହରପ୍ରସାଦ ବିଶ୍ୱାଳ (୯୪୩୭୨୨୮୬୮୭)ଙ୍କୁ ଯୋଗାଯୋଗ କରିପାରିବେ । ସର୍ବଭାରତୀୟ ବେସାମାରିକ କବାଡି ପ୍ରତିଯୋଗିତା ଜାନୁଆରୀ ୩ରୁ ୮ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଆୟୋଜିତ ହେବ ।

# ଜୁନିୟର ଏସିଆ କପ: ଭାରତ-ବାଂଲାଦେଶ ଫାଇନାଲ

ଶାରଜା,୬।୧୨(ଏଜେନ୍ସି): ୧୯ ବର୍ଷରୁ କମ ଏସିଆ କପ କ୍ରିକେଟ ଫାଇନାଲରେ ଭାରତ ପ୍ରବେଶ କରିଛି । ଟାଇଟଲ ମୁକାବିଲାରେ ବାଂଲାଦେଶକୁ ଭେଟିବ ଭାରତ । ଶୁକ୍ରବାର ଖେଳାଯାଇଥିବା ସେମିଫାଇନାଲ ମ୍ୟାଚରେ ଭାରତ ୭ ୱିକେଟରେ ଶ୍ରୀଲଙ୍କାକୁ ଧରାଶାୟୀ କରିଛି । ବୈଭବ ସୂର୍ଯ୍ୟବଂଶୀ ଆକର୍ଷଣୀୟ ଅର୍ଦ୍ଧଶତକ ହାସଲ କରିଥିଲେ । ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂ କରି ୪୬.୨ ଓଭରରେ ୧୭୩ ରନ କରି ଅଲଆଉଟ ହୋଇ ଯାଇଥିଲା । ଲାକଭିନ ଆବେସିଂ ସର୍ବାଧିକ ୬୯ ରନ କରିଥିଲେ । ଭାରତ ପକ୍ଷରୁ ଚେତନ ଶର୍ମା ୩ଟି ୱିକେଟ ଅକ୍ତିଆର କରିଥିଲେ । ୧୭୪ ରନର ଟାର୍ଗେଟକୁ ଭାରତ ୨୧.୪ ଓଭରରେ ପୂରଣ କରି ନେଇଥିଲା ।



ବୈଭବ ସୂର୍ଯ୍ୟବଂଶୀ ଓ ଆୟୁଷ ମାହାତ୍ରେ ପ୍ରଥମ ୱିକେଟରେ ୯୧ ରନ ଯୋଡି ଥିଲେ । ଆୟୁଷ ୩୪ ରନ କରି ଆଉଟ ହୋଇଥିଲେ । ମହମ୍ମଦ ଆମନ ଓ କେପି କାର୍ତ୍ତିକେୟ ୨୫ ଓ ୧୧ ରନ କରି ଅପରାଜିତ ରହିଥିଲେ । ବୈଭବ ୩୬ ବଲରୁ ୬ ଚୌକା ଓ ୫ଛକା ସହାୟତାରେ ୬୭ ରନ କରି ଆଉଟ ହୋଇଥିଲେ । ପ୍ରଭାବର ପ୍ରଦର୍ଶନ ପାଇଁ ବୈଭବ ପ୍ଲେୟାର ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ଅନ୍ୟ ଏକ ମୁକାବିଲାରେ ପାକିସ୍ତାନକୁ ୭ ୱିକେଟରେ ହରାଇ ବାଂଲାଦେଶ ଟାଇଟଲ ମୁକାବିଲାରେ ଅବତୀର୍ଣ୍ଣ ହୋଇଛି । ଭାରତ ଓ ବାଂଲାଦେଶ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯିବ ।

# ଖୋ ଖୋ ବିଶ୍ୱକପ୍ ଟିମ୍‌ରେ ସ୍ଥାନ ପାଇବା ଲକ୍ଷ୍ୟରେ ଆଦିତ୍ୟ

ଭୁବନେଶ୍ୱର,୬।୧୨ (ସବ୍ୟୁ): ଖୋ ଖୋ ବିଶ୍ୱକପ୍-୨୦୨୫ ଖୁବ୍ ଶୀଘ୍ର ଆରମ୍ଭ ହେବାକୁଯାଉଛି । ଖେଳାଳିଙ୍କ ଠାରୁ ଆରମ୍ଭ କରି ପ୍ରଶଂସକଙ୍କ ପର୍ଯ୍ୟନ୍ତ ସମସ୍ତେ ଏହି ଟୁର୍ଣ୍ଣାମେଣ୍ଟକୁ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି । ଉଦୀୟମାନ ଖୋ ଖୋ ଖେଳାଳି ଆଦିତ୍ୟ ଗଣପୁଲେ ମଧ୍ୟ ବିଶ୍ୱବ୍ୟାପୀ ଖୋ ଖୋକୁ ଲୋକପ୍ରିୟ କରିବା ଦିଗରେ ଏହି ଐତିହାସିକ ପଦକ୍ଷେପ କରିବା ଦିଗରେ ବିଶ୍ୱକପ୍‌ର ଅଂଶ ହେବା ପାଇଁ ଉତ୍ସାହିତ ଅଛନ୍ତି । ବିଶ୍ୱକପ୍ କିଭଳି ଖେଳାଳିଙ୍କୁ ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବା ଦିଗରେ ସାହାଯ୍ୟ କରି ପାରିବ ସେ ସମ୍ପର୍କରେ ଯୁବ ଖେଳାଳି ଆଦିତ୍ୟ ଗଣପୁଲେ କହିଛନ୍ତି, ଖୋ ଖୋ ବିଶ୍ୱକପ୍ ଆମମାନଙ୍କ ପାଇଁ ବଡ଼ କଥା । ସୁଧାଂଶୁ ମିତଲ ସାର ଓ ଏମ୍‌ଏସ୍ ତ୍ୟାଗୀ ସାର ବିଶ୍ୱକପ୍‌କୁ ପରିଚାଳନା କରିବା ପାଇଁ ବାସ୍ତବରେ ଖୁବ୍ କଠିନ ପରିଶ୍ରମ କରିଛନ୍ତି । ଆମର କ୍ରୀଡା ମଧ୍ୟ ମାଟିରୁ ମାତକୁ ପ୍ରୋତ୍ସାହିତ କରୁଛି । ଏବେ ଖୋ ଖୋରେ ଭବିଷ୍ୟତ ରହିଛି ।

ଉଭୟ ଭାଇ କ୍ରୀଡା କୋଟାରେ ରେଳ ବିଭାଗରେ କାର୍ଯ୍ୟରତ ଅଛନ୍ତି । କ୍ରୀଡା ଓ ସଂଘ ଆଦିତ୍ୟ ଓ ତାଙ୍କ ପରିବାରକୁ ଏକ ଉତ୍ତମ ଜୀବନ ଶୈଳୀ ପ୍ରଦାନ କରିବାରେ ବଡ଼ ଭୂମିକା ଗ୍ରହଣ କରିଛି । ପୂର୍ବରୁ ଖବର କାଗଜ ବିକ୍ରି କରୁଥିବା ବାପା ଏବେ ଦୋକାନଟିଏ କରିଛନ୍ତି ।

ତାଙ୍କର କ୍ରୀଡା କ୍ୟାରିୟର ପ୍ରତି ପରିବାର ସହଯୋଗ ସମ୍ପର୍କରେ ଆଦିତ୍ୟ କହିଛନ୍ତି । ମୋ ପାଖରେ ପରିବାରର ସମର୍ଥନ ରହିଛି । ପୂର୍ବରୁ ଷଷ୍ଠରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ାରେ ଧ୍ୟାନ ଦେବାକୁ କହୁଥିଲେ । ଶିକ୍ଷା ସହ ସମାନ ରୂପେ ଖେଳକୁ ଗୁରୁତ୍ୱ ଦେବା ପାଇଁ କହି ଆସୁଥିଲେ । ଯେତେବେଳେ ନବମ ଶ୍ରେଣୀରେ ମୁଁ ସବ୍‌ଜୁନିୟର ନ୍ୟାସନାଲ ଖେଳିଲି ମୋ ପରିବାର ପକ୍ଷରୁ ଆହୁରି ସମର୍ଥନ କରିଥିଲା । କ୍ୟାରିୟରକୁ ଆହୁରି ଶାଣୀତ କରିବା ପାଇଁ ଖୋ ଖୋ ସମ୍ବନ୍ଧିତ ଟ୍ରେନିଂ ନେଉଛି । ଫିଟ୍‌ନେସ୍‌କୁ ବଜାୟ ରଖିବା ପାଇଁ ନିୟମିତ ବ୍ୟାୟମ ସହ ଖାଦ୍ୟ ପାନୀୟ ଉପରେ ଧ୍ୟାନ ଦେଉଛି । ବର୍ତ୍ତମାନ ମୁଁ ୱେଷ୍ଟର୍ଣ୍ଣ କାର୍ଯ୍ୟରତ ଥିବାରୁ ଖୋ ଖୋ ଅଭ୍ୟାସ ୪.୩୦ରୁ ସନ୍ଧ୍ୟା ୬.୩୦ ପର୍ଯ୍ୟନ୍ତ ହେଉଛି ବୋଲି ଆଦିତ୍ୟ କହିଛନ୍ତି ।

# ୮ରୁ ସର୍ବ ଭାରତୀୟ ଗଣ୍ଡରପୁର କପ୍ ଫୁଟବଲ

ବାରଙ୍ଗ,୬।୧୨ (ସବ୍ୟୁ): ସବୁବର୍ଷ ଭଳି ଚଳିତ ବର୍ଷ ୨୧ତମ ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ୮ ତାରିଖରୁ ଆରମ୍ଭ ହେବାକୁଯାଉଛି । ଗଣ୍ଡରପୁର ୟୁନାଇଟେଡ ୟୁଥ୍ ସ୍ପୋର୍ଟ୍ସ କ୍ଲବ ଆନୁକୁଲ୍ୟରେ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ୮ଦିନ ଏହି ଟୁର୍ଣ୍ଣାମେଣ୍ଟ ଚାଲିବ । ଏହି ପ୍ରତିଯୋଗିତାରେ ଗ୍ରାମାଞ୍ଚଳ ଏ ଡିଭିଜନ୍‌ରେ ଦେଉଳୀ ୪୨ ମୌଜା, ୟୁଜିସି ୟୁନିଭରସିଟି, ମୁଣ୍ଡୁମାଣ, ଉଷୁମା, ବଉଳକୁଦ, ମଧୁବନ, ଜୟପୁର, ସାଇଁଶୋ, ବରହୀପୁର, ଟାଙ୍ଗିବନ୍ତ, ଘାଟିକିଆ, ବେଲଗଛିଆ, ଗୋଠପୁର, ମଇନ୍ଦପୁର, ଶରଧାପୁର, ନରଣପୁର ଦଳକୁ ନେଇ ୧୬ଟି ଦଳ ଓ ଗ୍ରାମାଞ୍ଚଳ ବି-ଡିଭିଜନରେ ଗବବସ୍ତ, ଅଡଶପୁର, ନରିଶୋ କଣ୍ଟାପଡା, ତଣ୍ଡିକଣା, ଉରାଳୀ, ପଦ୍ମକେଶରପୁର, କୁରାଙ୍ଗ, ଆମଣ ଦଳକୁ ନେଇ ୮ଟି ଦଳ ରହିଛନ୍ତି ।

ସେହିପରି ସହାରାଞ୍ଚଳ ବିଭାଗରେ ଓଡ଼ିଶାରୁ ସ୍ପୋର୍ଟ୍ସ ହଷ୍ଟେଲ,ଜଗାୟୁନାଇଟେଡ-ଭୁବନେଶ୍ୱର, ସନ୍‌ରାଇଜ କ୍ଲବ୍-କଟକ, ରାଉରକେଲା-ରେଡ୍, ସମଲେଶ୍ୱରୀ ସ୍ପୋର୍ଟିଂ-ସମ୍ବଲପୁର ଦଳକୁ ନେଇ ୫ଟି ଦଳ ଅଛନ୍ତି ।

ୱାଡ଼ିସି- ମଣିପୁର, ତାମିଲନାଡୁ ପୋଲିସ୍ ଓ କେମରୁନ୍- ଦଳକୁ ନେଇ ୩ଟି ଦଳ ଭାଗ ନେବେ । ଟୁର୍ଣାମେଣ୍ଟର ଗ୍ରାମାଞ୍ଚଳ ଏ-ଡିଭିଜନ ଚାମ୍ପିଅନ ଦଳଙ୍କୁ ଟ୍ରଫି ସହିତ ନଗଦ ୧ ଲକ୍ଷ ଓ ରନର୍ସ ଅଫ୍ ଦଳଙ୍କୁ ଟ୍ରଫି ସହିତ ନଗଦ ୭୫ ହଜାରେ ଟଙ୍କା ପ୍ରଦାନ କରାଯିବ ।



ଗ୍ରାମାଞ୍ଚଳର ସର୍ବଶ୍ରେଷ୍ଠ ଖେଳାଳୀଙ୍କୁ ଏକ ବୁଲେଟ ମୋଟରସାଇକେଲ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି । ସେହିପରି ସହରାଞ୍ଚଳର ଚାମ୍ପିଅନ ଦଳଙ୍କୁ ଟ୍ରଫି ସହିତ ଟ ୭୫ ହଜାରେ ଟଙ୍କା ଓ ରନର୍ସ ଅଫ୍ ଦଳଙ୍କୁ ୬୦ ହଜାରେ ଟଙ୍କା ଦିଆଯିବ । ଗ୍ରାମାଞ୍ଚଳ ବି-ଡ଼ିଭିଜନ ଚାମ୍ପିଅନ ଦଳଙ୍କୁ ଟ୍ରଫି ସହିତ ୨୦ ହଜାରେ ଏବଂ ରନର୍ସ ଅଫ୍ ଦଳଙ୍କୁ ଟ୍ରଫି ସହିତ ୧୫ ହଜାରେ ଟଙ୍କା ପ୍ରଦାନ କରାଯିବ । ଏହି ଟୁର୍ଣ୍ଣାମେଣ୍ଟରେ କେମ୍ରୁନ୍-୧୧ ଦଳରେ ୧୧ ଜଣ ନାଇଜେରିଆ ଖେଳାଳି ବିଶେଷ ଆକର୍ଷଣ ସାଜିବାକୁ ଯାଉଛନ୍ତି । ଏହି ଟୁର୍ଣ୍ଣାମେଣ୍ଟ ସମ୍ପର୍କରେ ସମ୍ପାଦକ ମାନସ ରଞ୍ଜନ ପଡିହାରି, ଗଣ୍ଡପୁର କମିଟି ସଦସ୍ୟ ଭାସ୍କର ପଡିଆରୀ, କୈଳାସ ଚନ୍ଦ୍ର ରାଉତ, ବସନ୍ତ ରଥ, ଜିତେନ୍ଦ୍ର ସାସମଲ , ସଭାପତି ଲକ୍ଷ୍ମଣ ରାଉତ, ପ୍ରଶାନ୍ତ ପ୍ରଧାନ, କାଶୀନାଥ ରାଉତ, ଜିତେନ୍ଦ୍ର ସେନାପତୀ, ପ୍ରଶାନ୍ତ ପଡ଼ିହାରୀ ,ସଚ୍ଚିଦାନନ୍ଦ ପଡିହାରି ପ୍ରମୁଖ ଉପସ୍ଥିତ ରହି ସୂଚନା ଦେଇଥିଲେ ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541